

ପୁଣି ଫେରିବ ରଣବୀର-ଆଦିତ୍ୟ ଯୋଡ଼ି

▸ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-69 ◆TUESDAY ◆2 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୬୯ ◆ମଙ୍ଗଳବାର ◆୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ନୂଆ ରେକର୍ଡ ସ୍ତରରେ ସୁନା ଓ ରୁପା ଦର

■ ଭୁବନେଶ୍ୱର,୧।୯ (ଏଜେନ୍ସି): ସୁନା ଏବେ ଅମୂଲ ମୂଲ। ଦିନକୁ ନୂଆ ନୂଆ ରେକର୍ଡ ସ୍ତରରେ ପହଞ୍ଚୁଛି ଏହି ହଳଦିଆ ଧାତୁ। ହେଲେ ଏଥିରେ ରୁପା ବି ପଛରେ ପଡ଼ିନି। ଏବେ ସୁନା ସହ ରୁପା ଦର ମଧ୍ୟ ସବୁ ପୁରୁଣା ରେକର୍ଡ ଭାଙ୍ଗିଛି। ସୋମବାର ଘରୋଇ ବଜାରରେ ସୁନା ଦର ୧.୦୫ ଲକ୍ଷ ଟଙ୍କା ଅତିକ୍ରମ କରି ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ଏମ୍ସିଏକ୍ସରେ ସୁନା ମୂଲ୍ୟ ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ପ୍ରଥମ ଥର ପାଇଁ ପ୍ରତି ୧୦ ଗ୍ରାମ ୧,୦୫,୭୨୯ ଟଙ୍କାର ନୂତନ ସର୍ବୋଚ୍ଚ ସ୍ତର ଛୁଇଁଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୫,୮୭୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୭,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୨୮,୯୦୦ ଟଙ୍କା ସ୍ତର ଟପି ନୂଆ ଇତିହାସ ରଚିଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ୍ ▸ପୃଷ୍ଠା-୭

**୧୦ ଗ୍ରାମ୍ ପିଛା ୧.୦୫ ଲକ୍ଷ ଟପିଲା**

**ରୁପା କିଲୋ ୧.୨୮ ଲକ୍ଷ ଉପରେ**



## ଲିଭ ଇନ୍ ପାର୍ଟନରଙ୍କୁ ଜିଅନ୍ତା ଜାଳି ହତ୍ୟା

■ ବେଙ୍ଗାଲୁରୁ,୧।୯ (ଏଜେନ୍ସି): କର୍ଣ୍ଣାଟକର ବେଙ୍ଗାଲୁରୁରେ ଶନିବାର ଏକ ଭୟଭିତ କଲାଭଳି ଅପରାଧ ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ନିଜ ଲିଭ୍-ଇନ୍ ପାର୍ଟନରଙ୍କୁ ଜିଅନ୍ତା ଜାଳିଦେଇଛନ୍ତି। ଅଭିଯୁକ୍ତ କାର୍‌ରେ ବସିଥିବା ପାର୍ଟନରଙ୍କର ପିଛା କରିଥିଲେ। ସିଗ୍ନାଲରେ କାରକୁ ଅଟକାଇ ବ୍ୟକ୍ତି ଜଣକ ଏହି କାଣ୍ଡ ଘଟାଇଥିଲେ। କାରରେ ମୋଟ ୩ ଜଣ ଲୋକ ବସିଥିଲେ। ମହିଳା ଜଣକ କାରରୁ ଓହ୍ଲାଇ ଦୌଡ଼ିଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କୁ ପିଛା କରିଥିଲେ ଓ ତାଙ୍କ ଉପରେ ପେଟ୍ରୋଲ ଢ଼ାଳି ଲାଇଟର ଯୋଗେ ନିଆଁ ଲଗାଇଥିଲେ। ମହିଳାଙ୍କ ଶରୀରର ୬୦ ପ୍ରତିଶତ ଜଳିଯାଇଥିଲା। ହସ୍ପିଟାଲରେ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଅଭିଯୁକ୍ତ ହେଉଛନ୍ତି ୫୦ ବର୍ଷୀୟ କ୍ୟାବ ଡ୍ରାଇଭର ଭିଠଲ। ସେ ଜଣେ ଅଭ୍ୟାସଗତ ମଦ୍ୟପ। ମୃତକ ମହିଳାଙ୍କ ନାମ ବନଯାକ୍ଷୀ। ତାଙ୍କର ବୟସ ୩୫ ବର୍ଷର୍ ବୋଲି ପୁଲିସ ସୂଚନା ଦେଇଛି। ଦୁଇଜଣ ୪ ବର୍ଷ ତଳେ ▸ପୃଷ୍ଠା-୭



ଅଭିଯୁକ୍ତ ଗିରଫ

## ଆଫଗାନିସ୍ତାନରେ ପ୍ରଚଣ୍ଡ ଭୂକମ୍ପ

# ୧୦୦୦ରୁ ଊର୍ଦ୍ଧ୍ୱ ମୃତ, ୩୦୦୦ ଆହତ

■ କାବୁଲ, ୧।୯ (ଏଜେନ୍ସି): ଆଫଗାନିସ୍ତାନରେ ରବିବାର ମଧ୍ୟରାତିରେ ଭୟଙ୍କର ଭୂକମ୍ପ ହୋଇଛି। ୬.୩ ତୀବ୍ରତାର ଏହି ଭୂକମ୍ପ ବିପର୍ଯ୍ୟୟ ସୃଷ୍ଟି କରିଛି। ଅନେକ ଘର ଦ୍ୱାର ଭାଙ୍ଗି ଆବର୍ଜନାର ପାହାଡ଼ ସୃଷ୍ଟି କରିଛି। ରାତିରେ ଶୋଇଥିବାବେଳେ ଏହି ଭୂକମ୍ପ ଆସିଥିବାରୁ ଅନେକ ଜୀବନହାନି ହୋଇଛି। କେହି କିଛି

**ରାତି ଅଧରେ ଥରିଲାଉଠିଲା ସାରା ଦେଶ**
**ମାଟିରେ ମିଶିଗଲେ କୋଠା ସହିତ ଲୋକ**

ବୁଝିବା ଆଗରୁ ବଡ଼ ବଡ଼ କୋଠାବାଡ଼ି ମାଟିରେ ମିଶିଯାଇଛି। ବାହାରକୁ ବାହାରିବାକୁ କାହାକୁ ସମୟ ମିଳି ନ ଥିଲା। ଏହି ଅବଶେଷ ତଳେ ଚାପି ହୋଇ ୮୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ୨୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନେକ ଲୋକ ଫସି ରହିଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଏବେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଏହି ବଡ଼ ଭୂକମ୍ପ ପରେ ରାତା ସାରା ଗୋଟିଏ ପରେ ଗୋଟିଏ ଚାରୋଟି ଭୂକମ୍ପ ଆସିଥିଲା। ଏହା ଲୋକଙ୍କ ସମସ୍ୟାକୁ ବହୁଗୁଣିତ କରିଥିଲା।

ଆମେରିକା ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ ନଙ୍ଗରହାର ପ୍ରଦେଶର ଜଲାଲାବାଦରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ୬.୩ ଥିଲା। ସହରରୁ ୨୭ କିମି ଦୂରରେ ଏହାର କେନ୍ଦ୍ରସ୍ଥଳ ଥିଲା। ଭୂପୃଷ୍ଠରୁ ୮ କିମି ଗଭୀରତାରେ ଏହା ସୃଷ୍ଟି ହୋଇଥିଲା। କୁନାର ପ୍ରଦେଶରେ ଏହା ସର୍ବାଧିକ କ୍ଷତି ଘଟାଇଛି। ଏହା ପରେ ୪.୭ ତୀବ୍ରତାର ଆଉ ଏକ ଭୂକମ୍ପ ଆସିଥିଲା। ପାକିସ୍ତାନର ଖୈବର ପଖତୁନଖ୍ୱା, ପଞ୍ଜାବ ଏବଂ ▸ପୃଷ୍ଠା-୭



## ୨୪ ଘଣ୍ଟାରେ ଲଘୁଚାପ

■ ଭୁବନେଶ୍ୱର,୧।୯ (ସମିସ): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ବର୍ଷାର ପ୍ରଭାବ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଲଘୁଚାପ ପ୍ରଭାବରେ ଆଗାମୀ ୫ ଦିନ ଯାଏଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ନେଇ ଆକଳନ କରାଯାଇଥିବା ବେଳେ ୨ ଓ ୩ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ୨ ଦିନ ପାଇଁ ସାରା ରାଜ୍ୟକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି।

ଅନ୍ୟପଟେ ବର୍ତ୍ତମାନ ଘୂର୍ଣ୍ଣିବଳୟ ସହ ମୌସୁମୀ ଟ୍ରଫ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର କିଛି କିଛି ▸ପୃଷ୍ଠା-୭

# ଶିକ୍ଷକ ଯୋଗ୍ୟତା ପରୀକ୍ଷା ବାଧ୍ୟତାମୂଳକ


### ପାସ୍ ନ କଲେ ଚାକିରି ଯିବ, ୨୦୧୨ ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପାଇଁ ଲାଗୁ

■ ଭୁବନେଶ୍ୱର, ୧।୯ (ସମିସ): ଶିକ୍ଷକଙ୍କ ପାଇଁ ଯୋଗ୍ୟତା ପରୀକ୍ଷା (ଟିଇଟି) ବାଧ୍ୟତାମୂଳକ କରାଯାଇଛି। ଯେଉଁମାନେ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି, ସେମାନଙ୍କୁ ଦୁଇବର୍ଷ ମଧ୍ୟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ; ଅନ୍ୟଥା ସେମାନଙ୍କୁ ଆଉ ପଦୋନ୍ନତି ମିଳିବ ନାହିଁ। ଏପରିକି ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇ ପାରିବ। ଏନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ଏକାଧିକ ମାମଲାର ଶୁଣାଣି କରି ଜଷ୍ଟିସ ଦୀପଙ୍କର ଦତ୍ତା ଓ ଅଗଷ୍ଟିନ ଜର୍ଜ ମସିଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ରାୟ ଦେଇଛନ୍ତି।

ଦୁଇ ଜଣିଆ ଖଣ୍ଡପୀଠ ଆହୁରି କହିଛନ୍ତି ଯେ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଚାକିରି କାଳ ଆଉ ୫ ବର୍ଷ କିମ୍ବା ତା' ଠାରୁ କମ୍ ରହିଛି, ସେମାନଙ୍କ ପାଇଁ ଟିଇଟି ପରୀକ୍ଷା ବାଧ୍ୟତାମୂଳକ ନୁହେଁ। ହେଲେ ୫ବର୍ଷରୁ ଅଧିକ କାର୍ଯ୍ୟକାଳ ଥିବା ଶିକ୍ଷକ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ। ଟିଇଟି ବିନା ସେମାନଙ୍କ ପଦୋନ୍ନତି ବିଚାରକୁ ନିଆଯିବ ନାହିଁ। ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ସେମାନଙ୍କୁ ଦୁଇ ବର୍ଷ ପ୍ରଦାନ କରାଯିବ। ତନ୍ମଧ୍ୟରେ ସେମାନେ ପାସ୍ କରିବା ବାଧ୍ୟତାମୂଳକ। ଫେଲ୍ ହେଉଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଚାକିରି ଛାଡ଼ି ପାରିବେ। ଅନ୍ୟଥା ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ବ୍ୟତୀତ ଅନ୍ୟ ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ନିୟମ ଲାଗୁ ହେବ। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ସମ୍ପର୍କିତ ▸ପୃଷ୍ଠା-୭



**ଓଡ଼ିଶାରେ ୭୫ ହଜାର ଶିକ୍ଷକ ଦେବେ ଓଟିଇଟି**




## ୪ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧।୯ (ସମିସ): ସୋମବାରଠାରୁ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସେମିକନ ଇଣ୍ଡିଆ ୨୦୨୫ ସମ୍ମିଳନୀ ଓ ୫୬ତମ ଜିଏସଟି ପରିଷଦ ସମ୍ମିଳନୀରେ ମଧ୍ୟ ଯୋଗ ଦେବେ । ତେବେ ମୁଖ୍ୟମନ୍ତ୍ରୀ ଏହି ୪ ଦିନିଆ ଗସ୍ତ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ସାଂଗଠନିକ ବ୍ୟାପାର ସମ୍ପର୍କରେ ମଧ୍ୟ ଆଲୋଚନା ହେବ ବୋଲି ସୂଚନା ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଭେଟିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରି ୧୫ ମାସ ଚାଲୁଥିଲେ ହେଁ ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରିଲା ନାହିଁ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ଥର ଦିଲ୍ଲୀଗସ୍ତରେ ଯାଇ ଏନଇ ଉଦ୍ୟମ କରିଥିଲେ ହେଁ ତାହା ଫଳପ୍ରଦ ହୋଇପାରି ନାହିଁ। ଶେଷ ମୂହୂର୍ତ୍ତରେ ମୋହନ-ମନମୋହନଙ୍କ ଉଦ୍ୟମ ଫସର ଫାଟିଥିବା ବେଳେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଗଡ଼ି ଗଡ଼ି ଚାଲିଛି। ସୂଚନା ଅନୁଯାୟୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ବୋର୍ଡ, ନିଗମ ନିଯୁକ୍ତିକୁ ନେଇ ଦଳରେ ଅସନ୍ତୋଷ ବଢୁଥିବା ବେଳେ ଏ ଖବର ଦିଲ୍ଲୀର ଶୀର୍ଷ ନେତୃତ୍ୱଙ୍କ ନିକଟରେ ପହଞ୍ଚିଛି। ଶୀର୍ଷ ନେତୃତ୍ୱ ▸ପୃଷ୍ଠା-୭

**ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ହୋଇପାରେ ନିଷ୍ପତ୍ତି**

**ସଂଗଠନ ସମ୍ପର୍କରେ ମଧ୍ୟ ହେବ ଆଲୋଚନା**



## ୯୦ ଟଙ୍କା ସ୍ତର ଛୁଇଁବ ଟଙ୍କା

■ ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ମାଡ଼ରେ ଘାଇଲା ହୋଇଛି ଘରୋଇ ମୁଦ୍ରା 'ଟଙ୍କା'। ଫଳସ୍ୱରୂପ ଧରାଶାୟୀ ହୋଇଛି ଭାରତୀୟ ମୁଦ୍ରା 'ଟଙ୍କା'। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଏବେ ଭାରତ ସରକାରଙ୍କ ଆଗରେ ସବୁଠାରୁ ବଡ଼ ଚିନ୍ତାର ବିଷୟ ଯେ ଆଗାମୀ ମାସଗୁଡ଼ିକରେ ଟଙ୍କା ପ୍ରତି ଡଲାର ତୁଳନାରେ ୯୦ରେ ▸ପୃଷ୍ଠା-୭

**୧ ଡଲାର= ୮୮.୨୫ ଟଙ୍କା**



## ଅଧାରେ ରହିଗଲା ଝିଅ ଜନ୍ମଦିନ ପାଳନ

# କେକ୍ ନେବାକୁ ଆସିଥିବା ବାପାକୁ ଚାପିଦେଲା ଡମ୍ପର୍

■ ସୋର, ୧।୯ (ସମିସ): ଅଧାରେ ରହିଗଲା ଝିଅ ଜନ୍ମଦିନ ପାଳନ। କେକ୍ ନେବାକୁ ବଜାର ଆସିଥିବା ବାପାକୁ ଡମ୍ପର୍ ଚାପିଦେଲା।

**କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତଙ୍କ ରାସ୍ତାରୋକ**

ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ ଆଜି ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତକ ହେଲେ, ସୋର ଥାନା ଗୋପୀନାଥପୁର ପଞ୍ଚାୟତ ଗଡ଼ସାହି ଗ୍ରାମର ଉମାକାନ୍ତ ପାଢ଼ୀ(୩୫)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକକୁ ଗିରଫ ଦାବିରେ ସ୍ଥାନୀୟ ଲୋକ ସୋର-ଗୋପୀନାଥପୁର ରାସ୍ତାରେ ଧାରଣାରେ ବସିଛନ୍ତି। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବର ପାଇ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ସଦଳବଳେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିଲେ ହେଁ ଶେଷ ଖବର ଲେଖା ହେବା ବେଳକୁ ଅବରୋଧ ହଟିନଥିଲା। ▸ପୃଷ୍ଠା-୭





# ନେତା ଯେଉଁଠି ପଶୁଛନ୍ତି, ସେଇଠି ନିଆଁ ଲଗାଉଛନ୍ତି

ନୂଆଦିଲ୍ଲୀ, ୩୧୯ (ଏଜେନ୍ସି):ଧର୍ମ କାମରୁ ନେତାମନ୍ତ୍ରୀଙ୍କୁ ଦୂରେଇ ରଖିବା ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି କେନ୍ଦ୍ର ସଡ଼କ ପରିବହନମନ୍ତ୍ରୀ ନିତିନ ଗଡ଼କରୀ। ଧର୍ମ ଆଳରେ ରାଜନୀତି ସମାଜ ପାଇଁ କ୍ଷତିକାରକ ବୋଲି ସେ କହିଛନ୍ତି। ରବିବାର ନାଗପୁରର ମହାନୁଭବ ପନ୍ଥ ସମ୍ମିଳନୀରେ ସାମିଲ ହୋଇ ଗଡ଼କରୀ ଏହି ଟିପ୍ପଣୀ ଦେଇଥିଲେ।

କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ରାଜନୀତିଜ୍ଞ ଯେଉଁଠି ପ୍ରବେଶ କରିଛନ୍ତି, ସେଠାରେ ନିଆଁ ଲଗାଇ ଦିଅନ୍ତି। କ୍ଷମତା ହାତରେ ଧର୍ମକୁ ଦେଲେ କ୍ଷତି ହିଁ ହେବ। ଧର୍ମ କାର୍ଯ୍ୟ, ସମାଜ କାର୍ଯ୍ୟ ଏବଂ ରାଜନୈତିକ କାର୍ଯ୍ୟ ଅଲଗା ହୋଇଥାଏ। ଧର୍ମ ବ୍ୟକ୍ତିଗତ ଶ୍ରଦ୍ଧାର ବିଷୟ। କିଛି ରାଜନୀତିଜ୍ଞ ଏହାକୁ ବ୍ୟବହାର କରିଥାନ୍ତି। ଏଥିଯୋଗୁଁ ବିକାଶ ଏବଂ ନିଯୁକ୍ତି ପ୍ରସଙ୍ଗ ଗୌଣ ପାଲଟି ଯାଏ। ପ୍ରତ୍ୟେକ କ୍ଷେତ୍ରରେ ମୂଲ୍ୟବୋଧର ଗୁରୁତ୍ୱ ରହିଛି। ସତ୍ୟ, ଅହିଂସାର ଭାବ ବଜାୟ ରହିବା ଜରୁରୀ। କିନ୍ତୁ ସେ ଯେଉଁ ରାଜନୀତି କ୍ଷେତ୍ରରେ ଅଛନ୍ତି ସେଠାରେ ସତ କହିବା ମନା।

## ରାଜନୀତିରେ ସତ କହିବା ମନା

## ଅନ୍ୟକୁ ବୋକା ବନାଉଥିବା ଲୋକ ଭଲ ନେତା ହୁଅନ୍ତି

ରାଜନୀତିରେ ଏପରି ଲୋକ ଅଛନ୍ତି ଯେଉଁମାନେ ଆଗ୍ରହ, ନୂତନ ଉତ୍ସାହ ଏବଂ ଆନନ୍ଦର ସହିତ କାମ କରିଥାନ୍ତି। ତେବେ ଯେଉଁମାନେ ଅନ୍ୟମାନଙ୍କୁ ବୋକା ବନାଇବାରେ ସିଦ୍ଧହସ୍ତ ହୁଅନ୍ତି ସେମାନେ ସେତେ ଭଲ ନେତା ପାଲଟି ଯାଆନ୍ତି।

କେନ୍ଦ୍ରମନ୍ତ୍ରୀ ଜୀବନ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ ସତ୍ୟ ପାଳନ କରିବା ଉଚିତ। କାହାକୁ ଦୁଃଖ ଦେବା ଅନୁଚିତ। ସମାଜରେ ସଚ୍ଚୋଟତା, ବିଶ୍ୱସନୀୟତା ଏବଂ ସମର୍ପଣ ଭଳି ମୂଲ୍ୟବୋଧ ଅତ୍ୟନ୍ତ ଜରୁରୀ। ତେବେ ବିନା ପରିଶ୍ରମ (ସର୍ଟକଟ)ରେ କିଛି ପାଇବା ପାଇଁ ଆଶା କରିବା ଅନୁଚିତ। କାରଣ ଏପରି ପନ୍ଥା ଆପଣାଇଲେ ଶୀଘ୍ର ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ସ୍ୱପ୍ନ ଅଧାରେ ରହିଯାଏ।

# ପୁଟିନଙ୍କ କାର୍ ଏକ ଚଳନ୍ତା ଦୁର୍ଗ

ତିଆନ୍‌ଜିନ୍, ୧।୯ (ଏଜେନ୍ସି): ଏସ୍‌ସିଓ ସମ୍ମିଳନୀରେ ନରେନ୍ଦ୍ର ମୋଦୀ ସୋମବାର ରୁଷ୍ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ସାଥି ହୋଇ ତାଙ୍କ କାରରେ ଦ୍ୱିପାକ୍ଷିକ ବୈଠକ ସ୍ଥଳକୁ ଯାଇଥିଲେ। ପୁଟିନଙ୍କ ଏହି କାରକୁ 'ଅରୁସ ସେନାଟ୍ ଲିମୋଜିନ୍' କୁହାଯାଇଥାଏ। ଏହା ରୁଷ୍ ରାଷ୍ଟ୍ରପତିଙ୍କ ସରକାରୀ ବାହନ ତଥା କାର। ଏୟୁ ଓ ରୁଷ୍ ଦୁଇଟି ଶବ୍ଦକୁ ନେଇ ଏହି କାରର ନାମ ଅରୁସ ରଖାଯାଇଛି। ଏୟୁର ଅର୍ଥ ଓରମ ଅର୍ଥାତ ଲାଟିନ୍ ଭାଷାରେ ଏହାର ଅର୍ଥ ସୁନା। ସେହିପରି ରୁଷ୍‌ର ଅର୍ଥ ରୁଷିଆ। ୨୦୧୮ ରେ ପୁଟିନଙ୍କ ଚତୁର୍ଥ ଶପଥ ଗ୍ରହଣ ଉତ୍ସବରେ ଏହି କାର୍‌କୁ ପ୍ରଥମଥର ପାଇଁ ବ୍ୟବହାର କରାଯାଇଥିଲା। ଏହି କାରକୁ ରୁଷିଆର ଅରୁସ ମୋଟର୍ସ ତିଆରି କରିଥିଲା। ଜବରଦସ୍ତ ସୁରକ୍ଷା କାରଣରୁ ଏହା ଏକ 'ଚଳନ୍ତା ଦୁର୍ଗ' ବୋଲି କୁହାଯାଇପାରେ। ଏହାପୂର୍ବରୁ ପୁଟିନ ପୁରୁଣା ମର୍ସିଡିଜ ବେଞ୍ଜ୍ ଏସ୍ ୬୦୦ ଗାର୍ଡ ପୁଲମ୍ୟାନ ବ୍ୟବହାର କରୁଥଲେ। ଅରୁସ ସେନାଟ୍ ଲିମୋଜିନ୍' ମାତ୍ର ୬ ସେକେଣ୍ଡ ମଧ୍ୟରେ ଘଣ୍ଟାପ୍ରତି ଶୂନରୁ ୧୦୦ କିମି ବେଗରେ ଗତି କରିବାର କ୍ଷମତା ରଖିଥାଏ। ଏହାର ସର୍ବାଧିକ ଗତି ଘଣ୍ଟାପ୍ରତି ୨୪୯ କିମି ରହିଛି। ଏହି କାର ଗୁଳି ଓ ଗ୍ରେନେଡ ଆକ୍ରମଣକୁ ପ୍ରତିହତ କରିବାର କ୍ଷମତା ରଖୁଛି। ଏଥିରେ ରନ୍- ଫ୍ଲାଟ ଟାୟାର ଲଗା ଯାଇଛି। ୬ ସେମିର ରେନଫୋର୍ସଡ କାଚ ଲଗାଯାଇଛି। ଏଥିରେ ଜରୁରୀକାଳୀନ ପ୍ରସ୍ଥାନର ବ୍ୟବସ୍ଥା ରହିଛି। ଏହା ଲମ୍ବ ୭ ମିଟର। ଅତିରିକ୍ତ ଅମ୍ଳଯାନ ସହ ଏହି କାର ରାସାୟନିକ ଆକ୍ରମଣକୁ ମଧ୍ୟ ପ୍ରତିହତ କରିପାରିବ।

# ଏସ୍‌ସିଓ ସମ୍ମିଳନୀରେ ଶାହାବାଜ ସରିଫ୍‌ଙ୍କୁ ଅଣଦେଖା

ତିଆନଜିନ୍, ୧।୯ (ଏଜେନ୍ସି): ଚୀନ୍‌ର ତିଆନଜିନ୍ ସହରରେ ଚାଲିଥିବା ସାଂଘାଇ ସହଯୋଗ ସମ୍ମିଳନୀ (ଏସ୍‌ସିଓ) ରେ ବିଶ୍ୱର ବିଭିନ୍ନ ବଡ଼ ନେତା ତଥା ରାଷ୍ଟ୍ରମୁଖ୍ୟମାନେ ଯୋଗ ଦେଇଛନ୍ତି। ଏଥିରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ସିରିଫ୍ ମଧ୍ୟ ସାମିଲ ହୋଇଛନ୍ତି। କିନ୍ତୁ ସେ ଅଣଦେଖାର ଶିକାର ହୋଇଥିବା ଲକ୍ଷ୍ୟ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ଭିଡିଓରୁ ଏହା ସ୍ପଷ୍ଟ ହୋଇଛି। ଗୋଟେପଟେ ସମ୍ମିଳନୀରେ ବାକି ସବୁ ନେତା ସଂଯମ ଆଚରଣ କରିବା ସହ ଅତ୍ୟନ୍ତ ସହଜ ଭାବେ ଦେଖାଯାଉଥିବା ବେଳେ ଶାହାବାଜଙ୍କ ହାବଭାବ କିନ୍ତୁ ଭିନ୍ନ ମନେ ହେଉଥିଲା। ଏଥିପାଇଁ ସାମାଜିକ ଗଣମାଧ୍ୟମରେ ତାଙ୍କର ଟ୍ରୋଲିଂ ହେଉଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଓ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଫଟୋ ସେସନ ପରେ ସାଥିହୋଇ ଚାଲୁଥିଲେ। ଏତିକିବେଳେ ପଛରୁ ଆସି ଶାହାବାଜ ଅଚାନକ ଦ୍ରୁତଗତିରେ ଆସି ପୁଟିନଙ୍କ ହାତ ମିଳାଇବାକୁ ପ୍ରୟାସ କରୁଥିବାର ଭିଡିଓରେ ଦେଖାଯାଇଛି। ଶାହାବାଜଙ୍କ ଏହି ଆଚରଣଙ୍କୁ ପାକିସ୍ତାନରେ ଲୋକେ ନାପସନ୍ଦ କରିଛନ୍ତି। ଏହି ସମ୍ମିଳନୀରେ ତାଙ୍କ ବଡି ଲାଙ୍ଗୁଏଜ ଅର୍ଥାତ ହାବଭାବ ପରିହାସର ପାତ୍ର ହୋଇଛି ବୋଲି କୁହାଯାଇଛି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଜିନ୍‌ପିଙ୍ଗ ଓ ପୁଟିନ ପରସ୍ପର ସହ ଅତ୍ୟନ୍ତ ଆତ୍ମୀୟତାର ସହ ଆଲୋଚନା କରୁଥିବାର ଦେଖାଯାଇଥିଲା।

# ସରକାରୀ ବାସଭବନ ଛାଡ଼ିଲେ ପୂର୍ବତନ ଉପ-ରାଷ୍ଟ୍ରପତି ଧନଖଡ଼

ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ପୂର୍ବତନ ରାଷ୍ଟ୍ରପତି ଜଗଦୀପ ଧନଖଡ ତାଙ୍କ ସରକାରୀ ଭାସଭବନ ଛାଡ଼ିଛନ୍ତି। ସେ ଦକ୍ଷିଣ ଦିଲ୍ଲୀ ଛତାରପୁରସ୍ଥିତ ଏକ ଘରୋଇ ଫାର୍ମହାଉସକୁ ସ୍ଥାନାନ୍ତର ହୋଇଛନ୍ତି। ଏହି ଫାର୍ମହାଉସ୍ ଆଇଏନ୍‌ଏଲଡି ନେତା ଅଭୟ ଚୌତାଲାଙ୍କର ବୋଲି ଜଣାଯାଇଛି। ଧନଖଡ ପାଖାପାଖି ମାସେ ହେବ ଉପ- ରାଷ୍ଟ୍ରପତ ପଦରୁ ଇସ୍ତଫା ଦେଇଛନ୍ତି। ସେ ପାର୍ଲାମେଣ୍ଟ ହାଉସ୍ ନିକଟରେ ଥିବା ଉପ- ରାଷ୍ଟ୍ରପତିଙ୍କ ବାସଭବନରେ ଏପର୍ଯ୍ୟନ୍ତ ରହୁଥିଲେ। ଜଣେ ପୂର୍ବତନ ରାଷ୍ଟ୍ରପତି ହିସାବରେ ନୂଆ ଟାଇପ୍- ୮ ବଙ୍ଗଳା ନମିଳିବା ପର୍ଯ୍ୟନ୍ତ ଧନଖଡ ଏହି ଫାର୍ମ ହାଉସ୍‌ରେ ରହିବେ। ଅବଶ୍ୟ ତାଙ୍କୁ ୩୪ ଏପିଜେ ଅବୁଦୁଲ କାଲାମ ଆଜାଦ ମାର୍ଗରେ ଏକ ବଙ୍ଗଳା ଦିଆଯାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେବାକୁ ୩ ମାସ ସମୟ ଲାଗିବ। ପୂର୍ବତନ ଉପ- ରାଷ୍ଟ୍ରପତି ହିସାବରେ ୭୪ ବର୍ଷୀୟ ଧଡ଼ଖଡ ଏକ ନୂଆ ବଙ୍ଗଳ ଦେବାକୁ ବିଭାଗୀୟ ମନ୍ତ୍ରଣାଳୟକୁ ଆବେଦନ କରିସାରିଛନ୍ତି। ଉଲ୍ଲେଖଥାଉ କି, ଧନଖଡ ଜୁଲାଇ ୨୧ରେ ଉପ- ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇ ସମସ୍ତଙ୍କୁ ଚକିତ କରିଥିଲେ। ସେ ମଧ୍ୟ ପୂର୍ବରୁ ବିଧାୟକ ପେନସନ ପାଇଁ ଆବେଦନ କରିଥିଲେ। ସେ ଏବେ ଜଣେ ପୂର୍ବତନ ଉପ-ରାଷ୍ଟ୍ରପତି, ସାଂସଦ ଓ ବିଧାୟକ ଭାବେ ପେନସନ ପାଇବେ।

# ସୁରତ କପଡ଼ା ମିଲ୍‌ରେ ନିଆଁ; ୨ ମୃତ, ୨୦ ଆହତ

ସୁରତ, ୧।୯ (ଏଜେନ୍ସି): ଗୁଜରାଟର ସୁରଜ ଜିଲ୍ଲାର ଜୋଲବା ଗାଁରେ ଥିବା ସନ୍ତୋଷ ଟେକ୍ସଟାଇଲ୍ ମିଲ୍‌ରେ ସୋମବାର ସନ୍ଧ୍ୟାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ମିଲ୍‌ରେ ନିଆଁ ଲାଗିବା କାରଣରୁ ୨ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ଜଣ ଆହତ ହୋଇଛନ୍ତି। ରାସାୟନିକ ପଦାର୍ଥ ଥିବା ଏକ ଡ୍ରମ୍ ଫାଟିବା ଫଳରେ ମିଲ୍‌ରେ ନିଆଁ ଚାରିଆଡକୁ ବ୍ୟାପୀ ଯାଇଥିଲା। ଆହତଙ୍କୁ ବାରଡୋଲୀର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାରଡୋଲୀର ଫାୟାର ବିଗ୍ରେଡ୍‌ର ୮ରୁ ୧୦ଟି ଗାଡ଼ି ନିଆଁ ଲିଭାଇବାକୁ ପ୍ରୟାସ ଜାରି ରଖିଛନ୍ତି। କେତେଜଣ ଶ୍ରମିକ ମିଲ ଭିତରେ ଫସି ରହିଛନ୍ତି। ନିଆଁ ଲାଗିବା ପରେ ମିଲ୍ ଭିତରରେ ଶ୍ରମିକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। କେତେଜଣ ଶ୍ରମିକ ଏବେ ମଧ୍ୟ ନିଖୋଜ ରହିଛନ୍ତି।

# ଏସ୍‌ସିଓ ସମ୍ମିଳନୀରେ ଭାରତକୁ ବଡ଼ ସଫଳତା



ବେଜିଂ, ୩୧୯ (ଏଜେନ୍ସି): ଚୀନ୍‌ର ଜିଆନଜିନ୍‌ରେ ଅନୁଷ୍ଠିତ ସାଙ୍ଘାଇ ସହଯୋଗ (ଏସ୍‌ସିଓ) ଶିଖର ସମ୍ମିଳନୀରେ ଭାରତକୁ ବଡ଼ ସଫଳତା ମିଳିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଉପସ୍ଥିତିରେ ସଦସ୍ୟ ରାଷ୍ଟ୍ରମାନେ ପହଲଗାମ ଆକ୍ରମଣକୁ ନିନ୍ଦା କରିଛନ୍ତି। ମୃତକଙ୍କ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ଏସ୍‌ସିଓର ଘୋଷଣାପତ୍ରରେ କୁହାଯାଇଛି ଯେ ଏହି ଆକ୍ରମଣର ଅପରାଧୀ, ପ୍ରୋତ୍ସାହନକାରୀ ଏବଂ ସେମାନଙ୍କୁ ସମର୍ଥନ କରିଥିବା ଲୋକଙ୍କୁ ଦଣ୍ଡ ଦେବା ଜରୁରୀ। ଅନ୍ୟପକ୍ଷରେ ଏହି ସମ୍ମିଳନୀ ଉପରେ ସାରା ବିଶ୍ୱର ନଜର ଥିଲା। ଏଠାରେ ରଷ୍ ରାଷ୍ଟ୍ରପତି ଭ୍ଲାଦିମର ପୁଟିନ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଭାବେ ଆଲୋଚନା କରିଥିଲେ। ଏହି ସମୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଅଣଦେଖା କରାଯାଇଥିଲା। ଏଠାରେ ମୋଦୀ, ପୁଟିନ ଏବଂ ଜିନପିଙ୍ଗଙ୍କ ବନ୍ଧୁତାକୁ ନେଇ ଚର୍ଚ୍ଚା ହେଉଛି। ଆମରିକା ଶୁଳ୍କର ମୁକାବିଲା ପାଇଁ ତିନି ନେତା ଆଲୋଚନା କରିଥିବା କୁହାଯାଉଛି। ଏହାକୁ ତ୍ରିପାକ୍ଷିକ ରଣନୀତି ଭାବେ ଦେଖାଯାଉଛି। ଆମେରିକାର ବିକଳ୍ପ ପାଇଁ ସଦସ୍ୟ ରାଷ୍ଟ୍ର ଚର୍ଚ୍ଚା କରିଥିବା କୁହାଯାଉଛି।

ସମ୍ମିଳନୀ ପରେ ପୁଟିନ ଏବଂ ମୋଦୀଙ୍କ ମଧ୍ୟରେ ବୈଠକ ହେବାର ଥିଲା। ଏଥିପାଇଁ ପୁଟିନ ମୋଦୀଙ୍କୁ ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ଉଭୟେ ଗୋଟିଏ କାର୍‌ରେ ବସି ବୈଠକ ସ୍ଥାନକୁ ଯାଇଥିଲେ। ଏହା ପୂର୍ବରୁ ଉଭୟ ନେତା କାର୍ ଭିତରେ ୪୫ ମିନିଟ ପର୍ଯ୍ୟନ୍ତ ଗୁପ୍ତ ଆଲୋଚନା କରିଥିଲେ। ଏହା ପୂର୍ବରୁ ନିଜ ଚୀନ୍ ଗସ୍ତର ଶେଷ ଦିନରେ ମୋଦୀ ଏସ୍‌ସିଓ ବୈଠକକୁ ସମ୍ବୋଧନ କରିଥିଲେ। ସେ କହିଥିଲେ ଯେ ଆତଙ୍କବାଦ ବିଶ୍ୱ ପାଇଁ ବିପଦ। ପହଲଗାମ ଆକ୍ରମଣର ଉଲ୍ଲେଖ କରି ଏହାକୁ ଆତଙ୍କବାଦର ସବୁଠାରୁ ଖରାପ ରୂପ ଭାବେ ଦର୍ଶାଇ ଥିଲେ। ଗତ ଚାରି ଦଶନ୍ଧି ହେଲା ଭାରତ ଏହାର ଶିକାର ହେଉଛି ବୋଲି କହିଥିଲେ। କିଛି ଦେଶ ଆତଙ୍କବାଦକୁ ମୁକ୍ତ ସମର୍ଥନ ଦେଉଥିବା ପ୍ରସଙ୍ଗ ଦେଉଛନ୍ତି। ଏହାକୁ ସହ୍ୟ ନ କରିବା ଉଚିତ। ଆତଙ୍କବାଦର ପ୍ରତ୍ୟେକ ରୂପକୁ ବିରୋଧ କରାଯିବା ଆବଶ୍ୟକ। କେବଳ ଯୋଗାଯୋଗ ନୁହେଁ, ବିଶ୍ୱାସ ଏବଂ ବିକାଶ ଦ୍ୱାର ସମ୍ବନ୍ଧ ମଝବୁତ ହୋଇଥାଏ ବୋଲି ମୋଦୀ କହିଥିଲେ। ସେ ଏସ୍‌ସିଓକୁ ସୁରକ୍ଷା, ଯୋଗାଯୋଗ ଏବଂ ସୁଯୋଗ ଦର୍ଶାଇ ଥିଲେ। ସେହିପରି ଆଜି ଚୀନ୍ ରାଷ୍ଟ୍ରପତି ଏସ୍‌ସିଓ ଦେଶ ପାଇଁ ୨୮୧ ନିୟୁତ ଡଲାରର ସହାୟତା ଘୋଷଣା କରିଥିଲେ। ନାଟୋର ସମ୍ପ୍ରସାରଣ ନ ହେଲେ ୟୁକ୍ରେନ ଯୁଦ୍ଧ ଶେଷ ହୋଇଯିବ ବୋଲି ପୁଟିନ ଉଲ୍ଲେଖ କରିଥିଲେ। ଏ ବିଷୟରେ ଭାରତ ଏବଂ ରୁଷ୍ କ୍ରମାଗତ ଭାବେ ଚର୍ଚ୍ଚା ଜାରି ରଖିଥିବା ମୋଦୀ ସୂଚନା ଦେଇଥିଲେ। ଦ୍ୱିପାକ୍ଷିକ ବୈଠକରେ ପୁଟିନ ଏବଂ ମୋଦୀ ସମ୍ବନ୍ଧକୁ ଅଧିକ ମଝବୁତ କରିବା ପାଇଁ କହିଥିଲେ। ମୋଦୀ କହିଥିଲେ ଯେ କଠିନ ସମୟରେ ଦୁଇ ଦେଶ କାନ୍ଧରେ କାନ୍ଧ ମିଶାଇ ଛିଡ଼ା ହୋଇଛନ୍ତି। ଏହି ସମ୍ବନ୍ଧ କେବଳ ଦୁଇ ଦେଶ ପାଇଁ ନୁହେଁ, ବରଂ ବିଶ୍ୱର ଶାନ୍ତି, ସମୃଦ୍ଧି ଓ ସ୍ଥିରତା ପାଇଁ ଜରୁରୀ।

# ଚୀନ୍, ରୁଷ୍ ସହ ଭାରତର ବନ୍ଧୁତା ଆମେରିକା ପାଇଁ ଅସହ୍ୟ

ନୂଆଦିଲ୍ଲୀ, ୩୧୯ (ଏଜେନ୍ସି): ବିଶ୍ୱରେ ଭାରତର ପ୍ରଭାବ ବୃଦ୍ଧି ପାଇ ଚାଲିଛି। ଦୁନିଆରେ ଦୁଇ ଦୁଇଟି ଯୁଦ୍ଧ ଚାଲିଥିବାବେଳେ ଭାରତୀୟ ଅର୍ଥନୀତିର ପ୍ରଦର୍ଶନ ବହୁତ ଭଲ ରହିଛି। କିନ୍ତୁ ଶୁଳ୍କ ଲଗାଇ ବିଶ୍ୱ ବଜାରକୁ ଅସ୍ଥିର କରିଥିବା ଆମେରିକା ପାଇଁ ଏହା ଅସହ୍ୟ ପାଲଟି ଯାଇଛି। ୟୁକ୍ରେନ ଯୁଦ୍ଧ ପାଇଁ ଭାରତକୁ ଦୋଷ ଦେଇ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିବା ଆମେରିକା ପାଇଁ ଏସ୍‌ସିଓ ଶିଖର ସମ୍ମିଳନୀ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଚୀନ୍‌ର ଟିଆନଜିନ୍‌ରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଲ ହୋଇ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ତିନି ଦେଶ ପାରସ୍ପରିକ ବାଣିଜ୍ୟିକ ଏବଂ ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ବୃଦ୍ଧି କରିବା ପାଇଁ ରାଜି ହୋଇଛନ୍ତି। ବିଶ୍ୱରେ ଶାନ୍ତି, ସମୃଦ୍ଧି ଏବଂ ସ୍ଥିରତା ଲାଗି ଭାରତ, ଚୀନ୍ ଏବଂ ରୁଷ୍ ସମ୍ବନ୍ଧ ଗୁରୁତ୍ୱପୂର୍ଣ୍ଣ ବୋଲି ତିନି ନେତା ପ୍ରକାଶ କରିଛନ୍ତି। ଖାଲି ସେତିକି ନୁହେଁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କର ମୁକାବିଲା କରିବାକୁ ଏହି ସମ୍ମିଳନୀରେ ଆଲୋଚନା ହୋଇଥିବା କୁହାଯାଉଛି। କିନ୍ତୁ ଏହି ସମ୍ମିଳନୀ ଉପରେ ତୀକ୍ଷଣ ଦୃଷ୍ଟି ରଖିଥିବା ଆମେରିକା ପାଇଁ ଏହି ଦୁଇ ଦେଶ ସହ ଭାରତର ସମ୍ବନ୍ଧକୁ ସହଜରେ ହଜମ କରିପାରୁନି। ଶୁଳ୍କ ଚାପ ପକାଇବାରେ ବିଫଳ ହୋଇଥିବା ୱାସିଂଟନ ଏବେ ଭାରତର ଜାତି ରାଜନୀତି ପ୍ରସଙ୍ଗ ଉଠାଇ ବିବାଦ ସୃଷ୍ଟି କରିବାକୁ ପ୍ରୟାସ କରିଛି।

- ତେଲ ପରେ ଜାତି ରାଜନୀତିରେ ମୁଣ୍ଡ ପୁରାଇଲେ ଟ୍ରମ୍ପଙ୍କ ପରାମର୍ଶଦାତା
- ରୁଷ ତେଲ୍‌ରୁ ଭାରତୀୟ ବ୍ରାହ୍ମଣଙ୍କୁ ଲାଭ; ବହୁମୂଲ୍ୟ ଦେଉଛି ଦେଶ
- ଚୀନ, ରୁଷ୍‌ର ନିକଟତର ହେଲେ ବିଶ୍ୱରେ ଅଶାନ୍ତି ବ୍ୟାପିବ

ଏସ୍‌ସିଓ ସମ୍ମିଳନୀ ଚାଲିଥିବାବେଳେ ଟ୍ରମ୍ପଙ୍କ ବାଣିଜ୍ୟିକ ପରାମର୍ଶଦାତା ପିଟର ନଭାରୋ ରୁଷ୍ ତେଲ କିଣିବାକୁ ନେଇ ଭାରତୀୟ ବ୍ରାହ୍ମଣଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ରୁଷ୍ ତେଲ କିଣି ଭାରତୀୟ ବ୍ରାହ୍ମଣ ଲାଭ କମାଉଛନ୍ତି। କିନ୍ତୁ ସମଗ୍ର ଭାରତ ଏହାର ମୂଲ୍ୟ ଦେଉଛି। ରୁଷରୁ ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧକୁ ଅର୍ଥ ଦେଉଛି। ଏଥିପାଇଁ ନୂଆଦିଲ୍ଲୀ ଉପରେ ସର୍ବାଧିକ ଶୁଳ୍କ ଲଗାଯାଇଛି। ଏହା ଦ୍ୱାରା ରୁଷ୍ ଏବଂ ଆମେରିକାର କ୍ଷତି ହେଉନାହିଁ, ବରଂ ସାଧାରଣ ଭାରତୀୟ ଏଥିପାଇଁ ବହୁମୂଲ୍ୟ ଦେଉଛନ୍ତି। ଏହା ସମସ୍ତଙ୍କୁ ବୁଝିବାକୁ ହେବ। ନଭାରୋ ଭାରତକୁ ରୁଷ୍‌ର ୱାସିଂ ମେସିନ କହିଛନ୍ତି। ଭାରତ କେବଳ ବାଣିଜ୍ୟ ଅସନ୍ତୁଳନ ବୃଦ୍ଧି କରୁନାହିଁ, ବରଂ ଏଭଳି ମେଣ୍ଟ ସୃଷ୍ଟି କରିଛି ଯାହା ଆମେରିକାର ସ୍ୱାର୍ଥ ବିରୋଧୀ ବୋଲି ସେ ଅଭିଯୋଗ କରିଛନ୍ତି।

ନଭାରୋ କହିଛନ୍ତି ଯେ ଭାରତ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର। ଏହି ଦେଶ ଚୀନ୍ ଏବଂ ରୁଷର ନିକଟତର ହେଲେ ବିଶ୍ୱରେ ଅଶାନ୍ତି ବ୍ୟାପିବ। କମ୍ୟୁନିଷ୍ଟ ଦେଶ ରୁଷ ସହ ମୋଦୀ କାହିଁକି ହାତ ମିଶାଉଛନ୍ତି ତାହା ବୁଝାପଡୁନାହିଁ ବୋଲି ନଭାରୋ କହିଛନ୍ତି। ଏହି ଟିପ୍ପଣୀକୁ କଂଗ୍ରେସ ନେତା ପବନ ଖେଡ଼ା ବିରୋଧ କରିଛନ୍ତି। ଆପତ୍ତି ଉଠାଇ ସେ କହିଛନ୍ତି ଯେ ଆମେରିକା ଏଭଳି ଆଧାରହୀନ ଟିପ୍ପଣୀ ଦେବା ଅନୁଚିତ। ସେହିପରି ଟିଏମସି ସାଂସଦ ସାଗରିକା ଘୋଷ କହିଛନ୍ତି ଯେ ବିଶ୍ୱରେ ଇଂରାଜୀ କହୁଥିବା ଧନୀକ ଶ୍ରେଣୀର ଲୋକଙ୍କୁ ବ୍ରାହ୍ମଣ କୁହଯାଏ। ଏଭଳି ସ୍ଥିତିରେ ନଭାରୋଙ୍କ ବୟାନ ବିଭ୍ରାନ୍ତିକର। ଏହା ତାଙ୍କ ଅଜ୍ଞାନତାକୁ ଦର୍ଶାଉଛି। ଏହା ପୂର୍ବରୁ ନଭାରୋ ୟୁକ୍ରେନ ସଂଘର୍ଷକୁ ମୋଦୀଙ୍କ ଯୁଦ୍ଧ କହିଥିଲେ।

# ବିହାର ଭୋଟର ତାଲିକାରେ ନାମ ସାମିଲର ତାରିଖ ବଢ଼ିବନି

ନୂଆଦିଲ୍ଲୀ, ୩୧୯ (ଏଜେନ୍ସି): ସୁପ୍ରିମକୋର୍ଟରେ ସୋମବାର ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ମାମଲାର ଶୁଣାଣି ହୋଇଛି। ଏସ୍‌ଆଇଆରର ସମୟସୀମା ବଢ଼ାଇବା ନେଇ ହୋଇଥିବା ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ତେବେ ଆଜି ପରେ ଦାଖଲ କରାଯାଇଥିବା ଦାବି ଏବଂ ଆପତ୍ତିକୁ ବିଚାର କରାଯିବ ବୋଲି କୋର୍ଟଙ୍କୁ ନିର୍ବାଚନ କମିଶନ ଜଣାଇଛନ୍ତି। ସୂଚନା ଅନୁଯାୟୀ ଚିଠା ଭୋଟର ତାଲିକାରେ ନାମ ସାମିଲ କିମ୍ବା ସଂଶୋଧନ ପାଇଁ ଆଜି ଶେଷ ତାରିଖ ଥିଲା। ଆବେଦନକାରୀ ଏହି ସୀମାକୁ ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇବାକୁ ଦାବି କରିଥିଲେ। ତେବେ ସେପ୍ଟେମ୍ବର ୩୦ ପରେ ବି ଆବେଦନ ସ୍ୱୀକାର କରାଯିବ ବୋଲି ଇସିଙ୍କ ପକ୍ଷରୁ କୁହାଯାଇଥିଲା। ଏ ପର୍ଯ୍ୟନ୍ତ ୭.୨୪ କୋଟି ଭୋଟରଙ୍କ ମଧ୍ୟରୁ ୯୯.୫ ପ୍ରତିଶତ କାଗଜପତ୍ର ଜମା କରିଥିବା ଏବଂ ୧.୩୪ ଲକ୍ଷ ନାମ କଟାଇବାକୁ ନିବେଦନ କରିଥିବା ସୂଚନା ଦିଆଯାଇଥିଲା। ତେଣୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିଦେଇଥିଲେ।

# ଉତ୍ତର ଭାରତରେ ପ୍ରବଳ ବର୍ଷା

# ସିମ୍‌ଲାରେ ଭୂସ୍ଖଳନ ଯୋଗୁଁ ୪ ମୃତ



ଡେରାଡୁନ, ୧।୯ (ଏଜେନ୍ସି): ଉତ୍ତର ଭାରତରେ ମୌସୁମୀ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ ଓ ଜମ୍ମୁ-କଶ୍ମୀରରେ ପ୍ରବଳ ବର୍ଷା ଯୋଗୁଁ ସ୍ଥିତି ଆହୁରି ଖରାପ ହୋଇଛି। ହିମାଚଳରେ ରବିବାରଠାରୁ ବର୍ଷା ଜାରି ରହିଛି। ଶିମଳାର କୋଟଖାଇ, ଜୁବ୍ବାଲ ଓ ଜୁଙ୍ଗାରେ ରବିବରା ବିଳମ୍ବିତ ରାତିରେ ଭୂସ୍ଖଳନ ହୋଇଛି ଓ ଏଥିରେ ୪ ଜଣ ଲୋକ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ହିମାଚଳକୁ ବିଧାନସଭାରେ ରାଜ୍ୟକୁ ପ୍ରାକୃତିକ ବିପର୍ଯ୍ୟୟ କବଳିତ ରାଜ୍ୟ ଭାବେ ଘୋଷଣା କରିଛନ୍ତି। ଚଣ୍ଡିଗଡ଼- ମନାଲୀ ଫୋରଲେନ୍ ସମେତ ୫ଟି ରାଜପଥ ଓ ପାଖାପାଖି ୮୦୦ଟି ସଡକକୁ ବନ୍ଦ କରାଯାଇଛି। କୁଲ୍ଲୁ ସମେତ ୧୦ଟି ଜିଲ୍ଲାରେ ସୋମାବାର ସ୍କୁଲ ଓ କଲେଜ ବନ୍ଦ କରିଦିଆଯାଇଛି।

## ଉତ୍ତରାଖଣ୍ଡ ୪ ଧାମ ଯାତ୍ରା ୫ ପର୍ଯ୍ୟନ୍ତ ସ୍ଥଗିତ

## ହରିୟାଣାରେ ୫୦ ଏକର ଜମି ଜଳମଗ୍ନ

ଉତ୍ତରାଖଣ୍ଡର କେଦାରନାଥ ଜାତୀୟ ରାଜପଥରେ ସୋମାବାର ଭୂସ୍ଖଳନ ଯୋଗୁଁ ଦୁଇଜଣ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ଫଳରେ ରାଜ୍ୟରେ ରେଡ ଆଲର୍ଟ ଜାରି କରାଯାଇଛି ଓ ୪ ଧାମ ଯାତ୍ର ସହ ହେମକୁଣ୍ଡ ସାହିବ ଯାତ୍ରା ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସେହିପରି ଜମ୍ମୁ-କଶ୍ମୀରର ରୋଜୋରି ଜିଲ୍ଲାରେ ଭୂସ୍ଖଳନ କାରଣରୁ ୧୨ଟି ଘର ଭାଙ୍ଗିଯାଇଛି। ହରିୟାଣର ୬ଟି ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସିରସାରେ ୫୦ ଏକର ଚାଷ ଜମି ଜଳମଗ୍ନ ହୋଇଛି। ସୋମବାର ସକାଳେ ହାଥିନିକୁଣ୍ଡ ବ୍ୟାରେଜ୍‌ରେ ୨୯, ୩୧୩ କ୍ୟୁସେକ ଜଳ ଛଡା ଯାଇଛି। ଫଳରେ ଯମୁନାର ଜଳସ୍ତର ବିପଦ ସଂକେତ ଉର୍ଦ୍ଧ୍ୱରେ ବହୁଛି। ଦିଲ୍ଲୀ ସରକାର ବନ୍ୟା ନେଇ ସତର୍କତା ଜାରି କରିଛନ୍ତି। ଅନ୍ୟପଟେ ପଞ୍ଜାବର ୯ ଜିଲ୍ଲା ଯଥା ଫଜିଲକା, ଫିରୋଜପୁର, କପୁରଥାଲା, ପଠାନକୋଟ, ତାରା ତାରାନ ଓ ବର୍ଣ୍ଣାଲଶରେ ବନ୍ୟା ସ୍ଥିତି ଜାରି ରହିଛି। ଏପର୍ଯ୍ୟନ୍ତ ୧୩୧୨ ଗାଁ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ଜଳନ୍ଧର ଓ ଲୁଧିଆନାର ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ରାଜସ୍ଥାନର ବିକାନେରରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି। ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ଜୁନ୍ ୨୦ରୁ ମୌସୁମୀ ଆସିବା ପରେ ହିମାଚଳରେ ଏପର୍ଯ୍ୟନ୍ତ ୩୨୦ ଲୋକ ବର୍ଷା ଜନିତ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି ଓ ୩ ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଜମ୍ମୁର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ସେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାଗୱନ୍ତ ମାନ୍‌ଙ୍କ କଥା ହୋଇଛନ୍ତି ଓ ଯଥାସମ୍ଭବ ସାହାଯ୍ୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଜାବରେ ସ୍କୁଲ ଓ କଲେଜକୁ ୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

# କୋର୍ଟରେ ପଡ଼ି ରହିଛି ସିବିଆଇର ୭, ୦୭୨ ଦୁର୍ନୀତି ମାମଲା

ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ (ସିବିଆଇ) ବାର୍ଷୀକ ବିବରଣୀ ପ୍ରକାଶ ପାଇଛି। ଏଥିରେ ସିବିଆଇର ୭୦୭୨ ଦୁର୍ନୀତି ମାମଲା ଦେଶର ବିଭିନ୍ନ କୋର୍ଟରେ ପେଣ୍ଡିଂ ହୋଇ ପଡ଼ିଛି। ତେବେ ଚିନ୍ତାର ବିଷୟ ହେଉଛି ଯେ, ଏଥିରୁ ୨, ୬୬୦ ମାମଲା ୧୦ ବର୍ଷ ପୁରୁଣା। ପୁଣି ଏଥିରୁ ୩୭୯ ମାମଲା ୨୦ ବର୍ଷରୁ ଅଧିକ ସୟମ ଅଟକି ରହିଛି। ସେହିପରି ୨, ୨୮୧ ମାମଲା ୧୦ରୁ ୨୦ ବର୍ଷ ମଧ୍ୟର ଓ ଏଗୁଡିକ ମଧ୍ୟ ପେଣ୍ଡିଂ ହୋଇ ପଡ଼ିଛି। ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ୧, ୫୦୬ ମାମଲା ୩ ବର୍ଷରୁ କମ୍ ସମୟ ମଧ୍ୟରେ, ୭୯୧ ମାମଲା ୩ରୁ ୫ ବର୍ଷ ସମୟ ମଧ୍ୟରେ ଓ ୨, ୧୧୫ ମାମଲା ୫ରୁ ୧୦ ବର୍ଷ ହେବ କୋର୍ଟରେ ପଡ଼ିରହିଛି। ସିବିଆଇ ଓ ଅଭିଯୁକ୍ତଙ୍କ ୧୩, ୧୦୦ ଅପିଲ ତଥା ସଂଶୋଧନ ଆବେଦନ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ପଡ଼ି ରହିଛି। ଏଗୁଡିକ ମଧ୍ୟରୁ ୬୦୬ ଆବେଦନ ୨୦ ବର୍ଷରୁ ଅଧିକ ଏବଂ ୧, ୨୨୭ ଆବେଦନ ୧୫ରୁ ୨୦ ବର୍ଷ ମଧ୍ୟରେ କୋର୍ଟରେ ପଡ଼ିରହିଛି।

# ସରିଲା ରାହୁଲଙ୍କ ଭୋଟର ଅଧିକାର ଯାତ୍ରା

# ୬ ମାସରେ ଭୁଶୁଡ଼ିବ କେନ୍ଦ୍ର ସରକାର: ଖଡ଼୍‌ଗେ

ପାଟନା, ୩୧୯ (ଏଜେନ୍ସି): ବିହାରରେ ୧୬ ଦିନ ହେଲା ଚାଲିଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା' ସୋମବାର ପାଟନାରେ ଶେଷ ହୋଇଛି। ଗାନ୍ଧୀ ମୈଦାନରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସକାଳ ୧୧ଟାରେ ରାହୁଲ ପଦଯାତ୍ରା ଆରମ୍ଭ କରିଥିଲେ। ସାଢ଼େ ତିନି ଘଣ୍ଟା ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ହାଇକୋର୍ଟ ନିକଟରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏହି ଯାତ୍ରା ଶେଷ ହୋଇଥିଲା। ଏହା ପୂର୍ବରୁ ରାହୁଲ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ ଏହି ଯାତ୍ରାକୁ ଡାକବଙ୍ଗଳା ଛକରେ ଅଟକାଇ ଦେଇଥିଲେ। ଏଠାରେ ଜନସଭାକୁ ସମ୍ବୋଧନ କରି ରାହୁଲ ବିଜେପିକୁ ନିଶାଣ କରିଥିଲେ। ସେ କହିଥିଲେ ଯେ ଲୋକଙ୍କ ଭୋଟ ଚୋରି କରି ଏନ୍‌ଡିଏ ଜିତିଛି। ମହାରାଷ୍ଟ୍ରରେ ବି ଏମାନେ ଭୋଟ ଚୋରି କରିଥିଲେ। କେବଳ ଦେଶରେ ନୁହେଁ, ଚୀନ୍ ଲୋକ ମଧ୍ୟ କହୁଛନ୍ତି 'ଭୋଟ ଚୋର, ଗଦି ଛାଡ଼'। ଏହି ଯାତ୍ରାକୁ ବିଜେପି ଲୋକ କଳା ପତାକା ଦେଖାଉଛନ୍ତି। ସେମାନେ ଜାଣି ରଖିବା ଉଚିତ ଯେ ପରମାଣୁ ବୋମାଠାରୁ ହାଇଡ୍ରୋଜେନ ବୋମା ବଡ଼। ଏହି ବୋମା ଆସୁଛି। ଭୋଟ ଚୋରିର ସତ୍ୟ ବିଷୟରେ ସାରା ଦେଶ ଜାଣିବ। ଆମେ ସମ୍ବିଧାନକୁ ହତ୍ୟା କରିବାକୁ ଦେବୁ ନାହିଁ। ବିହାରରେ ଏହି ଯାତ୍ରାକୁ ଲୋକେ ଅଶେଷ ସମର୍ଥନ ଦେଇଛନ୍ତି।

## ହାଇଡ୍ରୋଜେନ ବୋମା ବିସ୍ଫୋରଣ: ରାହୁଲ

ରାହୁଲଙ୍କ ଅଭିଭାଷଣ ସରିବା ପରେ ଦୁଇ ଯୁବକ କଳା ପତାକା ଦେଖାଇ ଥିଲେ। ଏହା ପରେ ହଙ୍ଗାମା ଆରମ୍ଭ ହୋଇଥିଲା। ପୁଲିସ ସେଠାରୁ ଦୁଇ ଯୁବକଙ୍କୁ ଯେନତେନ ଉପାୟରେ ବାହାର କରି ଥାନାକୁ ନେଇଥିଲା। ଏହା ପରେ ରାହୁଲ ଦିଲ୍ଲୀ ଫେରି ଯାଇଥିଲେ। ଏହା ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଜନସଭାକୁ ସମ୍ବୋଧନ କରି ୬ ମାସ ମଧ୍ୟରେ କେନ୍ଦ୍ର ସରକାର ଭୁଶୁଡ଼ି ଯିବ ବୋଲି କହିଥିଲେ। ବିଜେପି ଭୋଟ ଚୋରି କରି ବିହାର ଜିତିବାକୁ ପ୍ରୟାସ କରୁଛି। ତେଣୁ ଲୋକଙ୍କୁ ସତର୍କ ରହିବାର ଆବଶ୍ୟକତା ରହିଛି। ସତର୍କ ନ ରହିଲେ ଲୋକଙ୍କୁ ବୁଡ଼ାଇ ଦେବେ। ଏହା ସହିତ ସରକାରଙ୍କ ପକ୍ଷରୁ ପୁଲିସ ବ୍ୟବସ୍ଥା ହୋଇ ନ ଥିବା ଖଡଗେ କହିଥିଲେ। ସେ ଏହାକୁ ନେଇ ପୁଲିସକୁ ଚେତାବନୀ ଦେଇଥିଲେ। ଖୁବଶୀଘ୍ର ଆମ ସରକାର ଆସିବାକୁ ଯାଉଛି।



ସେତେବେଳେ ପୁଲିସକୁ କାମ କରିବାକୁ ପଡିବ ବୋଲି ଖଡଗେ କହିଥିଲେ। ସେହିପରି ତେଜସ୍ୱୀ କହିଥିଲେ ଯେ ଲାଲୁ ଜୀ ବିଜେପିକୁ ଡରି ନ ଥିଲେ। ତାଙ୍କ ପୁଅ ମଧ୍ୟ ଏତଲାକୁ ଡରିବ ନାହିଁ। ବିହାରରେ ଡବଲ ଇଞ୍ଜିନ ସରକାର ଚାଲିଥିବା କୁହାଯାଉଛି। ଏହାର ଗୋଟିଏ ଇଞ୍ଜିନ ଅପରାଧ ଏବଂ ଅନ୍ୟଟି ଦୁର୍ନୀତି। ଏମାନେ ବିହାରୀଙ୍କୁ ଠକିବାକୁ ଚାହୁଁଛନ୍ତି।

# ବୃଦ୍ଧଙ୍କୁ ପିଟିପିଟି ହତ୍ୟା

ମୋରଡା/ରାସଗୋବିନ୍ଦପୁର, ୧।୯ (ସମିସ): ପିଟିପିଟି ବୃଦ୍ଧଙ୍କୁ ମାରିଦେଲେ। ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୁଡ଼ିଖଣିଆ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ସୋରେନ ଟୁଡୁ। ସୂଚନାନୁଯାୟୀ, ସୋରେନ ପୂର୍ବରୁ ପାଞ୍ଚମାଣିଆ ସ୍ଥିତ ସରକାରୀ ଦେଶୀ ଭାଟିରୁ ମଦ କିଣି ଆଣି ଚୋରାରେ ବିକ୍ରି କରୁଥିଲେ। ସୋରେନଙ୍କ କେହି ସନ୍ତାନ ନ ଥିବାରୁ ତାଙ୍କ ପୁତୁରା ମହନ କିସ୍କୁଙ୍କ ଘରେ ରହି ଆସୁଥିଲେ। ପରେ ମଦ ବିକ୍ରି ମଧ୍ୟ ବନ୍ଦ କରିଦେଇଥିଲେ। ରବିବାର ସନ୍ଧ୍ୟାରେ ଏକ ବାଇକ୍‌ରେ ପାଞ୍ଚମାଣିଆ ଗ୍ରାମର ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, ଝରିଆ ଗ୍ରାମର କୁଅଁର ମୁର୍ମୁ, ଦେଶୀ ମଦଭାଟି ମ୍ୟାନେଜର୍ କାର୍ତ୍ତିକ ତାଙ୍କ ଘରେ ପଶି ତାଙ୍କୁ ଧମକଚମକ ଦେଇଥିଲେ। କାହିଁକି ମଦ ତିଆରି କରୁଛୁ ବୋଲି ପ୍ରଶ୍ନ କରିଥିଲେ। ସୋରେନ ସେମାନଙ୍କୁ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସୋରେନ ତଳେ ପଡ଼ିଯିବା ସହ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ସୋରେନଙ୍କ ପୁତୁରା ସନା କିସ୍କୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଆର୍‌ଆଇ, ଅମିନ ପ୍ରିଲିମ୍‌ସ ଅକ୍ଟୋବର ୮ରୁ

ଭୁବନେଶ୍ୱର, ୧।୯ (ସମିସ): ବାତିଲ୍ ହୋଇଥିବା ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ପୁଣିଥରେ ଅକ୍ଟୋବର ୮ ତାରିଖରୁ ଆରମ୍ଭ ହେବ। କମ୍ପ୍ୟୁଟର୍ ବେସଡ୍ ନିଯୁକ୍ତି ପରୀକ୍ଷା (ସିବିଆର୍‌ଇ) ମାଧ୍ୟମରେ ଆଶାୟୀମାନେ ପରୀକ୍ଷା ଦେବେ। ନଭେମ୍ବର ତୃତୀୟ ସପ୍ତାହ ମଧ୍ୟରେ ଏକାଧିକ ସିଫ୍ଟରେ ପରୀକ୍ଷା ହେବ। ଏଥିପାଇଁ ନର୍ମାଲାଇଜେସନ୍ ପ୍ରକ୍ରିୟା ଆପଣାଯିବ। ଏହାସହ ପ୍ରତି ଜିଲ୍ଲାରେ ପରୀକ୍ଷା କେନ୍ଦ୍ର କରାଯିବ। ଯେଉଁ ଜିଲ୍ଲାରେ ଉପଯୁକ୍ତ ପରୀକ୍ଷା କେନ୍ଦ୍ର ନାହିଁ, ସେହି ଜିଲ୍ଲାର ପିଲାମାନେ ଆବେଦନ ସମୟରେ ଆଗ୍ରାଧିକାର ଦେଇଥିବା ଜିଲ୍ଲାରେ ପରୀକ୍ଷା ଦେବେ। ପରବର୍ତ୍ତୀ ସମୟରେ ଆଡମିଟ୍ କାର୍ଡ ପ୍ରକାଶ ପାଇବ ବୋଲି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପୂର୍ବରୁ ହୋଇଥିବା ପ୍ରଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବାର ନିୟମ ଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷାଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ।

# ଓଡ଼ିଶା ଯାତ୍ରୀ ଆପ୍‌ରେ ମିଳିବ 'ଆମ ବସ୍' ଓ ଚିଲିକା ବୋଟିଂ ଟିକଟ

ଭୁବନେଶ୍ୱର, ୧।୯ (ସମିସ): ଓଡ଼ିଶା ଯାତ୍ରୀ ଆପ୍‌ର କଳେବର ବଢ଼ିଛି। ଏଣିକି ଏହି ଆପ୍ ମାଧ୍ୟମରେ 'ଆମ ବସ୍' ଏବଂ ଚିଲିକା ବୋଟିଂ ନିମନ୍ତେ ଟିକଟ୍ ଉପଲବ୍ଧ ହେବ। ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ୍ ଏବଂ ସହଜ କରିବା ଉଦ୍ଦେଶ୍ୟରେ ଏହି ନୂତନ ସୁବିଧାକୁ ଆପ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ଆମ ବସ୍ ସେବା ଅଧୀନରେ ଚଳାଚଳ କରୁଥିବା ଯେକୌଣସି ବସ୍‌ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ବିନା କୌଣସି ବାଧାରେ ଟିକଟ୍ ବୁକିଂ କରି ସୁରକ୍ଷିତ ଏବଂ ଆରାମଦାୟକ ବସ୍ ଯାତ୍ରାର ଲାଭ ମିଳିପାରିବ।

ଅନୁରୂପ ଭାବେ ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ା ଠାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ। ବୋଟିଂ ଆରମ୍ଭ ପୂର୍ବରୁ ଏହି ଡିଜିଟାଲ ଟିକେଟ ଯାଞ୍ଚ କରାଯାଇ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ। ସମସ୍ତ ଆଣ୍ଡ୍ରଏଡ୍ ପ୍ଲାଟ୍‌ଫର୍ମରେ ଏହି ଆପ୍ ଉପଲବ୍ଧ ହୋଇସାରିଥିବା ବେଳେ ଆଇଓଏସ୍‌ରେ ନିକଟରେ ଭବିଷ୍ୟତରେ ଏହା ଉପଲବ୍ଧ ହେବ ବୋଲି ସୂଚନା ମିଳିଛି। ଏହା ସହିତ ଯାତ୍ରୀଙ୍କ ମତାମତକୁ ଭିତ୍ତିକରି ଟିକଟ୍ ବୁକିଂ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସୁଧାର ଅଣାଯିବ। ଓଡ଼ିଶା ଯାତ୍ରୀ କେବଳ ଏକ ଡିଜିଟାଲ ସେବା ନୁହଁ; ଯାତ୍ରୀଙ୍କୁ ସାର୍ବଜନୀନ , ଟେକ୍ନୋଲୋଜିଭିତ୍ତିକ, ତ୍ରୁଟିଶୂନ୍ୟ ସେବା ଯୋଗାଇଦେବାର ସଂକଳ୍ପ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି।

# ନିଶା ବେପାରୀଙ୍କୁ 'ପ୍ରହାର'

## ନିଶାଦ୍ରବ୍ୟ ଜବତ ହେଲେ ଦୋକାନ ସିଲ୍

ଭୁବନେଶ୍ୱର, ୧।୯ (ସମିସ): ରାଜ୍ୟରେ ନିଶା କାରବାର ବଢ଼ିବାରେ ଲାଗିଛି। ନିଶା ମାଫିଆମାନେ ଜାମିନରେ ଆସିବା ପରେ ମଧ୍ୟ ନିଶା ବେପାର ଛାଡୁନାହାନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରୁଛି। ଏ ସବୁରେ ରୋକ୍ ଲଗାଇବା ପାଇଁ ଆଜିଠାରୁ ସାରା ରାଜ୍ୟରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅପରେସନ 'ପ୍ରହାର'। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅପରେସନ୍ ଆସନ୍ତା ୧୫ ତାରିଖ ଯାଏଁ ଚାଲିବ। ପ୍ରଥମେ ସ୍ଥାନୀୟ ଅଞ୍ଚଳରେ ଥିବା ଅଭ୍ୟାସଗତ ଅପରାଧୀଙ୍କ ତାଲିକା କରି ବିଏନ୍‌ଏସ୍‌ଏସ୍ ୧୨୯ରେ ସେମାନଙ୍କୁ ବୁକ୍ କରିବାକୁ କୁହାଯାଇଛି। ନିଶା ବେପାରୀଙ୍କୁ ଧରିବା ଲାଗି ଚଢ଼ଉକୁ ଜୋରଦାର କରିଛି ପୁଲିସ। ଚଢ଼ଉ ସମୟରେ ଶିକ୍ଷାନୁଷ୍ଠାନ ନିକଟରେ ବିଶେଷ ଧ୍ୟାନ ଦିଆଯାଉଛି। କୌଣସି ଦୋକାନରୁ ନିଶାଦ୍ରବ୍ୟ ଜବତ ହେଲେ, ସଂପୃକ୍ତ ଦୋକାନକୁ ତୁରନ୍ତ ସିଲ୍ କରାଯିବ। କେଉଁ ଥାନାର କେଉଁ କେସ ଆଧାରରେ ସିଲ୍ କରାଯାଇଛି, ସେନେଇ ସଂପୃକ୍ତ ଦୋକାନରେ ପୋଷ୍ଟର୍ ମରାଯିବ। ଅଭ୍ୟାସଗତ ଅପରାଧୀଙ୍କଠାରୁ ନିଶାଦ୍ରବ୍ୟ ଜବତ ହେଲେ ସେମାନଙ୍କ ବିରୋଧରେ ୧୧୧ ବିଏନ୍‌ଏସ୍ ଓ ୨୯ ଏନ୍‌ଡିପିଏସ୍ ଆକ୍ଟରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସ୍ୱତନ୍ତ୍ର ଧରପଗଡ଼ ବେଳେ ଅବକାରୀ ବିଭାଗ, ରାଜସ୍ୱ ବିଭାଗ, ମ୍ୟୁନିସିପାଲିଟି, ଏନ୍‌ଏସି ଓ ପଞ୍ଚାୟତ ସହ ସମନ୍ୱୟ ରଖିବାକୁ କୁହାଯାଇଛି। ଚଢ଼ଉ ବେଳେ ଅଧିକ ପରିମାଣର ନିଶାଦ୍ରବ୍ୟ ଓ ଅଧିକ ନିଶା ବେପାରୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଏନ୍‌ଏସି ଘୋଷଣାରେ ସରକାରଙ୍କ ପାତରଅନ୍ତର

# ରାଜରାସ୍ତାକୁ ଓହ୍ଲାଇବାକୁ ବିଜେଡିର ଧମକ

ଭୁବନେଶ୍ୱର, ୧।୯ (ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ୧୬ ନୂଆ ଏନ୍‌ଏସି ଓ ୭ଟି ମ୍ୟୁନିସିପାଲିଟି ଘୋଷଣା କରାଯାଇଛି। ବିକାଶ ଭାବନା କମ୍, ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ନୂଆ ଏନ୍‌ଏସି ଘୋଷଣା କରାଯାଇଛି ବୋଲି ବିରୋଧୀ ଦଳଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ମତପ୍ରକାଶ କରୁଛନ୍ତି। ଏହିକ୍ରମରେ ବିଜେଡି ଧଧ ପ୍ରତିକ୍ରିୟା ପ୍ରକାଶ କରିଛି। ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନ୍‌ଏସି ମଧ୍ୟରୁ ୩୯ଟି ଅଞ୍ଚଳକୁ କାର୍ଯ୍ୟକାରୀ ନକରିବା ଦୁର୍ଭାଗ୍ୟଜନକ। ବିଜେଡି ସରକାରଙ୍କ ଦ୍ୱାରା ଏନ୍‌ଏସି ଭାବେ ଘୋଷିତ ହୋଇଥିବା ଅଞ୍ଚଳଗୁଡିକୁ ପାତରଅନ୍ତର କରି ସରକାର ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ଦଳ ଅଭିଯୋଗ କରିଛି।



■ ପୂର୍ବରୁ ଘୋଷିତ ୧୮ ଟି ଅଞ୍ଚଳକୁ ସରକାର ପୁନଃ ଘୋଷଣା କରିଛନ୍ତି
■ ବାଦ୍ ପଡ଼ିଥିବା ଅଞ୍ଚଳଗୁଡ଼ିକରେ ଦେଖାଦେଲାଣି ପ୍ରବଳ ଜନଅସନ୍ତୋଷ

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପାତରଅନ୍ତର ନୀତି ପାଇଁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ୨୦୨୪ ମସିହା ଫେବୃଆରୀ ଓ ମାର୍ଚ୍ଚ ମାସରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୫୭ଟି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରାଯାଇଥିଲା। ପୌର ଅଧିନିୟମ ୧୯୫୦ ଅନୁଯାୟୀ ପ୍ରଥମେ ଘୋଷଣାନାମା ହୋଇଥାଏ ଓ ପରେ ଏହା ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ଅଣାଯାଇ ଗେଜେଟ ନୋଟିଫିକେସନ କରାଯାଏ। ବିଜେଡି ସରକାରଙ୍କ ଦ୍ୱାରା ଘୋଷଣା ହେବା ସହିତ ଜିଲ୍ଲାପାଳମାନଙ୍କ ପାଖକୁ ଆବଶ୍ୟକ ରିପୋର୍ଟ ପାଇଁ ପଠାଯାଇଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବା ପରେ ପୂର୍ବରୁ ଘୋଷିତ ହୋଇଥିବା ଅଞ୍ଚଳଗୁଡିକ ମଧ୍ୟରୁ କିଛି ଅଞ୍ଚଳକୁ ପୁନଃ ଘୋଷଣା କରିଛନ୍ତି ଓ କିଛି ନୂତନ ଅଞ୍ଚଳକୁ ଏଥିରେ ସାମିଲ କରିଛନ୍ତି। ରାଜ୍ୟରେ ବିଜେପି ସରକାରଙ୍କର ୧୫ ମାସ ବିତି ଯାଇଥିଲେ ମଧ୍ୟ ଗୋଟିଏ ବି ଅଞ୍ଚଳ ପାଇଁ ଗେଜେଟ ନୋଟିଫିକେସନ ହୋଇପାରି ନାହିଁ।

ବରିଷ୍ଠ ନେତା ପ୍ରତାପ ଜେନା କହିଥିଲେ ଯେ ସରକାର ଏକ ନିରନ୍ତର ପ୍ରକ୍ରିୟା। ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇସାରିଥିବା ଅଞ୍ଚଳଗୁଡ଼ିକୁ ରାଜ୍ୟ ସରକାର ପୁଣିଥରେ ଘୋଷଣା କରିବା ଓ ଏଥିରେ ପାତରଅନ୍ତର କରି ଅଧିକାଂଶ ଘୋଷିତ ଅଞ୍ଚଳକୁ ସାମିଲ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦଳ ପକ୍ଷରୁ କୁହାଯାଇଛି। ସେହିପରି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନ୍‌ଏସି ମଧ୍ୟରୁ ମାତ୍ର ୧୮ଟିକୁ ବିଜେପି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବେଳେ ୩୯ଟି ଅଞ୍ଚଳକୁ ସାମିଲ କରାଯାଇ ନାହିଁ, ଯାହା ସରକାରଙ୍କ ପାତରଅନ୍ତର ନୀତିକୁ ପଦାରେ ପକାଉଛି। ଏହାଛଡା କଣ୍ଟାବାଞ୍ଜି ଏନ୍‌ଏସିକୁ ମ୍ୟୁନିସିପାଲିଟି କରାଯିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାକୁ ମଧ୍ୟ ବିଚାରକୁ ନିଆଯାଇ ନାହିଁ। ବିଜେଡି ସରକାରଙ୍କ ଘୋଷିତ ତାଲିକା ଅନୁଯାୟୀ ବାଦ୍ ପଡ଼ିଯାଇଥିବା ୩୯ଟି ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଓ କଣ୍ଟାବାଞ୍ଜିକୁ ମ୍ୟୁନିସିପାଲିଟି ଘୋଷଣା ତୁରନ୍ତ କରାଯାଉ ବୋଲି ସେ ଦାବି କରିଥିଲେ।

ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ ଯେ ଗ୍ରାମାଞ୍ଚଳର ବାସିନ୍ଦାମାନଙ୍କୁ ସହରାଞ୍ଚଳରେ ମିଳୁଥିବା ସୁବିଧା ପ୍ରଦାନ ଲକ୍ଷ୍ୟ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୫୭ଟି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ବିଜେପି ସରକାର ଏହା ମଧ୍ୟରୁ ଅଧିକାଂଶ ଅଞ୍ଚଳକୁ ବାଦ୍ ଦେଇଛନ୍ତି, ଯେଉଁଥିପାଇଁ ବାଦ୍ ପଡ଼ିଥିବା ଅଞ୍ଚଳଗୁଡିକରେ ଜନଅସନ୍ତୋଷ ଦେଖା ଦେଇଛି। ବାଦ୍ ପଡ଼ିଥିବା ୩୯ଟି ଅଞ୍ଚଳକୁ ତୁରନ୍ତ ଏନ୍‌ଏସି ମାନ୍ୟତା ନଦେଲେ ବିଜୁ ଜନତା ଦଳ ନୀରବଦ୍ରଷ୍ଟା ସାଜିବ ନାହିଁ, ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ମଝି ନଈରୁ ଶ୍ରମିକଙ୍କୁ ଉଦ୍ଧାର କଲା ହେଲିକପ୍ଟର୍

ମାଲକାନଗିରି, ୧।୯ (ସମିସ): ମଝି ନଦୀରେ ଫସି ରହିଥିବା ଜଣେ ଶ୍ରମିକଙ୍କୁ ହେଲିକପ୍ଟର୍ ଯୋଗେ ଉଦ୍ଧାର କରାଯିବା ଘଟଣା ଆଜି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ମାଲକାନଗିରି ଓ ଛତିଶଗଡ଼ ପ୍ରଶାସନର ମିଳିତ ଉଦ୍ୟମ ଯୋଗୁଁ ଗୋଟିଏ ଜୀବନ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଛି। ନୂଆ ଜୀବନ ପାଇଥିବା ଶ୍ରମିକଜଣଙ୍କ ହେଲେ, ମାଲକାନଗିରି ଜିଲ୍ଲା କଡାମାଟେରୁ ଗ୍ରାମର ଇର୍ମା ସୋଡ଼ି। ସୂଚନାନୁଯାୟୀ, ଇର୍ମା ଛତିଶଗଡ଼ ସୁକୁମା ଜିଲ୍ଲାରେ ଥିବା ଏକ କଦଳୀ ବାଗିଚାରେ କାମ କରନ୍ତି। ଗତ ବିଳମ୍ବିତ ରାତିରେ ଏକ ଦେଶୀ ଡଙ୍ଗାରେ ସେ ସାବେରୀ ନଦୀ ପାର୍ ହୋଇ ଘରକୁ ଫେରୁଥିଲେ। ତେବେ ବର୍ତ୍ତମାନ ନଦୀରେ ଜଳପ୍ରବାହ ଓ ସ୍ରୋତ ଅଧିକ ଥିବାରୁ ଡଙ୍ଗାଟି ଓଲଟି ପଡ଼ିଥିଲା। ଏହା ଦେଖି ଇର୍ମା ନଦୀ ମଝିରେ ଥିବା ଏକ ଗଛ ଡାଳକୁ ଧରି ଜୀବନ ବଞ୍ଚାଇଥିଲେ। କିନ୍ତୁ ନଦୀର ପ୍ରଖର ସ୍ରୋତରୁ ସେ ବାହାରକୁ ଆସି ପାରିନଥିଲେ। ରାତିତମାମ ସେମିତି ମଝି ନଈରେ ଫସି ରହିଥିଲେ। ତେବେ ଆଜି ସକାଳେ କିଛି ଲୋକେ ଇର୍ମାଙ୍କୁ ଦେଖି ପଡ଼ିଆ ଦମକଳବାହିନୀକୁ ଖବର ଦେଇଥିଲେ। ଖବର ପାଇ

**ଡଙ୍ଗା ଓଲଟିବାରୁ ରାତିତମାମ ଫସି ରହିଥିଲେ**



ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଘଟଣାସ୍ଥଳରେ ପହଞ୍ଚି ଏ ସଂପର୍କରେ ଛତିଶଗଡ଼ ପ୍ରଶାସନ ସହ ଆଲୋଚନା କରିଥିଲେ। ନଦୀରେ ପ୍ରଖର ଜଳସ୍ରୋତ ଯୋଗୁଁ ଦମକଳବାହିନୀ ଇର୍ମାଙ୍କୁ ଉଦ୍ଧାର କରିବାରେ ବିଫଳ ହେବାରୁ ଛତିଶଗଡ଼ ସରକାର ହେଲିକ୍ୟାପ୍ଟର୍ ଯୋଗେ ତାଙ୍କୁ ଉଦ୍ଧାର କରିବା ପାଇଁ ଆଗେଇ ଆସିଥିଲେ। ସିଆରପିଏଫ୍‌ର ଏକ ହେଲିକ୍ୟାପ୍ଟର୍ ଇର୍ମାଙ୍କୁ ଉଦ୍ଧାର ଉଦ୍ଧାର କରି ନିରାପଦ ସ୍ଥାନକୁ ଆଣିଥିଲେ। ପରେ ତାଙ୍କୁ ସୁକୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଇର୍ମା ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି।

# ପିକ୍‌ଅପ୍ ଧକ୍କାରେ ଦୁଇ ଭାଇ ମୃତ

ତୁରେକେଲା, ୧।୯ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅନ୍ତର୍ଗତ ଲର୍କି ଗାଁ ବୁଲାଣି ନିକଟରେ ଆଜି ଏକ ପିକ୍‌ଅପ ଭ୍ୟାନ୍ ଧକ୍କାରେ ଦୁଇଭାଇଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ବେଲପଡ଼ା ଥାନା ଭାଲୁଖାଇ ଗାଁର ରାଜକୁମାର ରାଏ ଓ ତାଙ୍କ ଭାଇ ଦିନେଶ ରାଏ। ତୁରେକେଲା ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ରାଜକୁମାର ଓ ଦିନେଶ ଆଜି ସକାଳେ ତୁରେକେଲାରୁ କଣ୍ଟାବାଞ୍ଜି ଫେରୁଥିବା ବେଳେ ଲର୍କିଗାଁ ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ୍ ଭ୍ୟାନ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକ ରାଜକୁମାରଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ଦିନେଶଙ୍କୁ ଗୁରୁତର ଅବସ୍ଥାରେ ତୁରେକେଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିନେଶର ମୃତ୍ୟୁ ଘଟିଛି। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ପିକ୍‌ଅପ୍‌ଟି ଫେରାର୍ ହୋଇଯାଇଥିଲା। ପୁଲିସ୍ ଉକ୍ତ ଗାଡ଼ିକୁ ତୁରେକେଲା ଥାନା ସାଲେମୁଡ଼ଗା ଗାଁରୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି। ଅପରପେକ୍ଷ, ମୃତକଙ୍କ ପରିବାରକୁ ସରକାରୀ କ୍ଷତିପୂରଣ ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ପାର୍ବଣରେ ସଙ୍ଗୀନ ଶବ୍ଦ ପ୍ରଦୂଷଣ

# ବଡ଼ ସହରରେ କଟକଣା; ବାକି ସବୁଠି ଢିଲା

କଟକ, ୧।୯ (ସମିସ): ଗଣେଶ ପୂଜାଠାରୁ ପାର୍ବଣର ବିଗୁଲ୍ ବାଜିସାରିଛି। ଏବେ ଗଣେଶ ଓ ଖୁଦରକୁଣି ପୂଜା ଶେଷ ହୋଇ ସବୁଠି ଚାଲିଛି ଭସାଣି ଶୋଭାଯାତ୍ରା। ଉଚ୍ଚ ଶବ୍ଦ ଉତ୍ପନ୍ନକାରୀ ଡିଜେ ସାଉଣ୍ଡ ବ୍ୟବହାର ଉପରେ କଟକଣା ଥିଲେ ମଧ୍ୟ ସବୁଠି ଏହାର ଉଲ୍ଲଂଘନ ହେଉଛି। ବିଶେଷକରି, କଟକ-ଭୁବନେଶ୍ୱର ସମେତ ଆଉ କିଛି ବଡ଼ ସହରକୁ ବାଦ୍ ଦେଲେ ସବୁଠି ଡିଜେ କଟକଣା ଢିଲା ଛାଡ଼ି ଦିଆଯାଇଛି। ସହରାଞ୍ଚଳରେ ପୁଲିସର ଏନ୍‌ଫୋର୍ସମେଣ୍ଟ ଭଳି ଗ୍ରାମାଞ୍ଚଳ ପୁଲିସ କରୁନାହିଁ। ଏଣୁ ଶବ୍ଦ ପ୍ରଦୂଷଣ ପାଇଁ ଥିବା କଟକଣା ନାମକୁ ମାତ୍ର ରହିଯାଇଛି। ଆଉ ସବୁ ଦେଖି ଶୁଣି ପୁଲିସ୍ ଚେଇଁ ଶୋଇଥିବା ଅଭିଯୋଗ ହେଉଛି। ଗାଁ ଗହଳି ସମେତ କେତେକ ଅର୍ଦ୍ଧସହରାଞ୍ଚଳରେ ଶବ୍ଦ ପ୍ରଦୂଷଣ କଟକଣା ଅଘୋଷିତ ଭାବେ କୋହଳ ହୋଇଥିବା କାରଣରୁ ଏବେ ଡିଜେଗୁଡ଼ିକ ଗ୍ରାମାଞ୍ଚଳମୁହାଁ ହୋଇପଡ଼ିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଶବ୍ଦ ପ୍ରଦୂଷଣ ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କ ରହିଥିବା ନିର୍ଦ୍ଦେଶନାମାକୁ ସଠିକ ଢଙ୍ଗରେ ପାଳନ କରାଯାଉନାହିଁ। ଏହା ପୁଲିସର ଉତ୍ତରଦାୟିତ୍ୱ ହୋଇଥିଲେ ସୁଦ୍ଧା ଅଭିଯୋଗ ନ ପାଇଲେ ଡିଜେ ସାଉଣ୍ଡକୁ ବନ୍ଦ କରାଯାଉନଥିବା ପରିଲକ୍ଷିତ ହୋଇଛି।

୬୫ ଡେସିବେଲରୁ ଉଚ୍ଚ ଶବ୍ଦ ଉତ୍ପନ୍ନ ଉପରେ ରୋକ୍ ଲଗାଯାଇଛି। ଏପରିକି, ଶବ୍ଦ ପ୍ରଦୂଷଣ ରୋକିବା

**ଗାଁ' ଭସାଣିରେ କମ୍ପୁଛି ଡିଜେ**

ପାଇଁ ଥିବା ପୁଲିସଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ କ୍ଷମତା ମଧ୍ୟ ରହିଛି। ଭସାଣି ଶୋଭାଯାତ୍ରାରେ ଯାଉଥିବା ଡିଜେ ଅବା ମ୍ୟୁଜିକ୍ ସିଷ୍ଟମ୍‌ର ସାଉଣ୍ଡ ଲିମିଟର (ଶବ୍ଦ ନିୟନ୍ତ୍ରକ ଯନ୍ତ୍ର) ସଠିକ ଭାବେ ଆମ୍ପ୍ଲିଫାୟାର ସହ ସଂଯୋଗ ହୋଇଛି କି ନାହିଁ, ତାହା ଯାଞ୍ଚ କରିବା କଥା। ନାମକୁ ମାତ୍ର ସାଉଣ୍ଡ ଲିମିଟର୍ ଥିବା ଦେଖାଇ ଧାର୍ଯ୍ୟ ଡେସିବେଲରୁ ଅଧିକ ଶବ୍ଦ ଉତ୍ପନ୍ନ ହେଉଥିବା ଜଣାପଡ଼ିଛି।

ସେହିପରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାତି ୧୦ଟା ପରେ ଡାକବାଜି ଯନ୍ତ୍ର ବ୍ୟବହାର କରି ହେଉଥିବା ଶୋଭାଯାତ୍ରା ଉପରେ କଟକଣା ରହିଛି। ହାଇକୋର୍ଟ ମଧ୍ୟ ଗତ ୨୦୦୮ ମାର୍ଚ୍ଚ ୨୭ରେ ଶବ୍ଦ ପ୍ରଦୂଷଣ ଉପରେ ଲଗାମ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅତୀତରେ ଗୃହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଏସପିମାନଙ୍କୁ ମଧ୍ୟ ଚିଠି କରାଯାଇଥିଲା। ବିଶେଷକରି ସାଉଣ୍ଡଲିମିଟର ରଖିଥିଲେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ବ୍ୟାଣ୍ଡପାର୍ଟି ପଞ୍ଜିକୃତ ହେବା କଥା। ଶୋଭାଯାତ୍ରା ପାଇଁ ଅନୁମତି ମିଳିବା ବ୍ୟବସ୍ଥା ରହିଥିଲା। ହେଲେ ଏସବୁ ଏବେ ପ୍ରହସନ ପାଲଟୁଥିବା ଦେଖିବାକୁ ମିଳିଛି। ଶବ୍ଦର ମାତ୍ରା ବା ପରିମାଣ ମାପିବା ପାଇଁ ଶବ୍ଦ ମାପକ ଯନ୍ତ୍ର ମଧ୍ୟ ଅନେକ ଥାନାମାନଙ୍କରେ ନାହିଁ। ସେହିଭଳି ଅନେକ ଥାନାରେ ଏହି ଯନ୍ତ୍ର ଅଚଳ ଅବସ୍ଥାରେ ପଡ଼ି ରହିଛି। ଏପରିକି, ଡିଜେ ଶବ୍ଦ ପାଇଁ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରେ ଗତ ଦୁଇ ବର୍ଷ ତଳେ ଜଣେ ଯୁବକଙ୍କ ଅକାଳରେ ଜୀବନ ଚାଲିଯାଇଥିଲା। ଏହିଭଳି ଘଟଣା ରାଜ୍ୟର ଅନ୍ୟ କେତେକ ଜିଲ୍ଲାରେ ଘଟିଥିବା ନେଇ ଅଭିଯୋଗ ମଧ୍ୟ ଆସୁଛି। ଶବ୍ଦ ପ୍ରଦୂଷଣ ନିରବ ଘାତକ ସାଜିଥିବା ନେଇ ଅତୀତରେ ଓଡ଼ିଶା ରାଜ୍ୟ ମାନବାଧିକାର କମିସନ (ଓଏଚ୍‌ଆରସି) ମଧ୍ୟ ଉଦବେଗ ପ୍ରକାଶ କରିଥିବାର ନଜିର ରହିଛି। ଶବ୍ଦ ପ୍ରଦୂଷଣ ପ୍ରସଙ୍ଗରେ ପୁଲିସ ସହ ସମନ୍ୱୟ ରଖି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନି। ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ ୨୦୦୩ର ଧାରା ୩୨ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ପୁଲିସକୁ ଦିଆଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଓ କଟକଣା ନିୟମ ୨୦୦୦ ଅନୁସାରେ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ତେବେ ଚଳିତ ପାର୍ବଣରେ ଏହାକୁ କେତେଦୂର କାର୍ଯ୍ୟକାରୀ କରାଯାଇପାରୁଛି ତାହା ଦେଖିବାକୁ ବାକି ରହିଛି।

## ଯାତ୍ରା ମଞ୍ଚରେ ପୁଣି ଅଶ୍ଳୀଳତାକୁ ପ୍ରଶ୍ରୟ

# ମାର୍ଗଦର୍ଶିକା କଥା ଭୁଲିଗଲେ ସରକାର!

ଭୁବନେଶ୍ୱର, ୧।୯ (ସମିସ): କିଛି ଦିନ ତଳେ ଜଟଣୀର ଏକ ଯାତ୍ରା ମଞ୍ଚରେ ବିବାଦୀୟ ନୃତ୍ୟଶିଳ୍ପୀ ନିଶା ମହାରଣାଙ୍କୁ ଚେୟାର୍ ମାଡ଼ ହେଲା। ମଞ୍ଚ ଉପରେ ସେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରୁଥିବା ଅଭିଯୋଗ କରି ଦର୍ଶକ ଗ୍ୟାଲେରିରୁ ଜଣେ ଯୁବକ ତାଙ୍କୁ ଚେୟାର୍ ଫିଙ୍ଗିଲେ। ଏହା ଖାଲି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରି ଅନେକ ଚିତ୍ର ସାମ୍ନାକୁ ଆସିଛି। ଯାତ୍ରା ମଞ୍ଚରେ ବଢୁଥିବା ଅଶ୍ଳୀଳତା ଉପରେ ରୋକ୍ ଲଗାଇବା ପାଇଁ ନୂଆ ବିଜେପି ସରକାର ଗତ ଖଣ୍ଡିଗିରି ମେଳା ପୂର୍ବରୁ ଜୋରସୋର୍‌ରେ ଅଣ୍ଟା ଭିଡ଼ିଥିଲେ। ଖୁବ୍‌ଶୀଘ୍ର ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆସିବ ବୋଲି ବିଧାୟକଙ୍କଠାରୁ ଆରମ୍ଭ କରି ସଂସ୍କୃତି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ କହି ବୁଲିଲେ, ଗଣମାଧ୍ୟମରେ ବିବୃତି ରଖିଲେ। ଏହାକୁ ନେଇ ବିଧାନସଭାରେ ବି ପ୍ରଶ୍ନ ଉଠିଲା, ଚର୍ଚ୍ଚା-ଆଲୋଚନା ହେଲା। କିନ୍ତୁ ମାସ ପରେ ମାସ ବିତିଗଲା ସିନା, ମାର୍ଗଦର୍ଶିକା ଆସିପାରିଲା ନାହିଁ। ଏବେ ତା'ର ସୋରଶବ୍ଦ ବି ନାହିଁ। ସତେଯେମିତି ସରକାର ଏହାକୁ ପାସୋରି ଯାଇଛନ୍ତି। ଏବେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଯାତ୍ରା ପଡ଼ିବ। ତେଣୁ, ସେଠାରେ ଜଟଣୀ ଭଳି ଯେ ଅପ୍ରୀତିକର ସ୍ଥିତି ସୃଷ୍ଟି ନ ହେବ, ତାହାକୁ ଏଡ଼ାଇ ଦିଆନଯାଇପାରେ ବୋଲି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କହିଛି।

ସୂଚନାନୁଯାୟୀ, ଖଣ୍ଡଗିରି ଯାତ୍ରା ସମୟରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତତ୍ପରତା ପ୍ରକାଶ କରିଥିଲେ। ଯାତ୍ରା ମଞ୍ଚରେ ଆଉ ଅଶ୍ଳୀଳ ନୃତ୍ୟ ପରିବେଷଣ ହେବନି। ଦ୍ୱି-ଅର୍ଥବୋଧକ ଶବ୍ଦର ବ୍ୟବହାର ଉପରେ ମଧ୍ୟ କଟକଣା ଲାଗିବ। ଯାତ୍ରାର ମାନଦଣ୍ଡ ସ୍ଥିର କରାଯିବା ସହ ଯେଉଁମାନେ ଯାତ୍ରା ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତିକୁ ଅପଭ୍ରଂଶ କରିବାକୁ ଚେଷ୍ଟା କରିବେ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏପରିକି, ରାଜ୍ୟ ସରକାର ଏହାକୁ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆଣିବେ ବୋଲି ମତ ରଖିଥିଲେ। ସେହିପରି ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଯାତ୍ରା ପାର୍ଟିରେ ଅଶ୍ଳୀଳ ନୃତ୍ୟ ପରିବେଷଣ ଉପରେ ରୋକ୍ ଲଗାଇବାକୁ ରାଜ୍ୟ ସରକାର କ'ଣ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରଶ୍ନ କରିଥିଲେ। ମଞ୍ଚରେ ଯେଉଁଭଳି ଅଶ୍ଳୀଳତା ପ୍ରଦର୍ଶନ ହେଉଛି, ତାହା ଉପରେ ରୋକ୍ ଲଗାଇବା ପାଇଁ ତୁରନ୍ତ ଆଇନ ଆଣିବାକୁ ଦାବି କରିଥିଲେ। ବିଧାୟକ ଅକାଶ ଦାସନାୟକ ମଧ୍ୟ ଏନେଇ ମୁହଁ ଖୋଲିଥିଲେ। ଯାତ୍ରାକୁ ଯେଉଁ କିଛି ଜଣ କଳୁଷିତ କରୁଛନ୍ତି, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ ବୋଲି କହିଥିଲେ। ଖାଲି ସେତିକି ନୁହେଁ, ଯାତ୍ରା କମିଟି ମହାସଂଘ ମଧ୍ୟ ଆଗକୁ ଆସିଥିଲା। ଯାତ୍ରା ଅନୁଷ୍ଠାନ ଲାଗି ସ୍ୱତନ୍ତ୍ର ନିୟମ ଆଣିବା ଦାବିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଆଲୋଚନା କରିଥିଲା। ସେତେବେଳେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ ଯାତ୍ରାରେ କୌଣସି ପ୍ରକାର ଅପସଂସ୍କୃତିକୁ ପ୍ରଶ୍ରୟ ନ ଦେବା ସହ ସଂସ୍କୃତିର ସୁରକ୍ଷା ଦିଗରେ ଖୁବ୍‌ଶୀଘ୍ର ଏକ ନିର୍ଦ୍ଦେଶାବଳୀ ଜାରି କରାଯିବ। କିନ୍ତୁ ଏହା କେବଳ ପ୍ରତିଶ୍ରୁତିରେ ରହିଯାଇଥିବା କୁହାଯାଉଛି।

ଅପରପକ୍ଷେ, ଅଶ୍ଳୀଳତାକୁ ବିରୋଧ କରି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ ପକ୍ଷରୁ ଯାତ୍ରା ମାଲିକ ସଂଘ ସହ ମଧ୍ୟ ଏନେଇ ଆଲୋଚନା ହୋଇଥିଲା। ପୁନର୍ବାର ମଞ୍ଚରେ ଅଶ୍ଳୀତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମାଲିକ ସଂଘ ମଧ୍ୟ ସ୍ୱୀକାର କରିଥିଲା। କିନ୍ତୁ ଏସବୁ ପରେ ନିକଟ ଅତୀତରେ ଜଟଣୀ ଯାତ୍ରା ମଞ୍ଚରେ ଯାହା ଘଟିଲା, ତାହା ଚିନ୍ତାଜନକ ବୋଲି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କହିଛି। ମଞ୍ଚ ଏହାର ବିରୋଧ କରିବା ସହ ଆଗାମୀ ବୈଠକରେ ଏ ବିଷୟରେ ମାଲିକ ସଂଘର ସଭାପତିଙ୍କ ସହ ଆଲୋଚନା କରିବ ବୋଲି କହିଛି। ମଞ୍ଚରେ ଅଶ୍ଳୀଳତା କାହିଁକି ପ୍ରଶ୍ରୟ ଦିଆଗଲା ବୋଲି ପ୍ରଶ୍ନ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# ଆରମ୍ଭ ହେଲା କଂଗ୍ରେସର 'ସଂଗଠନ ସୃଜନ' ଅଭିଯାନ

■ ୧୪ ସୁଦ୍ଧା ଏଆଇସିସିକୁ ଦିଆଯିବ ଜିଲ୍ଲା ସଭାପତି ତାଲିକା
■ ଆଜି ଓଡ଼ିଶା ଆସୁଛନ୍ତି ଏଆଇସିସିର ୭ ଜଣ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର, ୧।୯ (ସମିସ): ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ସମସ୍ତ ୩୫ ଟି କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ କରାଯିବ। ଏଥିପାଇଁ ଏଆଇସିସି ପକ୍ଷରୁ ନିଯୁକ୍ତ ହୋଇଥିବା ୩୫ ଜଣ ପର୍ଯ୍ୟବେକ୍ଷକଙ୍କ ଗସ୍ତ ଆରମ୍ଭ ହୋଇଯାଇଛି। ରବିବାର ରାତିରେ ବାଲେଶ୍ୱର ଓ କେନ୍ଦ୍ରାପଡ଼ା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ ଯଥାକ୍ରମେ ସାଂସଦ ଶ୍ରେୟାସ ଏମ୍ ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନିୟାପନ୍ ଭୁବନେଶ୍ୱରରେ ପହଞ୍ଚି ସମ୍ପୃକ୍ତ ଜିଲ୍ଲା ଗସ୍ତ କରିଥିବା ବେଳେ ସୋମବାର ଦେବଗଡ଼, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ (ପୂର୍ବ), ନବରଙ୍ଗପୁର, ନୟାଗଡ଼ ଓ ନୂଆପଡ଼ା ପାଇଁ ନଯୁକ୍ତ ପର୍ଯ୍ୟବେକ୍ଷକମାନେ ଓଡ଼ିଶାରେ ପହଞ୍ଚିଛନ୍ତି।

ପର୍ଯ୍ୟବେକ୍ଷକମାନେ ସେମାନଙ୍କ ଆବଣ୍ଟିତ ଜିଲ୍ଲା ଗସ୍ତ କରିଥିବା ବେଳେ ସେଠାରେ ସ୍ଥାନୀୟ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ଆଲୋଚନା ମଧ୍ୟ ଆରମ୍ଭ କରିଛନ୍ତି। ଏଆଇସିସି ପର୍ଯ୍ୟବେକ୍ଷକମାନଙ୍କ ସହିତ ୩ ଜଣିଆ ପିସିସି ପର୍ଯ୍ୟବେକ୍ଷକମାନେ ମଧ୍ୟ ସେମାନଙ୍କ ସହ ଜିଲ୍ଲା ଗସ୍ତ କରିଛନ୍ତି। ଏହି କମିଟି ଗସ୍ତ ଓ ସଂଗଠନ ସୃଜନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ପର୍ଯ୍ୟବେକ୍ଷକମାନେ ନିଜ ନିଜ ନିର୍ଦ୍ଧାରିତ ଜିଲ୍ଲାରେ ଅନ୍ୟୂନ ୭ ଦିନ ବିଭିନ୍ନ ବ୍ଲକ୍ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଆଲୋଚନା କରିବେ। ଏହି ସମୟ ମଧ୍ୟରେ ସେମାନେ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ। ଉକ୍ତ ତାଲିକାରେ ଅନୁସୂଚିତ ଜାତି, ଜନଜାତି, ମହିଳା, ଓବିସି ଓ ସଂଖ୍ୟାଲଘୁ ଆଦି ବର୍ଗର ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯିବ। ଉକ୍ତ ତାଲିକାରୁ ଏଆଇସିସି ଜଣଙ୍କ ନାମ ସଭାପତି ଭାବେ ଘୋଷଣା କରିବ। ଏହି ପ୍ରକ୍ରିୟାକୁ ଯଥାସମ୍ଭବ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏଆଇସିସି ତରଫରୁ ପରାମର୍ଶ ଦିଆଯାଇଛି। ଫଳରେ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଂଗଠନିକ ନେତୃତ୍ୱ ନେବେ ବୋଲି ଶ୍ରୀ ଦାସ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ୧୪ ତାରିଖରେ ସରିବ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମଙ୍ଗଳବାର ମଧ୍ୟ ୭ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶା ଆସିବେ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

# 'ସାଇବର ଅପରାଧ ହେଲେ ଟେଲିକମ୍ପାନୀ ଉତ୍ତରଦାୟୀ ହୁଅନ୍ତୁ'

ଯାଜପୁର,୧।୯ (ସମିସ)

ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଉପଭୋକ୍ତା ଓକିଲାତି ସଂଘ ବାର୍ଡ ତରଫରୁ ଯାଜପୁରସ୍ଥିତ ମିଶନଶକ୍ତି ସଭା ଗୃହଠାରେ ଟେଲିକମ ସାଇବର ନିରାପତ୍ତା ଗ୍ରାହକ ସଚେତନତା କର୍ମଶାଇ ଆୟୋଜିତ ହୋଇଯାଇଛି। ସାହିତ୍ୟିକ ନିତ୍ୟାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଥାନା ଏଏସଆଇ ଦୀପ୍ତିମୟୀ ରାଉତ ଯୋଗଦେଇଥିବା ବେଳେ ସଂଯୋଜନା କରିଥିଲେ ସିଏଜି ବାର୍ଡ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ। ଏଥିରେ ଯୋଗାଣ ଅଧିକାରୀ ସ୍ଥିତପ୍ରଜ୍ଞା ପ୍ରିୟଦର୍ଶିନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସରକାରୀ ଯୋଜନାରେ ଡିଜିଟାଲ ସାକ୍ଷରତା ଓ ଇ-ସେବା ସମସ୍ତ ଇଣ୍ଟରନେଟ ସେବା ଉପରେ ନିର୍ଭର କରେ ବୋଲି ମତ ରଖିଥିଲେ। ଗୃହ ମନ୍ତ୍ରଣାଳୟ ଆଇରିସ ସେଲ୍ ଅନୁସାରେ ଭାରତରେ ମାସକୁ ୧୫୦୦ କୋଟି ଓ ବର୍ଷକୁ ୧.୨ ଲକ୍ଷ କୋଟି ଟଙ୍କା ସାଇବର ଜନିତ ଅପରାଧର ଶିକାର ହେଉଛନ୍ତି। ଯାହାର ୦.୭ ଶତକଡା ଭାଗ ଜିଡିପିର ପ୍ରଭାବିତ ହେଇ ଦେଶର ଅର୍ଥନୈତିକ




ବିକାଶ ପାଇଁ ବାଧକ ହେଉଛି। ବର୍ତ୍ତମାନ ୭୮ କୋଟି ଇଣ୍ଟରନେଟ ବ୍ୟବହାରକାରି ଗ୍ରାହକ ଅଛନ୍ତି। ଫଳରେ ତାହା ସାଇବର ଅପରାଧିଙ୍କ ଭୂସ୍ୱର୍ଗ ପାଲଟିଛି। ଏଆଇ ଟେକ୍ନୋଲଜି ସାହାଯ୍ୟରେ ପ୍ରତି ମିନିଟରେ ଗ୍ରାହକ ସାଇବର ଫ୍ରଡ୍‌ର ଶୀକାର ହେଉଛନ୍ତି। ମାନବ ସମାଜ ପାଇଁ ବୈଷୟିକ ଜ୍ଞାନ ଆର୍ଶୀବାଦ ଥିଲା। ବର୍ତ୍ତମାନ ଆମ ପାଇଁ ଏହା ଅଭିଶାପ ହେଲାଣି। ମୋବାଇଲ ଇଣ୍ଟରନେଟ ଆଜି ଆମ ପରିବାର ମୁଖ୍ୟ ହେଲାଣି। ଏହି ସଚେତନତା କର୍ମଶାଳାରେ ଅଚିହ୍ନା ଲିଙ୍କ, ଅଜଣା ଆପ୍ସ, ଅଜଣା ମେସେଜ, ଇମେଲ, ଫେକ ଅଫସାଇଟ, ଫେସବୁକ, ଇନଷ୍ଟାଗ୍ରାମ ହ୍ୱାଟ୍ସଅପ, ସାଇବର ଅପରାଧି ଆଦି ଆମର ବାପ ବୋଲି ସେ କହିଥିଲେ। ଓଟିପି ଅଜଣାକୁ ଦେବା ନିଜେ ଅଜଣା ହେବା ସହ ସମାନ। ଏହି କର୍ମଶାଳାରେ ଟ୍ରାଇ ପ୍ରଦତ୍ତ ବିଏନଡି, ମାଇସ୍ପୀଡ ଆପ୍ସ, ସଞ୍ଚାର ସାଥି, ଚକ୍ଷୁ ଆପ୍ସ, ପ୍ରତିବିମ୍ବ, ହେଲ୍ପ ଲାଇନ ୧୯୩୦, ସାଇବର କ୍ରାଇମ ଡଟ୍ ଜିଓଭି ଡଟ ଇନ୍ ଓ ଟ୍ରାଇର ୱେବସାଇଟ ବ୍ୟବହାର କରିବା ପାଇଁ ତାଲିମ ପ୍ରଦାନ କରଯାଇଥିଲା। ଯାଜପୁର ଜିଲ୍ଲାର ୩୧୧ଟି ଗ୍ରାମ ପଞ୍ଚାୟତରେ ପ୍ରାୟ ଟେଲିକମ ସେବା ବିପର୍ଯ୍ୟସ୍ତ। ନେଟୱର୍କ ନ ଲାଗିବା ସମସ୍ୟାରେ ଟେଲିକମ୍ପାନୀମାନେ ଜାଣିଶୁଣି ଅଣଦେଖା କରୁଛନ୍ତି ବୋଲି ସଭାରେ ମତ ରଖିଥିଲେ। ଟ୍ରାଇ ନିୟମ କଡାକଡି ଥିଲେ ମଧ ଟେଲିକମ କମ୍ପାନୀ ଅଣଦେଖା କରୁଛନ୍ତି। ଟ୍ରାଇ ନିୟମ ଓ ନିର୍ଦ୍ଦେଶାବଳୀ ଟେଲିକମ୍ପାନୀ ମାନେ ମାନନ୍ତୁ। ଖିଲାପହେଲେ ଅର୍ଥ ଦଣ୍ଡ ସହ ସେବା ନିର୍ଦ୍ଦେଶ ବଳବତ୍ତର ଅଛି ବୋଲି ଟ୍ରାଇ ସିଏଜି ପ୍ରକାଶ ଚନ୍ଦ୍ର ସାହୁ କହିଥିଲେ। ବିଏସଏନଏଲ, ଏୟାରଟେଲ ଓ ଜିଓ କ୍ଷେତ୍ର ଅଧିକାରୀ ଓ ମହିଳା ନେତ୍ରୀ, ବୁଦ୍ଧିଜୀବୀ, ସଚେତନ ନାଗରିକ, ଅଙ୍ଗନବାଡି କର୍ମୀ, ଗଣମାଧ୍ୟମ ପ୍ରତିନିଧି ମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷାବିତ ସୁଦାମ ଡାକୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


● ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବହେଳା

# କ୍ଷତିଗ୍ରସ୍ତ ହେଉଛନ୍ତି ବୟସ୍କ ହିତାଧିକାରୀ

କୁଆଖିଆ,୧।୯ (ସମିସ): ରସୁଲପୁର ବ୍ଲକ ଅଞ୍ଚଳରେ ବୟସ୍କ, ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ହିତାଧିକାରୀ ସେମାନଙ୍କ ମାସିକିଆ ଭତ୍ତା ଟଙ୍କା ପାଇବାରେ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଡବିଟି (ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର) ବ୍ୟବସ୍ଥା ଲାଗୁ କରାଯିବା ଯୋଗୁଁ ଭତ୍ତା ହିତାଧିକାରୀମାନେ ସେମାନଙ୍କ ଟଙ୍କା ଜମାଖାତାରୁ ଉଠାଣରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବ୍ୟାଙ୍କ ଗୁଡିକର ଅସହଯୋଗ ଯୋଗୁଁ ହିତାଧିକାରୀମାନେ ଏଭଳି ସମସ୍ୟାର ସମ୍ମୁଖିନ ହେଉଥିବା ନେଇ ଅଭିଯୋଗ ହେଉଛି। ଏଭଳି ଏକ ଅଭିଯୋଗ ବୟସ୍କ ହିତାଧିକାରୀ ଶୁକ ବାରିକଙ୍କ ପରିବାର ଲୋକଙ୍କ ଠାରୁ ମିଳିଛି। ହିତାଧିକାରୀ ଜଣକ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି। ତାଙ୍କର ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ବ୍ୟାଙ୍କ ଅଫ୍ ବରୋଦାରେ ଥିବା ଜମା ଖାତାକୁ ଯାଉଛି। ଶୁକ ବ୍ୟାଙ୍କକୁ ଯାଇପାରୁ ନଥିବାରୁ ତାଙ୍କ ପରିବାର ଲୋକଙ୍କୁ ଭତ୍ତା ଟଙ୍କା ବ୍ୟାଙ୍କ ଦେବାରେ ସହଯୋଗ କରୁନାହିଁ ବୋଲି ପୁଅ ପ୍ରଦୀପ ବାରିକ ଅଭିଯୋଗ କରିଛନ୍ତି। ସେହିଭଳି ଷ୍ଟେଟ୍ ବ୍ୟାଙ୍କର ହିତାଧାରୀମାନେ ସମାନ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ବିଶେଷକରି ଜାତୀୟକରଣ ବ୍ୟାଙ୍କ ଗୁଡିକରେ ଭତ୍ତା ହିତାଧିକାରୀମାନଙ୍କୁ ଟଙ୍କା ଉଠାଣରେ ସହଯୋଗ କରାଯାଉନାହିଁ ବୋଲି ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଅଧିକାଂଶ ବୟସ୍କ ହିତାଧିକାରୀ ଟଙ୍କା ଉଠାଇବାରେ ବିଫଳ ହୋଇଆସୁଛନ୍ତି। କେତେକ କ୍ଷେତ୍ରରେ ହିତାଧିକାରୀମାନେ ମୃତ୍ୟୁବରଣ କରିବା ପରେ ତାଙ୍କ ମୃତ ପ୍ରମାଣପତ୍ର ବାହାର କରିବା ସହ ପରିବାର ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲ କରିବାରୁ ଜମାଖାତାରୁ ଟଙ୍କା ଉଠାଯାଉଥିବା କୁହାଯାଉଛି। ବାର୍ଦ୍ଧକ୍ୟ ସମୟରେ ବୃଦ୍ଧାବୃଦ୍ଧମାନେ ସେମାନଙ୍କ ଭତ୍ତା ଟଙ୍କାକୁ ନେଇ ଦୈନନ୍ଦିନ ଚଳନି ହେଉ ଅବା ରୋଗରୁ ଉପଶମ ପାଇବା ପାଇଁ ଔଷଧ କ୍ରୟ କରିବାରେ ଖର୍ଚ୍ଚ କରିଥାଆନ୍ତି। ତେବେ ବ୍ୟାଙ୍କ ଗୁଡିକର ଅସହଯୋଗ ଯୋଗୁଁ ତାହା ବୟସ୍କଙ୍କ କ୍ଷେତ୍ରରେ ସମ୍ଭବପର ହୋଇପାରୁ ନାହିଁ। ଏ ଦିଗରେ ହିତାଧିକାରୀଙ୍କ ପରିବାର ଲୋକେ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଜିଲାପାଳଙ୍କ ପାଖରେ ଅଭିଯୋଗ କରିଆସୁଛନ୍ତି। ହେଲେ ଏ ଦିଗରେ ବ୍ଲକ ସାମାଜିକ ନିରାପତ୍ତା ବିଭାଗ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଉ ନାହିଁ ବୋଲି କୁହାଯାଉଛି। ତେଣେ ବରିଷ୍ଠ ନାଗରିକମାନଙ୍କୁ ଦ୍ୱାର ଦେଶରେ ବ୍ୟାଙ୍କ ସେବା ମିଳିବ ବୋଲି ନିୟମ ରହିଥିବା ବେଳେ ବ୍ୟାଙ୍କଗୁଡିକ ପକ୍ଷରୁ ତାକୁ ଫଳପ୍ରଦ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଡିବିଟି ଜରିଆରେ ଯେଉଁ ବୟସ୍କମାନଙ୍କ ଜମାଖାତାକୁ ଭତ୍ତା ଟଙ୍କା ଯାଉଛି ସେମାନଙ୍କ ଘରେ ବ୍ୟାଙ୍କ ପକ୍ଷରୁ ଟଙ୍କା ପହଞ୍ଚାଇବାର ବ୍ୟବସ୍ଥା କରିବାକୁ ଜନପ୍ରତିନିଧିମାନେ ଦାବି କରୁଛନ୍ତି। ଏ ଦିଗରେ ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ ହୃଷୀକେଶ ସାହୁଙ୍କୁ ପଚାରିବାରୁ ସେ ଏଭଳି ସମସ୍ୟା ରହିଥିବା ନେଇ ଅଭିଯୋଗ ତାଙ୍କ ବିଭାଗର ହସ୍ତଗତ ହୋଇଆସୁଛି। ବ୍ୟାଙ୍କର୍ସମାନଙ୍କ ସହ ବୈଠକ ସମୟରେ ଏ ଦିଗରେ ତାଙ୍କ ବିଭାଗ ପକ୍ଷରୁ ବ୍ୟାଙ୍କର ଉପରିସ୍ଥ ଅଧିକାରୀମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି। ଏଭଳି ହିତାଧିକାରୀମାନଙ୍କର ତାଲିକା ସହ କେଉଁ ବ୍ୟାଙ୍କରେ ସେମାନଙ୍କର ଜମାଖାତା ରହିଛି, ସେ ସଂପର୍କରେ ଅବଗତ କରାଇବାକୁ କୁହାଯାଇଛି। ଏ ନେଇ ପ୍ରତ୍ୟେକ ପଞ୍ଚାୟତର ଜନପ୍ରତିନିଧିମାନଙ୍କୁ ଅବଗତ କରାଯାଇଛି। ସମସ୍ୟାର ସମ୍ମୁଖିନ ହେଉଥିବା ହିତାଧିକାରୀମାନଙ୍କର ତାଲିକା ପହଞ୍ଚିବା ପରେ ସେ ନେଇ ବ୍ୟାଙ୍କକୁ ପତ୍ର ଜରିଆରେ ବ୍ୟାଙ୍କଗୁଡିକୁ ଅବଗତ କରାଯିବ ବୋଲି ମତ ଦେଇଛନ୍ତି।

# ଜିଲ୍ଲାପାଳଙ୍କ ଅଚାନକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଶିକ୍ଷାନୁଷ୍ଠାନ ପରିଦର୍ଶନ

ଦଶରଥପୁର/ମଙ୍ଗଳପୁର, ୧।୯ (ସମିସ): ଯାଜପୁର ଜିଲ୍ଲପାଳ ଅମ୍ବର କୁମାର କର ଆଜି ଅଚାନକ ଦଶରଥପୁର ବ୍ଲକର ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଶିକ୍ଷା ମଣ୍ଡଳ ଅଧୀନ କେରୁଣା ୟୁଜିଏମଇ ସ୍କୁଲ ଏବଂ ମଧୁପୁରରେ ଥିବା ଏକ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ପ୍ରକୃତାବସ୍ଥା ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳ ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀସେବା ସ୍ୱଚ୍ଛତା, ପାନୀୟଜଳ ବ୍ୟବସ୍ଥାଠାରୁ ଆରମ୍ଭ କରି ନିରାମୟ ଯୋଜନାରେ ରୋଗୀମାନଙ୍କୁ ଔଷଧ ବଣ୍ଟନ ଏବଂ ସ୍ୱାସ୍ଥ୍ୟସେବା ସମ୍ପର୍କିତ ବିଭିନ୍ନ ଯୋଜନାର ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡା.ଅମ୍ରିତା



ପ୍ରୀତମ ମଲ୍ଲ ଜିଲ୍ଲାପାଳଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟସେବା ଯୋଜନା ଉପରେ ଅବଗତ କରିବା ସହ ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସ୍ୱାସ୍ଥ୍ୟସେବାରେ ଡାକ୍ତରଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବାରେ ଜଡିତ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ସେବା ମନୋଭାବ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାରେ କେହି ଅବହେଳା କରିବା ଅନୁଚିତ ବୋଲି ତାଗିଦ କରିଥିଲେ। ସେଠାରୁ ଜିଲ୍ଲାପାଳ ଦଶରଥପୁର ଶିକ୍ଷାମଣ୍ଡଳ ଅଧୀନ କେରୁଣା ୟୁଜିଏମଇ ସ୍କୁଲକୁ ଯାଇ ବିଦ୍ୟାଳୟର ସ୍ୱଚ୍ଛତା, ପୋଷଣଯୁକ୍ତ ମଧ୍ୟାହ୍ନ ଭୋଜନ, ଶିକ୍ଷାଦାନ କାର୍ଯ୍ୟ ଅନୁଧ୍ୟାନ କରିବା ସହ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ସହ ବାର୍ତାଳାପ କରିଥିଲେ। ସେଠାରେ ମଧ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିକ୍ଷାଦାନରେ ଅବହେଳା ଅକ୍ଷମଣୀୟ ବୋଲି ତାଗିଦ କରିଥିଲେ। ପରେ ଦଶରଥପୁର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅଧୀନରେ ପରିଚାଳିତ ମଧୁପୁର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଅଙ୍ଗନବାଡି କେନ୍ଦ୍ରର କୁନି କୁନି ପିଲାମାନଙ୍କୁ ଚକୋଲେଟ ଦେବା ସହ କଥା ହୋଇଥିଲେ। ଅଙ୍ଗନବାଡି କେନ୍ଦ୍ରର କର୍ମୀ ଓ ସହାୟିକାଙ୍କୁ ପିଲାମାନଙ୍କ ଯତ୍ନ, ବୌଦ୍ଧିକ ପାଠପଢ଼ା, ଘରକୁ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଉପରେ ସର୍ବଦା ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷେ ଜିଲ୍ଲାପାଳଙ୍କ ଏଭଳି ଅଚାନକ ପରିଦର୍ଶନକୁ ଅଞ୍ଚଳର ଜନସାଧାରଣ ସ୍ୱାଗତ କରିବା ସହିତ ଜିଲ୍ଲାପାଳ ନିୟମିତ ଏଭଳି ଅଚାନକ ପରିଦର୍ଶନ କଲେ ସରକାରୀ ବ୍ୟବସ୍ଥାରେ ଉନ୍ନତି ଆସିବ ବୋଲି କହିଥିବା ବେଳେ ସରକାରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

ସୌନ୍ଦର୍ଯ୍ୟ ହରାଇଲାଣି ବିଦ୍ୟାଳୟ ପାଚେରି

# ବରପୁତ୍ରଙ୍କ ପ୍ରତିଛବି ବିକୃତ

କୟାଁଗୋଲା,୧।୯ (ସମିସ): ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଁ କାନ୍ଥରେ କେଉଁଠି ବରପୁତ୍ରଙ୍କ ଛବି ଆଙ୍କାଗଲା ତ ଆଉ କେଉଁଠି ସାହିତ୍ୟକୃତି। ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ସମସ୍ତଙ୍କୁ ଏ ଚିତ୍ର ଗୁଡିକ ଆକର୍ଷିତ କରିଥିଲା। ବାଟରେ ଘାଟରେ ଅଟକି ଯେ କେହି ଏ ଚିତ୍ର ଗୁଡ଼ିକୁ ଦେଖିବା ସହ ଫଟୋ ଉଠେଇବା ପର୍ଯ୍ୟନ୍ତ ଆଗଭର ହୋଇ ପଡୁଥିଲେ। ହେଲେ ଏବେ ଦିନେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ସ୍ଥାନ ଆଜି ଅପରିଷ୍କାର ସ୍ଥାନ ଭାବେ ପରିଚିତ ହୋଇଛି।

ବିଦ୍ୟାଳୟର ଖାଲି କାନ୍ଥରେ ଅଙ୍କା ଯାଇଥିବା ଚିତ୍ର ଯେ ଲୁଚି ଯାଇଛି; ତାହା ନୁହେଁ। ବରଂ ବରପୁତ୍ର, ସାହିତ୍ୟିକ କୃତି ସବୁ ବି କାନ୍ଥରୁ ହଜି ଯିବାକୁ ବସିଲାଣି। ଏହା ଆମ ପୂଜ୍ୟ ପୂଜାକୁ ଘୋର ଅପମାନ ବୋଲି ସାଧାରଣରେ ଚର୍ଚ୍ଚା ହେବାକୁ ଲାଗିଛି। ତଥାପି ଏଥି ପ୍ରତି କାହାରି ନଜର ପଡୁ ନାହିଁ। ଦଶରଥପୁର ବ୍ଲକ ବିଭିନ୍ନ ବିଦ୍ୟାଳୟମାନଙ୍କ କାନ୍ଥ, ପାଚେରିରେ ନିର୍ମାଣ ହୋଇଥିବା ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାୟ ସମସ୍ତ ସ୍କୁଲ ରାସ୍ତା ପାଖରେ ଏବଂ କାନ୍ଥରେ ବିଭିନ୍ନ ପ୍ରକାରର ଚିତ୍ର, ଓଡ଼ିଶାର ବିଭିନ୍ନ ପ୍ରକାରର କଳା ସଂସ୍କୃତି ଏବଂ ବରପୁତ୍ରମାନଙ୍କ ଚିତ୍ର ସାଙ୍ଗକୁ ସାହିତ୍ୟକୃତି ମଧ ଅଙ୍କା ଯାଇଥିଲା। ଏହି ଅଙ୍କିତ ଚିତ୍ର କଳାକୃତି ଗୁଡିକ କେଉଁଠି ଗଛଲତା ମାଡ଼ି ତାର ସୌନ୍ଦର୍ଯ୍ୟ ଖରାପ ହେଲାଣି ତ



ଆଉ କେଉଁଠି ଚିତ୍ରରୁ ରଙ୍ଗ ଛାଡ଼ି ଖରାପ ହେବାକୁ ବସିଲାଣି। ଫଳରେ ଯାହା ଦିନେ ସୌନ୍ଦର୍ଯ୍ୟ ବୃଦ୍ଧି କରାଉଥିଲା ତାହା ଏବେ ସୌନ୍ଦର୍ଯ୍ୟ କମାଇବା ପରିସ୍ଥିତିରେ ପହଞ୍ଚିଲାଣି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ଆବେଦନ ତାରିଖ ବୃଦ୍ଧି

ଧର୍ମଶାଳା,୧।୯ (ସମିସ): ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନ ତାରିଖକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଆବେଦନର ଶେଷ ତାରିଖ ୨୫ ଅଗଷ୍ଟ ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ବୃଦ୍ଧି କରାଯାଇ ଅଗଷ୍ଟ ୩୦ ତାରିଖ କରାଯାଇଥିଲା। ତେବେ ଏହି ସମୟ ମଧ୍ୟରେ ଅନେକ ସାମ୍ବାଦିକ ଆବଶ୍ୟକ ନିଜର କାଗଜପତ୍ର ଯୋଗାଡ଼ କରିପାରି ନଥିବାରୁ ସ୍ୱାସ୍ଥ୍ୟବୀମା ଆବେଦନରୁ ବଞ୍ଚିତ ହୋଇଥିଲେ। ଯାହାକୁ ନେଇ ଏହି ସମୟସୀମା ବୃଦ୍ଧି କରିବାକୁ ସାମ୍ବାଦିକମାନଙ୍କ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ସାମ୍ବାଦିକମାନଙ୍କ ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଏହି ଆବେଦନର ଶେଷ ତାରିଖକୁ ସେପ୍ଟେମ୍ବର ୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। କର୍ମଜୀବୀ ସାମ୍ବାଦିକମାନଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟବୀମା ଯୋଗାଇ ଦେଉଛନ୍ତି। ଏହା ଦ୍ୱାରା ବହୁ ସାମ୍ବାଦିକଙ୍କ ପରିବାର ଦେୟମୁକ୍ତ ଭାବେ ବିଭିନ୍ନ ଅନୁବନ୍ଧିତ ଡାକ୍ତରଖାନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଚଳିତ ବର୍ଷ ମଧ ଉଭୟ ନୂତନ ଏବଂ ନବୀକରଣ ନିମନ୍ତେ ସାମ୍ବାଦିକମାନଙ୍କଠାରୁ ଅନଲାଇନ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି। ସୂଚନାଯୋଗ୍ୟ ଯେ ଇଚ୍ଛୁକ ସାମ୍ବାଦିକମାନେ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ।

# ଯୁବକଙ୍କୁ ବିଜେପି ସମର୍ଥକଙ୍କ ଆକ୍ରମଣ ଅଭିଯୋଗ

ଦଶରଥପୁର, ୧।୯ (ସମିସ): ଦଶରଥପୁର ବ୍ଲକ ତଥା ମଙ୍ଗଳପୁର ଥାନାଞ୍ଚଳର ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ନେଇ ଯୁବକ ମଙ୍ଗଳପୁର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ମଙ୍ଗଳପୁର ଥାନା ବିନ୍ଧାନନ୍ଦିପୁର ଅଞ୍ଚଳର ଅନନ୍ତ କୁମାର ଜେନା ଗତ ୩୦ତାରିଖ ଦଶରଥପୁର ବ୍ଲକ ମଲ୍ଲିକାପୁର ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜ ବାଇକରେ ଏକୁଟିଆ ମଲ୍ଲିକାପୁର-ବଡଳାଙ୍ଗ ରାସ୍ତାରେ ଘରକୁ ଫେରୁଥିବା ବେଳେ ଦଶରଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେପି କର୍ମୀ ଇନ୍ଦ୍ରଜିତ ଦାସ ତାଙ୍କୁ ଅଟକାଇଥିଲେ। ସେ ଅଟକିବା କ୍ଷଣି ଇନ୍ଦ୍ରଜିତ ଓ ତାଙ୍କ ସହଯୋଗୀ ପତିତପାବନ ମହାନ୍ତି, ସୁଜିତ ନାୟକଙ୍କ ସମେତ ୪ରୁ ୫ ଜଣ ଯୁବକ ହଠାତ ତାଙ୍କୁ ଗୋଇଠା, ଧକ୍କା ମାରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ କାହିଁକି ବିଜେପିକୁ ବିରୋଧ କରୁଛୁ ବୋଲି କହି ଆଗକୁ ଆଉ ଯଦି ବେଶୀ ପାଟି ଖୋଲିବୁ ତୋତେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ। ଏପରିକି ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳି ଦେବା ସହ ତାଙ୍କ ପ୍ୟାକେଟରେ ଥିବା କିଛି ଟଙ୍କା ମଧ ଛଡାଇ ନେଇଥିଲେ। ଏହି ସମୟରେ ସେହି ରାସ୍ତାରେ ଯାଉଥିବା ଅନନ୍ତଙ୍କ କିଛି ଚିହ୍ନାଜଣା ଯୁବକ ସେଠାରେ ପହଂଚିବା ଦେଖି ଅଭିଯୁକ୍ତ ମାନେ ଚମ୍ପଟ ମାରିଥିଲେ। ଭୟଭୀତ ଅବସ୍ଥାରେ ଅନନ୍ତ ଘଟଣାକୁ ନେଇ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଟାୟାର ଦୋକାନରୁ ୧୩ ଲକ୍ଷ ଟଙ୍କା ଲୁଟ୍

ପାଣିକୋଇଲି,୧।୯ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଦୁର୍ଗା ମାର୍କେଟରେ ଥିବା ଏକ ଟାୟାର ଦୋକାନରୁ ଦିନ ଦ୍ୱିପହରରେ ୧୩ ଲକ୍ଷ ଟଙ୍କା ଲୁଟ ହୋଇଥିବାର ଦୋକାନ ମାଲିକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚାଲୁ ରଖିଛି। ପ୍ରକାଶଯେ ଦୁର୍ଗା ମାର୍କେଟରେ ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ବାଲିପୋଖରୀ ଗ୍ରାମର ମଦନ ଦାଶ ଓ ତାଙ୍କ ପୁଅ ପ୍ରିୟ ରଂଜନ ଦାଶ ହରପାର୍ବତୀ ଟାୟାରର୍ସ ନାମରେ ଏକ ଟାୟାର ଦୋକାନ କରିଛନ୍ତି। ତେବେ ଆଜି ଅପରାହ୍ନ ୩.୨୦ ସମୟରେ ସେ ପାଣିକୋଇଲି ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇପରେ ୧୨ ଲକ୍ଷ ୮୬ ହଜାର ୩୦୦ଟଙ୍କା ଉଠାଇ ଏକ ବ୍ୟାଗରେ ଆଣି ଦୋକାନରେ ରଖି ଶୌଚ ପାଇଁ କରିବାକୁ ଯାଇଥିଲେ। ଉକ୍ତ ସମୟରେ ପ୍ରିୟ ରଂଜନଙ୍କ ବାପା ମଦନ ମଧ ଦୋକାନରେ ଶୋଇଥିଲେ। ଏହି ସମୟରେ ପୁର୍ବରୁ ପିଛା କରୁଥିବା କେହି ଦୁର୍ବୃତ ଦୋକାନରେ ଅନ୍ୟ କର୍ମଚାରୀ ନଥିବା ଦେଖି ଉକ୍ତ ଟଙ୍କା ଭର୍ତ୍ତୀ ବ୍ୟାଗକୁ ଧରି ଚମ୍ପଟ ମାରିଥିଲା। ପରେ ପ୍ରିୟ ଆସିବା ପରେ ଉକ୍ତ ବ୍ୟାଗଟି ସେ ରଖିଥିବା ସ୍ଥାନରେ ନଥିବା ଦେଖି ସିସିଟିଭି ଯାଞ୍ଚ କରିଥିଲେ। ତେବେ ସିସିଟିଭିରେ ଜଣେ ଯୁବକ ଉକ୍ତ ବ୍ୟାଗଟିକୁ ନେଇଯାଇଥିବାର ଦେଖି ପାଣିକୋଇଲି ଥାନାରେ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ଦାଖଲ ପରେ ଖବର ଲେଖା ହେବା ପର୍ଯ୍ୟନ୍ତ ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି, ସବଇନିସପେକ୍ଟର ବିଶ୍ୱରଂଜନ ଦାସ, ସୁମିତ କୁଜୁର ପ୍ରମୁଖ ବ୍ୟାଙ୍କ ଓ ଦୋକାନକୁ ଯାଇ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହିତ ତଦନ୍ତ ଚାଲୁ ରଖିଛନ୍ତି। ଦିନ ଦ୍ୱିପହରରେ ରାଜପଥ କଡ଼ରେ ଥିବା ଏକ ଦୋକାନରୁ ଟଙ୍କା ଚୋରି ହେବା ବ୍ୟବସାୟୀମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍; ଚାଳକ ଆହତ

ପାଣିକୋଇଲି,୧।୯ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟ୍ରମାକେୟାର ନିକଟରେ ଏକ ପିକଅପ ଭ୍ୟାନ୍ ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ ଚାଳକ ଆହତ ହୋଇଛନ୍ତି। ପ୍ରକାଶଯେ ପାଣିକୋଇଲି ପଟୁ ଭଦ୍ରକ ଅଭିମୂଖେ ଯାଉଥିବା ଏକ ଅକ୍ସିଜେନ ସିଲିଣ୍ଡର ବୋଝେଇ ପିକଅପ ଭ୍ୟାନ (ଓଡ଼ି୩୪ ସି୪୭୧୬) ଟ୍ରମା କେୟାର ନିକଟରେ ଭାରସାମ୍ୟ ହରାଇ ସମ୍ମୁଖରେ ଭଦ୍ରକ ଅଭିମୁଖେ ଯାଉଥିବା ଏକ ବାଇକ (ଓଡ଼ି୩୪ଆର୫୦୦୩)କୁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ଜଣକ ଆହତ ହୋଇଥିଲେ। ଉକ୍ତ ଦୁର୍ଘଟଣା ପରେ ରାଜପଥ ଉପରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ପରେ ଖବର ପାଇ ଯାଜପୁର ପରିବହନ କାର୍ଯ୍ୟାଳୟର ଜୁନିୟର ଏମଭିଆଇ ପ୍ରଦୀପ ବେହେରା ଘଟଣାସ୍ଥଳରେ ପହଞ୍ଚି ପାଣିକୋଇଲି ପୁଲିସକୁ ଖବର ଦେବା ସହିତ ଆହତଙ୍କୁ ଡ଼ାକ୍ତରଖାନାକୁ ପଠାଇଥିଲେ। ପୁଲିସ ଗାଡ଼ି ଦୁଇଟିକୁ ଜବତ କରିଥିବା ବେଳେ ବାଇକ ଆରୋହୀଙ୍କ ପରିଚୟ ମିଳିପାରିନାହିଁ।

# ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ

କୟାଁଗୋଲା,୧।୯ (ସମିସ): ଦଶରଥପୁର ବ୍ଲକ ବୈତରଣୀ ଓ ଏହାର ଶାଖା କାଣି ନଦୀରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ଓ କସପା ପଞ୍ଚାୟତ ଦରଘା ଠାରେ ହୋଇଥିବା ବନ୍ୟାରେ ଅଧା ଦଶରଥପୁର ବ୍ଲକ ବାସିନ୍ଦାଙ୍କ ଜୀବନ ଜୀବିକା ଛଡାଇ ନେଇଛି। ଜନସାଧାରଣ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ। ଏଣୁ ଗତକାଲି ଓ ଆଜି ଦଶରଥପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ କୟାଁ ପଞ୍ଚାୟତରେ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ଚୁଡା, ଗୁଡ଼, ବିସ୍କୁଟ, ପାଣି ଓ ଶୁଖିଲା ଖାଦ୍ୟ ୭୦୦ରୁ ଅଧିକ ପରିବାରକୁ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଶ୍ୟାମସୁନ୍ଦର କର, ବରିଷ୍ଠ କଂଗ୍ରେସ ନେତ୍ରୀ କନକଲତା ମଲିକ, ପିସିସି ସଭ୍ୟ ଦେବେନ୍ଦ୍ର ପଣ୍ଡା, ସନ୍ତୋଷ ନନ୍ଦ, ଭରତ ଚନ୍ଦ୍ର ପରିଡା, ଲିପିକା ମଲିକ, ଚନ୍ଦ୍ରଶେଖର ସାହୁ, ଚନ୍ଦ୍ରନାରାୟଣ ଦାସ, ଶେଖର ସମ୍ବିତ ଧଳ, ଅନନ୍ତ କୁମାର ଦାସ, ବିମଳ ମଲିକ, ଯୁବରାଜ ମଲିକ, ଉମେଶ ଜେନା, ଅଜିତ ମହାନ୍ତି,ଅଜୟ ନାୟକ, ପ୍ରବୋଧ ନାୟକ, ପ୍ରଫୁଲ୍ଲ ମଲ୍ଲିକଙ୍କ ବହୁ କର୍ମୀ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।

# ପୂଜା ମଣ୍ଡପ ବୁଲିଲେ ଭବପ୍ରସାଦ

କୁଆଖିଆ,୧।୯ (ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବଉଳମୂଳ ସାହିରେ ୫ଦିନ ଧରି ପାଳନ ହେଉଥିବା ଗଣେଶ ପୂଜା ଉତ୍ସବରେ ଯାଜପୁର ପୌରପରିଷଦର ପୂର୍ବତନ ପୌରାଧକ୍ଷ ଭବପ୍ରକାଶ ଦାସ ଯୋଗଦେଇ ପ୍ରଭୂଙ୍କ ଆଶିଷଲାଭ କରିଛନ୍ତି। ଏଥିସହ ପୂଜାର ଆୟୋଜକ ସାହିର ଯୁବକମାନଙ୍କ ସହ ଭାବ ବିନିମୟ କରିବା ସହ ମୁଖ୍ୟପୂଜକ ଦିଲୀପ କୁମାର ପଣ୍ଡାଙ୍କ ଠାରୁ ପୂଜାବିଧି ସଂପର୍କରେ ପଚାରି ବୁଝିଛନ୍ତି। ପୂଜା ପରିଚାଳନା କମିଟି ପକ୍ଷରୁ ଆଧୁନିକ ନାଚଗୀତକୁ ଗୁରୁତ୍ୱ ନଦେଇ ହଜିଯାଉଥିବା ଲୋକକଳା ପାଲା,



ଦାସକାଠିଆ, ଘୋଡାନାଚ ଆଦିକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବରେ ଆୟୋଜନ କରିବାକୁ ଗୁରୁତ୍ୱ ଦେଉଥିବା ଜାଣି ଅତିଥିଗଣ ଖୁସିବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭୋଟକା ପଞ୍ଚାୟତର ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ହିଙ୍ଗୁଳା ବୁଣାକାର ସମିତିର ସଭାପତି ନିର୍ମଳ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ପୂଜାର ମୁଖ୍ୟ ପୁରୋଧା ସୌମ୍ୟରଞ୍ଜନ ସାହୁଙ୍କ ସମେତ ପୂଜା ପରିଚାଳନା କମିଟିର ସଦସ୍ୟ ବିରଞ୍ଚି ସାହୁ, ଆଶିଷ ସାହୁ, ଓମ୍‌ପ୍ରକାଶ ସାହୁ, ବିଶ୍ୱଜିତ୍ ଦାସ, ସଚିନ ଦାସ, ହରିବଲ୍ଲଭ ସାହୁ, ଭଗବାନ ବେହେରା, ସାନ୍ତନୁ ସାହୁ, ମଣିଆ ସାହୁ, ହରେକୃଷ୍ଣ ସାହୁ, ରଞ୍ଜନ ସାହୁ, ରମେଶ ସାହୁ, ରଶ୍ମିରଞ୍ଜନ ସାହୁ, ସୌମ୍ୟରଞ୍ଜନ ସାହୁ, ପ୍ରଶାନ୍ତ ସାହୁ, ମହେଶ୍ୱର ସାହୁ, ହରିହର ସାହୁ, ଅନୁଭବ ସାହୁ, କୁନା ସାହୁ, ବିଶ୍ୱରଂଜନ ସାହୁ, ସୁନନ୍ଦ ବେହେରା, ଓମ୍ ପ୍ରକାଶ ସାହୁ, ଦିପୁ ରଞ୍ଜନ ସାହୁ, ପାଗୁଲୁ ସାହୁ, ରାମଚନ୍ଦ୍ର ସାହୁ, ହରମାଧବ ଦାସ, ମୁନା ସାହୁ, ଜୀବନ ସାହୁ, ରିଙ୍କୁ ନାୟକ, ସୌମ୍ୟରଞ୍ଜନ ବେହେରା, ରଞ୍ଜନ ସାହୁ, ଆଲୋକ ସାହୁ, ସୁଶାନ୍ତ ସାହୁ, ଅମୁଲ୍ୟ ସାହୁ, ସାନ୍ତନୁ ନାୟକ, ମନୋରଞ୍ଜନ ନାୟକ, ଫାଲଗୁନି ରଞ୍ଜନ ସାହୁ, ସିପୁନ ସାହୁ, ଉମେଶ ସାହୁ, ଉମେଶ ସାହୁ, ପିଣ୍ଟୁ ସାହୁ, ପଦିନ ବେହେରା, ସତ୍ୟଜିତ୍ ସାହୁ, ସୂର୍ଯ୍ୟକାନ୍ତ ବେହେରା, କାହ୍ନା ସାହୁଙ୍କ ସମେତ ଶତାଧିକ ଯୁବକ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ଯାଜପୁରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

# ୬୦ଟି ଅଭିଯୋଗର ତ୍ୱରିତ ଫଇସଲା

ଯାଜପୁର,୧।୯ (ସମିସ)

ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୨୧୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୫୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬୦ଟି ଅଭିଯୋଗର ତତ୍କାଳ ଫଇସଲା




କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ଯାଜପୁର ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯାଜପୁର ହେମନ୍ତ କୁମାର ମହନ୍ତ, ଭାରପ୍ରାପ୍ତ ତହସିଲଦାର ଯାଜପୁର ଜି.ହରି କ୍ରିଷ୍ଣା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ଧର୍ମଶାଳା, ୧।୯ (ସମିସ):** ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳରେ ଆଜି ବିଧାୟକଙ୍କ ଦ୍ୱାରା ପ୍ରକଳ୍ପଗୁଡିକର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ବିଧାୟକ ହିମାଂଶୁ ଶେଖର ସାହୁ ଅରେଇକଣା ଠାରେ ପହଞ୍ଚି ପୂର୍ତ୍ତ ବିଭାଗ ପକ୍ଷରୁ ହେବାକୁ ଥିବା ବଲିଚନ୍ଦ୍ରପୁର-ବରୁହାଁ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ପରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିବା ସୁନାରୀ ଠାରୁ ଶେଣ୍ଢପୁର ପର୍ଯ୍ୟନ୍ତ ନୂତନ ରାସ୍ତାର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଜାରକା ଜଳସେଚନ ବିଭାଗ ପକ୍ଷରୁ ୧୪ନଂ. ହାଇଲେବୁଲ କେନାଲର ଦୀର୍ଘ ୩.୫ କିଲୋମିଟର ପର୍ଯ୍ୟନ୍ତ କେନାଲର ପୁନରଉଦ୍ଧାର କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ସେଠାରେ ଜାରକା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶିଶିର କୁମାର ଦାସ ଓ ସହକାରୀ ନିର୍ବାହୀଯନ୍ତ୍ରୀ ସବ୍ୟସଚିନ ବିଶ୍ୱାଳ ପ୍ରମୁଖ ପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଜାରକା ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେବାକୁଥିବା ବ୍ଲକ ଶିକ୍ଷାଧିକାରୀଙ୍କ ନୁତନ ଗୃହର ଶିଳାନ୍ୟସ କରିଥିଲେ। ତେବେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଆଗକୁ ଉନ୍ନତିକରଣ ଓ ନୂତନ ପ୍ରକଳ୍ପର କାର୍ଯ୍ୟଗୁଡିକ ଦ୍ରୁତ ଗତିରେ ଆଗେଇ ଚାଲିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜେପି କର୍ମୀମାନେ ଉପସ୍ଥିତ ରହି ପରିଚାଳନା କରିବାରେ ସହଯୋଗ କରିଥିଲେ।


## ସ୍ଥିତି ପରଖିଲେ ସିଡିପିଓ

# ଅବ୍ୟବସ୍ଥାରେ ଅଙ୍ଗନବାଡ଼ି କେନ୍ଦ୍ର

**କବାଟବନ୍ଧ, ୧।୯ (ସମିସ)**

ଧର୍ମଶାଳା ବ୍ଲକ ଅଧୀନରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକ ମଧ୍ୟରୁ ଅନେକ ଅବ୍ୟବସ୍ଥା ଭିତରେ ଚାଲୁ ରହିଥିବା ଖୋଦ ସିଡିପିଓ ସ୍ୱୀକାର କରିଛନ୍ତି। ସୋମବାର ଅଚାନକ ମଧୁସୂଦନପୁର ସେଣ୍ଟରକୁ ଗସ୍ତ କରି ବିଭିନ୍ନ ଅବ୍ୟବସ୍ଥା ଏବଂ ସମସ୍ୟାକୁ ଦେଖିବା ସହିତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବ୍ଲକର ବିଭିନ୍ନ ସେଣ୍ଟରରେ ଅସୁରକ୍ଷିତ ଘରେ, ସ୍କୁଲ ବାରଣ୍ଡାରେ, ଆଦି ପାଠ ପଢ଼ାଯାଉଥିବା ନେଇ ଦୈନିକ ଖବରକାଗଜ 'ସକାଳ'ରେ ଭଡ଼ା ଘର ଏବଂ ସ୍କୁଲ ବାରଣ୍ଡାରେ ଚାଲିଛି ପାଠ ପଢ଼ା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାର ବାସ୍ତବ ଚିତ୍ର ପରଖିବା ନେଇ ଧର୍ମଶାଳା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଉକ୍ତ ସେଣ୍ଟରରେ ପହଞ୍ଚିଥିଲେ। ପିଲାମାନଙ୍କ ଅସୁରକ୍ଷିତ ଭାବେ ପାଠ ପଢୁଥିବା ସହିତ ସେମାନଙ୍କ ବୌଦ୍ଧିକ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଦେଖିବାକୁ ପାଇଥିଲେ। ଶିଶୁ ମାନଙ୍କ ପାଇଁ ରନ୍ଧା ଖାଦ୍ୟ ମଧ ଦିଆ ଯାଉ ନ ଥିବା ଏହି ଗସ୍ତ ବେଳେ ଦେଖିବାକୁ ପାଇଥିଲେ।

ବ୍ଲକରେ ରହିଥିବା ୩୨୧ଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୬୭ଟି କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ ଭଡ଼ା ଘର କିମ୍ବା ସ୍କୁଲ ବାରଣ୍ଡାରେ ଚାଲୁଛି। ଅନେକ ସ୍ଥାନରେ ସ୍କୁଲ ବାରଣ୍ଡାରେ ଚାଲୁଥିବାରୁ ସେଣ୍ଟରକୁ ୧୦ଟା ପୂର୍ବରୁ ବନ୍ଦ କରି ଦିଆଯାଉଛି। ଯାହା ଫଳରେ ପିଲାମାନଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା ସୃଷ୍ଟି କରିଛି। ଘର ନ ଥିବା ସ୍ଥାନ ଗୁଡ଼ିକରେ ଶିଶୁମାନଙ୍କ ପାଇଁ ଆସୁଥିବା ଖାଦ୍ୟ କେମିତି ଏବଂ କେଉଁ ପରିସ୍ଥିତିରେ ରହୁଛି ତାହା ମଧ ସ୍ପଷ୍ଟ ହୋଇନାହିଁ। କୋମଳମତି ଶିଶୁମାନଙ୍କ ଭବିଷ୍ୟତକୁ ନେଇ ଏତେ ଖାମଖିଆଲ ମନୋଭାବ ଯୋଗୁଁ ଭବିଷ୍ୟତରେ ବିଭିନ୍ନ ଅସୁବିଧା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବିଭାଗୀୟ ଅଧିକାରୀ ମାନେ କେବଳ ଅଭିଯୋଗ ହେଲେ ସକ୍ରିୟ ହୋଇ ପଡୁଛନ୍ତି। ଅନ୍ୟ ସମୟରେ ଯଦି ତତ୍ପରତା ପ୍ରକାଶ କରନ୍ତେ ତେବେ ଏତେ ଅବ୍ୟବସ୍ଥା ଦେଖିବାକୁ ମିଳନ୍ତା ନାହିଁ। ତେବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟ ସୂଚନା ଅନୁସାରେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ୮ ଗୋଟି ଅଙ୍ଗନବାଡ଼ି ସେଣ୍ଟରରେ ପାଠପଢ଼ା ହେଉଛି କି ନାହିଁ ତାହା ଜଣାପଡ଼ି ନାହିଁ। ଯଦି ସେହି ସେଣ୍ଟରରେ ପିଲାମାନଙ୍କ ପାଇଁ ପାଠ ପଢ଼ା ହେଉଥାଏ ତା'ହେଲେ ପ୍ରତ୍ୟେକ ମୁହୂର୍ତ୍ତରେ ବିପଦ ରହିଛି ଏବଂ ସେହି ଘରେ ସେଣ୍ଟର ଚାଲୁ କରିବା ପାଇଁ କି ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଛି ତାହା ମଧ ତଦନ୍ତ ସାପେକ୍ଷ।



# ସାମ୍ବାଦିକଙ୍କୁ ଆକ୍ରମଣ, ବିଜେପି ନେତାଙ୍କ ନାମରେ ଥାନାରେ ଅଭିଯୋଗ




**ଦଶରଥପୁର, ୧।୯ (ସମିସ):** ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ବିଜେପି ନେତା ଗୌତମ ରାୟଙ୍କ ନାମରେ ଗତକାଲି ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଯାହାକି ସମଗ୍ର ଅଞ୍ଚଳରେ ରାଜନୀତିକୁ ସରଗରମ କରିଛି। ସୂଚନା ମୁତାବକ ଗତ ୨୬ ତାରିଖ ଦିନ ଦଶରଥପୁର ବନ୍ୟା ଅଞ୍ଚଳରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ପରିଦର୍ଶନ କରିବାକୁ ଯାଇଥିବା ବେଳେ ଜ୍ୟୋତିପ୍ରକାଶ ମିଶ୍ର ଖବର ପ୍ରକାଶ କରିବାକୁ ଯାଇଥିବାବେଳେ ସେଠାରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ଜ୍ୟୋତି ତଥ୍ୟ ସଂଗ୍ରହ କରି ଫେରିବା ସମୟରେ ତାଙ୍କୁ ଗୌତମ ରାୟ ଅଟକାଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ତାଙ୍କ ଠାରୁ ୬୦୦ ଟଙ୍କା, ସୁନା ମୁଦି ଛଡାଇ ନେଇଥିଲେ। ଏହା ଛଡା ଗୌତମଙ୍କ ସହ ଅନ୍ୟ ୪ ଜଣ ଜ୍ୟୋତିଙ୍କୁ ମାରିଥିବା ବେଳେ ଆଉ ଗୌତମ ରାୟଙ୍କ ବିରୁଦ୍ଧରେ ଯଦି ନିୟୁଜ କରୁ ତେବେ ଜୀବନରୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଦଶରଥପର ବ୍ଲକର ଜଣେ ୱେବଚ୍ୟାନେଲ ସାମ୍ବାଦିକ ଜ୍ୟୋତିପ୍ରକାଶ ମିଶ୍ର ବିଜେପିର ଗୋଷ୍ଠୀ ବିବାଦ ସମ୍ପର୍କରେ ଖବର ପ୍ରକାଶ କରିଆସୁଥିଲେ। ଏହା ଛଡା ବିଜେପି ନେତା ଚାନ୍ଦା ଆଦାୟ ଭଳି ଖବର ଲେଖି ଆସୁଥିଲେ। ତାଙ୍କୁ ନ୍ୟାୟ ପ୍ରଦାନ କରା ନଗଲେ ଥାନା ଆଗରେ ଧାରଣାରେ ବସିବେ ବୋଲି ଜ୍ୟୋତି ପ୍ରକାଶ ସୂଚନା ଦେଇଛନ୍ତି।

## ସୁକୁରଙ୍ଗି ଖଣିରୁ ମାଟି ଧସିଲା

# ଘରେ ପଶିଲା କାଦୁଅ ପାଣି

**କାଳିଆପାଣି, ୧।୯ (ସମିସ):** ଯାଜପୁର ଜିଲ୍ଲା କାଳିଆପାଣି ଖଣି ଅଞ୍ଚଳରେ ଥିବା ଓଡ଼ିଶା ଖଣିନିଗମ ସୁକୁରଙ୍ଗି ଖଣି ମାଟି ଡମ୍ପ ରବିବାର ସନ୍ଧ୍ୟାରେ ଧସି ଏକାଧିକ ଘରେ ନିକେଲ ମାଟି ଓ ପାଣି ପଶିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଲୋକଙ୍କ ଜୀବନ ଅଳ୍ପକେ ରକ୍ଷା ପାଇଥିବା ଜଣାପଡ଼ିଛି। ସୂଚନା ଥାଉକି ରବିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସାଙ୍ଗକୁ ଘଡଘଡି ହୋଇଥିଲା। ବର୍ଷାର ପରିମାଣ ଅଧିକ ଥିବାରୁ ସୁକୁରଙ୍ଗି ଖଣିର ମାଟି ଡମ୍ପଟି ଧସି ଯାଇଥିଲା ଫଳରେ ନିକେଲ ପାଣି ଓ ମାଟି ଚିରୁଗୁଡା ବସ୍ତିକୁ ମାଡିଆସି ଏକାଧିକ ଘରେ ପଶିଯାଇଥିଲା। ସନ୍ଧ୍ୟା ସମୟ ହୋଇଥିବାରୁ ଲୋକମାନେ ଶୋଇନଥିଲେ ଘରେ ୩ ଫୁଟରୁ ଅଧିକ ପାଣି ଓ ମାଟି ପଶି ଥିବା ଦେଖିବାକୁ ମିଳିଛି। ଖଣି ନିଗମ ନିୟମ ଅନୁଯାଇ ଡମ୍ପର ପ୍ରତିକାର କରିନଥିବାରୁ ଏଇଭଳି ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟବାସିନ୍ଦା ଅଭିଯୋଗ କରିଛନ୍ତି। ପ୍ରଦୂଷଣ ବିଭାଗର ନିରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖଣିରୁ ନିର୍ଗତ ହେକ୍ସାଭାଲଣ୍ଟ ଓ ନିକେଲ ମିଶା ଜଳକୁ ବିଶୋଧନ ନକରି ସିଧାସଳଖ ଡମଶାଳ ନଦୀକୁ ଛାଡୁଥିବା ଅଭିଯୋଗ ହୋଇଛି।

## ଛୋଟ ଗାଡ଼ି ଠାରୁ ଚାନ୍ଦା ଜୁଲମ

# ପ୍ରତିବାଦ କଲେ ଚାଳକ



**କାଳିଆପାଣି, ୧।୯ (ସମିସ):** ସୁକିନ୍ଦା ଖଣି ଅଞ୍ଚଳରେ ଥିବା କାଳିଆପାଣି, ସୁକୁରୁଙ୍ଗୀ, ସାଉଥ୍ କାଳିଆ ପାଣି, ଡି-କ୍ୱାରିରେ ଭଡାରେ ଲାଗିଥିବା ସମସ୍ତ ଛୋଟ ଗାଡ଼ି ଡ୍ରାଇଭରଙ୍କ ଠାରୁ ଚାନ୍ଦା ଜୁଲମ କରାଯାଉଛି। ଏହାର ପ୍ରତିବାଦରେ ଆଜି ଡ୍ରାଇଭର ମାନେ ଧାରଣା ଦେଇଥିଲେ। ଏଠାରେ ଲାଗିଥିବା ବୋଲେରୋ, ସ୍କର୍ପିଓ, ଇନୋଭା ଗାଡ଼ି ଚାଳକ ମାନଙ୍କୁ ଗୋଟିଏ ଗାଡ଼ି ବାବଦକୁ ୫୦୦୦ ଟଙ୍କା ଚାନ୍ଦା ଦେବା ପାଇଁ ଦାବୀ କରାଯାଉଛି। ନ ହେଲେ ଗାଡ଼ି ଚଲେଇ ଦିଆଯିବ ନାହିଁ ବୋଲି ଧମକ ଦିଆଯାଉଛି। ଏହାର ପ୍ରତିବାଦ କରି ଗାଡି ଡ୍ରାଇଭରମାନେ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ କରିଛନ୍ତି। ଫଳରେ ଖଣିଭିତରକୁ ଅଧିକାରୀ ମାନେ ଯାଇ ପାରିନଥିଲେ। ତେବେ ପ୍ରଶ୍ନ ଉଠୁଛି ଡ୍ରାଇଭର ମାନେ ୧୦ ବର୍ଷରୁ ଅଧିକ ଦିନ ଧରି ଖଣିରେ କାର୍ଯ୍ୟ କରୁଥିଲେ ଏମିତି କେବେ ଦରମାରୁ କଟୁ ନଥିଲା। କିନ୍ତୁ ଚଳିତ ମାସ ଦରମା ଟଙ୍କାରୁ ୫୦୦୦ ଫେରସ୍ତ କରିବା ଡ୍ରାଇଭରଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତୁରନ୍ତ ଏହା ବନ୍ଦ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

# ଜିନ୍ଦଲ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ

**ଦଶରଥପୁର/ମଙ୍ଗଳପୁର, ୧।୯ (ସମିସ):** ଆଜି କଳିଙ୍ଗନଗର ସ୍ଥିତ ଜିନ୍ଦଲ ଷ୍ଟେନଲେସ ପକ୍ଷରୁ କସପା ଏବଂ ମଲ୍ଲିକାପୁର ପଞ୍ଚାୟତରେ କ୍ଷତିଗ୍ରସ୍ତ ବନ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ କରାଯାଇଥିଲା। ଜିନ୍ଦଲ ଷ୍ଟିଲର ବାହ୍ୟ ସମ୍ପର୍କ ମୁଖ୍ୟ ନୀଳମାଧବ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ରିଲଫ ପ୍ରଦାନ କାର୍ଯ୍ୟକ୍ରମକୁ ଦଶରଥପୁର କାର୍ଯ୍ୟନିର୍ବାହୀ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଶୁଭାରମ୍ଭ କରିଥିଲେ। ଅଞ୍ଚଳର ବନ୍ୟା ବିପନ୍ନଙ୍କୁ ଚାଉଳ, ଡାଲି, ସୋରିଷ ତେଲ, ବିସ୍କୁଟ, ମସଲା, ଚିନି, ସୋୟାବିନ ଯୁକ୍ତ ଏକ ହଜାରରୁ ଊର୍ଦ୍ଧ୍ୱ ପ୍ୟାକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର ମିହିର କୁମାର ଦାସ, ତପନ ନାୟକ, ସଙ୍ଗୀତ ମହାପାତ୍ର, ବିଜୟାନନ୍ଦ ମହାରଣା, ସଞ୍ଜୟ ମହାନ୍ତି, ସୌମ୍ୟରଞ୍ଜନ ବଳ, ହେମନ୍ତ ବାହାଲି, ବିପିନ ସିଂ, ରାଜୀବ ଦେ, ବିକାଶ ମଲ୍ଲିକ, ଅନୁପମ ଲୋହିଆ ଓ ଦଶରଥପୁର ଆର ଆଇ ଅମିୟ କୁମାର ରାୟ ପ୍ରମୁଖ ଯୋଗ ଦେଇ ରିଲିଫ ପ୍ରଦାନରେ ସହଯୋଗ କରିଥିବା ବେଳେ ବନ୍ୟାରେ ବନ୍ଧ ଭାଙ୍ଗି ଘାଇସୃଷ୍ଟି ହୋଇଥିବା ନିକଟର ଚାରୋଟି ୱାର୍ଡର ୱାର୍ଡମେମ୍ବର ମାନେ ଉପସ୍ଥିତ ରହି ଏହି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥଲେ।



# ଯାଜପୁରରେ ଅତ୍ୟାଧୁନିକ ହୋଟେଲ ଶ୍ୟାମୋରା ଉଦ୍‌ଘାଟିତ



**ଯାଜପୁର, ୧।୯ (ସମିସ):** ଯାଜପୁର ବସ୍‌ଷ୍ଟାଣ୍ଡ ନିକଟରେ ଏକ ଅତ୍ୟାଧୁନିକ ହୋଟେଲ ଖୋଲିଛି। ଜିଲ୍ଲାରେ ସୁନା ଗହଣା ବ୍ୟବସାୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପୃଷ୍ଟି ଅଳଙ୍କାର ଗ୍ରୁପ ପକ୍ଷରୁ ଏହି ହୋଟେଲ ଶ୍ୟାମୋରା ନାଁରେ ଖୋଲିଛି। ପବିତ୍ର ରାଧାଷ୍ଟମୀ ଅବସରରେ ଏହି ହୋଟେଲ ଖୋଲାଯାଇଛି। ଯାଜପୁର ସହରରେ ଏକାଧିକ ଛୋଟ ବଡ ହୋଟେଲ ଓ ଲଜ ଥିଲେ ମଧ ଅତ୍ୟାଧୁନିକ ସେବା ଯୋଗାଇପାରୁନଥିଲେ। ଯାଜପୁର ସହରର କଳେବର ଧିରେ ଧିରେ ବୃଦ୍ଧି ପାଉଥିବା ବେଳେ ଜିଲ୍ଲାରେ ମେଡିକାଲ କଲେଜ ଏବଂ ମା' ବିରଜାଙ୍କ ପୀଠକୁ ଆସୁଥିବା ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ଏଭଳି ହୋଟେଲ ନିର୍ମାଣ କରାଯାଇଛି ବୋଲି ଏହାର ପ୍ରତିଷ୍ଠାତା ଶରତ କୁମାର ପୃଷ୍ଟି କହିଛନ୍ତି। ହୋଟେଲ ଉଦଘାଟନୀ ଉତ୍ସବରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ ପ୍ରମୁଖ ଯୋଗ ଦେଇ ହୋଟେଲ ବୁଲି ଦେଖିବା ସହ ହୋଟେଲର ପ୍ରଶଂସା କରିଥିଲେ। ଏହି ହୋଟେଲରେ ଏସି ଡିଲକ୍ସ, ସହିତ ଅନ୍ୟାନ୍ୟ ଏସି ରୁମ ସହ ମାଗଣା ୱାଇଫାଇର ବ୍ୟବସ୍ଥା ରହିଛି ବୋଲି ହୋଟେଲ ପକ୍ଷରୁ ମଳୟ କୁମାର ପୃଷ୍ଟି ସୂଚନା ଦେଇଛନ୍ତି।

# ଲକ୍ଷାଧିକ ଟଙ୍କାର ତମ୍ବା ତାର ଜବତ; ଦୁଇ ଗିରଫ

**ଦାନଗଦି, ୧।୯ (ସମିସ):** ଟାଟା ଷ୍ଟିଲ କଳିଙ୍ଗନଗର କାରଖାନାରୁ ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଉଦ୍ଧାର, ବୋଲେରୋ ଗାଡ଼ି ସହ ଦୁଇ ଗିରଫ। କାରଖାନା ପରିସରରୁ ପ୍ରାୟ ଲକ୍ଷାଧିକ ଟଙ୍କାର କପର ତାର ଓ ୧୪ କେଜି କପର ବୋଲ୍ଟକୁ ଚୋରି କରି ଏକ ବୋଲେରୋ ଗାଡ଼ିରେ ଲୋଡ୍ କରି ବାହାରକୁ ଆଣୁଥିବା ବେଳେ ଫାଟକ ନିକଟରେ ସୁରକ୍ଷାକର୍ମୀଙ୍କ ହାତରେ ଦୁଇଜଣ ଧରାପଡ଼ିଥିଲେ। କାରଖାନାର ସୁରକ୍ଷା ଅଧିକାରୀ ଘଟଣା ସମ୍ପର୍କରେ କଳିଙ୍ଗନଗର ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି କପର ବୋଝେଇ ହୋଇଥିବା ଏକ ବୋଲେରୋକୁ ଜବତ କରିବା ସହ ବାରଗାଡ଼ିଆ ଗ୍ରାମର ଡ୍ରାଇଭର ହିମାଂଶୁ ଶେଖର ଜେନା ଓ ଡୁବୁରୀ ଗ୍ରାମର ଶିବ ଶଙ୍କର ବାରିକକୁ ଗିରଫ କରିଥିଲା। କେସ ନମ୍ବର ୩୦୧/୨୦୨୫ରେ ଉଭୟଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି। ତେବେ ଗିରଫ ଦୁଇଜଣ ମେସର୍ସ ବୀଣା ଇଲେକଟ୍ରିକାଲ କମ୍ପାନୀରେ କାମ କରନ୍ତି।

## କ୍ରସର ମାଲିକ ସହିତ ଲୁଚକାଳି ଖେଳୁଛି ପୁଲିସ

# ବ୍ୟାଙ୍କ କାରବାର କରୁଛି କିଏ

**କବାଟବନ୍ଧ/ଯାଜପୁର, ୧।୯ (ସମିସ)**

ଜେନାପୁର ଥାନା ରାହାଡ଼ପୁର ପଦ୍ମାବତୀ କ୍ରସର କର୍ମଚାରୀକୁ ହତ୍ୟା ଘଟଣାକୁ ୪ ମାସ ବିତିଲା। କିନ୍ତୁ ନ୍ୟାୟ ପାଇବା ଆଶାରେ ପୁଲିସ ଉପରେ ଭରସା ଓ ବିଶ୍ୱାସ କରି ଚାତକ ପରି ଚାହିଁ ବସିଛନ୍ତି ମୃତ କର୍ମଚାରୀ ଅର୍ଜିତର ପରିବାର। ମାତ୍ର ମୃତ ପରିବାରକୁ ନ୍ୟାୟ ଦେବା ପରିବର୍ତ୍ତେ ଅଭିଯୁକ୍ତ ସିଲୁ ମହାପାତ୍ରକୁ ଖସାଇ ଦେବାକୁ ଚେଷ୍ଟା କରି ବିଶ୍ୱାସଘାତକ କରୁଛି ଜିଲ୍ଲା ପୁଲିସ। କେସର ଅଗ୍ରଗତି ସମ୍ପର୍କରେ ଯେତେବେଳେ ପୁଲିସର କୌଣସି ଅଧିକାରୀ ତଥା ତଦନ୍ତକାରୀ ଅଧିକାରୀଙ୍କୁ ପଚାରିଲେ ଆମେ ତଦନ୍ତ ଜାରି ରଖିଛୁ ବୋଲି କହି ଖସି ଯାଉଛନ୍ତି।

ମୃତ ଅର୍ଜିତ ଜେନାର କେସରେ ପୁଲିସ ମୁଖ୍ୟ ଅଭିଯୁକ୍ତ ତଥା ପଦ୍ମାବତୀ କ୍ରସର ମାଲିକ ଜ୍ଞାନରଞ୍ଜନ ଓରଫ ସିଲୁ ମହାପାତ୍ରକୁ ଖୋଜି ଖୋଜି ନୟାନ୍ତ ହେଲାଣି ଏବଂ ପୁଲିସ ବିଭିନ୍ନ ଜାଗାରେ ଚଢ଼ଉ ମଧ କରୁଥିବା କହୁଛି। ମାତ୍ର ସିଲୁ ମହାପାତ୍ର ଖୁବ ଭଲ ଭାବରେ ତାଙ୍କର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନକୁ ପରିଚାଳନା କରୁଥିବା ଜଣାପଡ଼ିଛି। ଏହା କେମିତି ସମ୍ଭବ ହେଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ମୁଖ୍ୟ ଅଭିଯୁକ୍ତ ସିଲୁ ମହାପାତ୍ରର ବିଛାଖଣ୍ଡି ଅଞ୍ଚଳରେ ଥିବା ପଥର ଖାଦାନ ଏବଂ କ୍ରସରକୁ ବହୁ ଭଲ ଭାବରେ ପରିଚାଳନା କରୁଥିବା ଜଣାପଡ଼ିଛି। ହତ୍ୟା ମାମଲା ଭଳି ଏକ ସଙ୍ଗିନ ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ଥିବା ସିଲୁ ମହାପାତ୍ରର କୋଟି କୋଟି ଟଙ୍କାର ବ୍ୟବସାୟ, ବ୍ୟାଙ୍କ ଟ୍ରାଞ୍ଜାକସନ ଏବଂ ନିଜ ଦସ୍ତଖତର ଆବଶ୍ୟକତା ଥିବା କାଗଜପତ୍ର କେମିତି ହେଉଛି ତାହା ଆଶ୍ଚର୍ଯ୍ୟ ଲାଗୁଛି। ସିଲୁ ମହାପାତ୍ରର ବ୍ୟାଙ୍କ କାରବାର କିମ୍ବା କାହା ନିକଟକୁ ଫୋନ ପେ' ମାଧ୍ୟମରେ ଟଙ୍କା କାରବାର କରୁଛି ତାହା ମଧ ପୁଲିସ ଖୋଳତାଡ଼ କରିବାର ଆବଶ୍ୟକତା ରହିଛି। ଗୋଟିଏ ପରିବାରକୁ ପରୋକ୍ଷରେ ନ୍ୟାୟ ଦେଇ ନ ପାରି ମାନସିକ ନିର୍ଯାତନା ଦେଉଥିବା ଜିଲ୍ଲା ପୁଲିସ ନିଜର କର୍ତ୍ତବ୍ୟ ଭୁଲିଛି। ସାଧାରଣ ଲୋକ ନିକଟରେ ପୁଲିସ ନିଜର ପାରିବାପାଣିଆ ଏବଂ କ୍ଷମତା ଦେଖାଉ ଥିବା ବେଳେ ସିଲୁ ମହାପାତ୍ର ନାମକ ଜଣେ ଅଭିଯୁକ୍ତ ପାଖକୁ ପହଞ୍ଚି ନ ପାରିବା ସମ୍ପୂର୍ଣ୍ଣ ପୁଲିସ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ତଦନ୍ତକାରୀ ଅଧିକାରୀ ଯାଜପୁର ରୋଡ଼ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇ ନ ଥିଲା।

## ବାଇକ୍‌କୁ ପିଟିଲା କଣ୍ଟେନର

# ବାପା ଗୁରୁତର, ପୁଅ ଆହତ

**ପାଣିକୋଇଲି, ୧।୯ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସର୍ଭିସ ରୋଡ଼ କଡ଼ରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ କଣ୍ଟେନର ଧକ୍କା ଦେବା ଫଳରେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ପ୍ରକାଶଯେ କଟକରୁ ଭଦ୍ରକ ଅଭିମୁଖେ ଅନନ୍ତ କୁମାର ପଣ୍ଡା ଓ ତାଙ୍କ ପୁଅ ଅଭିଷେକ ଏକ ବାଇକ (ଓଡି୨୨ସି୦୨୦୫)ରେ ଯାଉଥିବା ବେଳେ ପଛପଟୁ ଏକ କଣ୍ଟେନର (ଏନ୍‌ଏଲ୦୧ଏଜି୬୮୩୦) ଧକ୍କା ଦେଇଥିଲା। ଫଳରେ ଅନନ୍ତ ଗୁରୁତ ଭାବେ ଆହତ ହୋଇଥିବା ବେଳେ ତାଙ୍କ ପୁଅ ଅଭିଶେକ ମଧ ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଭାପତି ଅଶୋକ କୁମାର ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥାନା ଗାଡ଼ିରେ ଆହତ ଦ୍ୱୟଙ୍କୁ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଅନନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଅଛି। ଦୁର୍ଘଟଣା ଘଟାଇବା ପରେ କଣ୍ଟେନରର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୁଲିସ ଗାଡ଼ି ଦୁଇଟିକୁ ଜବତ କରିଛି।

# ଦାନଗଦିରେ ଡ୍ରାଇଭର ଦିବସ ସମାବେଶ



**ଦାନଗଦି, ୧।୯ (ସମିସ):** ସୋମବାର ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ଭବନଠାରେ ଜିଲ୍ଲା ସଭାପତି ମାନସ ରଞ୍ଜନ ଦେବତାଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ଯାଜପୁର ଜିଲ୍ଲା ଡ୍ରାଇଭର ମହାସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ସମାବେଶରେ ମୁଖ୍ୟଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ରୋଡ୍ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଯାଜପୁରରୋଡ ଟ୍ରକ୍ ଆସୋସିଏସନ୍ ସଭାପତି ଅମିୟ କୁମାର ବାରିକ, ସମ୍ପାଦକ ମାୟାଧର ମଲ୍ଲିକ, କୋଷାଧକ୍ଷ ସ୍ମୃତିରଞ୍ଜନ ଘଡ଼େଇ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାର ୧୦ଟି ବ୍ଲକ ଏବଂ ୨ଟି ପୌରାଞ୍ଚଳର ସହସ୍ରାଧିକ ଗାଡ଼ି ଚାଳକ ଏକ ଶୋଭାଯାତ୍ରାରେ ଦାନଗଦି ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକର ବରିଷ୍ଠ ଗାଡ଼ି ଚାଳକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯାଜପୁର ଜିଲ୍ଲା ଡ୍ରାଇଭର୍ ମହାସଂଘର ସମ୍ପାଦକ ଶରତ ବେହେରା, ସହ ସମ୍ପାଦକ ଶଶିକାନ୍ତ ବେହେରା, କୋଷାଧକ୍ଷ ଲୋକନାଥ ପୁରୀ, ସଂଯୋଜକ ହୀରାଲାଲ ଭାଇ, ସମ୍ପାଦକ ଶରତ ବେହେରା ଓ ଉପଦେଷ୍ଟା ଅଶୋକ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର
ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 25.08.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ସମ୍ପାଦକୀୟ



ଯେତେବେଳେ ଜଣେ ବ୍ୟକ୍ତି ତା' ଇପ୍‌ସିତ ଜୀବନ ଜିଇଁବାର ଅଧିକାରରୁ ବଞ୍ଚିତ ହୁଏ ସେତେବେଳେ ସେ ନୀତି ବିରୋଧୀ ହୋଇଯାଏ।

-ନେଲ୍‌ସନ୍ ମାଣ୍ଡେଲା

ସକାଳ
THE SAKALA

## ସମ୍ପର୍କ ସୁଧୁରୁଛି

ବିଶ୍ୱ କୂଟନୈତିକ ଦୃଶ୍ୟପଟରେ ପରିଲକ୍ଷିତ ପରିବର୍ତ୍ତନ ଭାରତ ଓ କାନାଡ଼ା ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ସକାଶେ ସୁଯୋଗ ସୃଷ୍ଟି କରିଛି। ଖାଲିସ୍ତାନ ଆନ୍ଦୋଳନକୁ ନେତୃତ୍ୱ ଦେଇଥିବା ହରଦୀପ ସିଂ ନିଜ୍ଜାର ହତ୍ୟା ଘଟଣାରେ ଭାରତର ପ୍ରତ୍ୟକ୍ଷ ସମ୍ପର୍କ ଥିବା ଅଭିଯୋଗ କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ଟ୍ରୁଡୋ ଦ୍ୱିପାକ୍ଷିକ ସମ୍ପର୍କରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଏପରିକି ଦୁଇନେତା ନିଜ ନିଜର ଦୂତାବାସ ଅଧିକାରୀଙ୍କୁ ମଧ୍ୟ ପ୍ରତ୍ୟାହାର କରିଥିଲେ। କାନାଡ଼ା ସରକାରରେ ଶିଖଙ୍କ ନୂତନ ଗଣତାନ୍ତ୍ରିକ ଦଳର ସମର୍ଥନ ଅନିବାର୍ଯ୍ୟ ହୋଇପଡ଼ିଥିବାରୁ ଜଷ୍ଟିନ ଟ୍ରୁଡୋ ଚାପରେ ଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ବିଗିଡ଼ିଯିବା. ପଛରେ ଏହା ହିଁ ଥିଲା ମୁଖ୍ୟ କାରଣ।

ଜଷ୍ଟିନ ଟ୍ରୁଡୋଙ୍କ ପରେ ପରେ ମାର୍କ କର୍ଣ୍ଣେ ଏବେ କାନାଡ଼ାର ପ୍ରଧାନମନ୍ତ୍ରୀ। ଉଭୟ ଅବଶ୍ୟ ଲିବରାଲ ପାର୍ଟିର ନେତା। କଞ୍ଜରଭେଟିଭ୍ ପାର୍ଟିର ପରାଜୟ ଟ୍ରମ୍ପଙ୍କ ପ୍ରାଧାନ୍ୟ ଓ ପତିଆରା ପ୍ରଦର୍ଶନରେ ବାଧକ ସାଜିଛି। କାନାଡ଼ା ମଧ୍ୟ ଅନ୍ୟ ରାଷ୍ଟ୍ରଭଳି ଆମେରିକା ରପ୍ତାନି ଶୁଳ୍କ ବୃଦ୍ଧି ନିଷ୍ପତ୍ତିର ସମ୍ମୁଖୀନ ହୋଇଛି। ତେବେ ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ନୀତି ନିକଟରେ ଆତ୍ମସମର୍ପଣ ନ କରି କାନାଡ଼ା ନିଜର ସାର୍ବଭୌମତ୍ୱ ଅତୁଟ ରଖିବ ଘୋଷଣା କରିଥିଲେ କାର୍ଣ୍ଣେ। ଲୋକପ୍ରିୟତାରେ ପଛରେ ପଡ଼ିଥିବା ତାଙ୍କ ଦଳ ନିର୍ବାଚନରେ ଏହି ପ୍ରସଙ୍ଗଭିତ୍ତିରେ ସଫଳତା ହାସଲ କରିଥିଲା। ତେବେ ଆଜିର ପରିବର୍ତ୍ତିତ ବିଶ୍ୱ ଭୂରାଜନୀତିର ସମ୍ବେଦନଶୀଳତା ଦୃଷ୍ଟିରୁ ଭାରତ- କାନାଡ଼ା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ସକାଶେ ଉଭୟ ଦେଶ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଦୀର୍ଘ ଦଶମାସ ଧରି ଶୂନ୍ୟ ପଡ଼ିଥିବା ଦୂତାବାସର ଉଚ୍ଚାୟୁକ୍ତ ପଦ ପୂରଣ କରିଛନ୍ତି ଦୁଇଦେଶ। ବରିଷ୍ଠ କୂଟନୀତିଜ୍ଞ ଦୀନେଶ କୁମାର ପଟ୍ଟନାୟକ କାନାଡ଼ାରେ ଏବଂ ଖ୍ରୀଷ୍ଟୋଫର କୁଟର ଭାରତରେ ଉଚ୍ଚାୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯ ୯୦ରୁ ଭାରତୀୟ ବିଦେଶ ସେବାର ଅଧିକାରୀ ଦୀନେଶ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସିଛନ୍ତି। ଏହା ପୂର୍ବରୁ ସେ ସ୍ପେନରେ ଭାରତର ରାଷ୍ଟ୍ରଦୂତ ଥିଲେ। ଏହି ପ୍ରେକ୍ଷାପଟରେ କାନାଡ଼ାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ କହିଛନ୍ତି ଯେ ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ସମ୍ପର୍କ ପ୍ରତିଷ୍ଠା ଓ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ସୁଦୃଢ଼ କରିବାରେ ଏହି ନୂତନ ନିଯୁକ୍ତି ସହାୟକ ହେବ। ଏଠାରେ ସୂଚନାଯୋଗ୍ୟ କି ମାର୍କ କର୍ଣ୍ଣେ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ପରେ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଶୁଭେଚ୍ଛା ପ୍ରଦାନକୁ ନେଇ ଯେଉଁ ବାର୍ତ୍ତାଳାପ ହୋଇଥିଲା ସେଥିରୁ ମନେ ହେଉଥିଲା ଦୁଇ ଦେଶ ମଧ୍ୟରେ ଖୁବ୍‌ଶୀଘ୍ର ସମ୍ପର୍କର ଭିତ୍ତିଭୂମି ସୁଦୃଢ଼ ହେବାକୁ ଯାଉଛି।

ସମଗ୍ର ବିଶ୍ୱରେ ଆମେରିକାର ଅତିରିକ୍ତ ଶୁଳ୍କ ନେଇ ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି ସେଥିରେ ପାରସ୍ପରିକ ବୁଝାମଣା ଓ କୂଟନୈତିକ ସମ୍ପର୍କ ସୁଧାରିବା ସକାଶେ ଶତ୍ରୁ-ମିତ୍ର କ୍ରମେ ନୂଆ ନୂଆ ମଞ୍ଚରେ ଏକତ୍ର ହେଉଛନ୍ତି। କାନାଡ଼ା-ଭାରତ ମଧ୍ୟରେ ପରିବର୍ତ୍ତିତ ସମ୍ପର୍କକୁ ସେ ଦୃଷ୍ଟିରୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇପାରେ।

## ବାୟୁ ପ୍ରଦୂଷଣ ବିପତ୍ତି

ସମଗ୍ର ବିଶ୍ୱରେ ସବୁଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳ ଉତ୍ତରଭାରତ। ମୋଟ ଜନସଂଖ୍ୟାରେ ୩୮.୯ ପ୍ରତିଶତ ଅର୍ଥାତ୍ ପ୍ରାୟ ୫୪ କୋଟି ଏହି ଅଞ୍ଚଳରେ ବସବାସ କରନ୍ତି। ବାୟୁ ପ୍ରଦୂଷଣ ଜନିତ ବିଭିନ୍ନ ରୋଗରେ ଏହି ଅଞ୍ଚଳର ଲୋକେ ଯେତେ ପୀଡ଼ିତ, ସେହି ଅନୁସାରେ ଆୟୁ ସୀମା ମଧ୍ୟ ହ୍ରାସ ପାଇଛି। ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀରେ ପରିସ୍ଥିତି ସବୁଠାରୁ ଉଦ୍‌ବେଗଜନକ। ଫଳରେ ଦିଲ୍ଲୀରେ ଅଧିବାସୀଙ୍କ ଆୟୁ ସୀମା ହାରାହାରି ୮.୨ ବର୍ଷ ହ୍ରାସ ପାଉଛି। ବିହାରରେ ୫-୬ ବର୍ଷ, ହରିଆନାରେ ୫.୩ ବର୍ଷ ଓ ଉତ୍ତର ପ୍ରଦେଶରେ ହାରାହାରି ଆୟୁ ସୀମା ୫ ବର୍ଷ ହ୍ରାସ ପାଇଛି। ୨୦୨୩ରେ ଚିକାଗୋ ବିଶ୍ୱବିଦ୍ୟାଳୟ ବାୟୁ ପ୍ରଦୂଷଣ ଉପରେ କରିଥିବା ସମୀକ୍ଷା ରିପୋର୍ଟରୁ ଏହା ଜଣାପଡ଼ିଛି। ଶିଶୁ ଓ ଗର୍ଭବତୀଙ୍କ ଅପୁଷ୍ଟଜନିତ ସ୍ୱାସ୍ଥ୍ୟଗତ ସମସ୍ୟାଠାରୁ ଏହି ବାୟୁ ପ୍ରଦୂଷଣ ଜନିତ କ୍ଷତି ପ୍ରାୟ ଦୁଇଗୁଣ ଅଧିକ। ସେହିଭଳି ଦୂଷିତ ପାନୀୟ ଜଳ, ଦୂଷିତ ପରିବେଶ ଓ ହାତ ଧୋଇବା ବର୍ଜିତ କ୍ଷତିଠାରୁ ଏହା ୫ ଗୁଣ ଅଧିକ। ଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ଏକ ନିୟନ୍ତ୍ରଣ ସ୍ତରକୁ ଆଣିବା ସକାଶେ ଏକାଧିକ ପରୀକ୍ଷା ନିରୀକ୍ଷା କରାଯାଇ ଥିଲେ ମଧ୍ୟ ପରିବେଶ ଅପରିବର୍ତ୍ତିତ ରହିଛି। ଦେଶର ପ୍ରମୁଖ ନୀତିନିର୍ଦ୍ଧାରକ, ସର୍ବୋଚ୍ଚ ଅଦାଲତଠାରୁ ସବୁ ଉଚ୍ଚବର୍ଗର ଲୋକଙ୍କ ଆସ୍ଥାନ ଏଠାରେ ଥିଲେ ମଧ୍ୟ ଏହି ଗୁରୁତର ପରିସ୍ଥିତି ପ୍ରତି କାହାର ନିଘା ଥିଲା ଭଳି ମନେ ହେଉନାହିଁ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବାୟୁର ମାନକ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ମାନକ ୫ ୟୁଜି/ଏମ୍କ୍ୟୁବ୍ ରହିବା କଥା, କିନ୍ତୁ ଦିଲ୍ଲୀରେ ତାହା ପିଏମ ୨.୫ରେ ପହଞ୍ଚିଛି। ଏହି ପରିବେଶର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ସାଧାରଣ ଜନତା। କାରଣ ଶଯ୍ୟାଶାୟୀ ନହେବା ପର୍ଯ୍ୟନ୍ତ ଏହି ପ୍ରତିକୂଳ ପରିବେଶରେ ଭୋଗୁଥିବା ରୋଗର ଚିକିତ୍ସା ପାଇଁ. ସେମାନେ ଗୁରୁତ୍ୱ ଦେଇନଥା'ନ୍ତି। ଚିକାଗୋ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାନ ରିପୋର୍ଟ ଅନୁଯାୟୀ, ୨୦୨୨ ତୁଳନାରେ ୨୦୨୩ର ପ୍ରଦୂଷଣ ବଢ଼ିଛି। ନିର୍ଦ୍ଧାରିତ ଜାତୀୟ ବାୟୁମାନକଠାରୁ ଉର୍ଦ୍ଧ୍ୱରେ ଥିବା ଅଞ୍ଚଳରେ ଦେଶର ୪୬ ପ୍ରତିଶତ ଲୋକ ବସବାସ କରୁଛନ୍ତି। ସେମାନଙ୍କ ଆୟୁ ସୀମା ହାରାହାରି ଦେଢ଼ ବର୍ଷ ହ୍ରାସ ପାଇଛି। ଜୀବନ ପ୍ରତି ଅପେକ୍ଷାକୃତ କମ୍ ହାନିକାରକ ପ୍ରସଙ୍ଗକୁ ସରକାର ଗୁରୁତ୍ୱ ଦେଇଆସିଥିବା ବେଳେ ଏହା ଯେ ଆଗକୁ ଗୁରୁତର ସମସ୍ୟା ସୃଷ୍ଟି କରିବ ସେଥିପ୍ରତି ଏହି ରିପୋର୍ଟ ଧ୍ୟାନ ଆକର୍ଷଣ କରୁଛି। ବାୟୁ ପ୍ରଦୂଷଣ ଏତେ ଗୁରୁତର ସମସ୍ୟା ସୃଷ୍ଟି କରୁଥିଲେ ମଧ୍ୟ ଶିଳ୍ପାୟନ ଅନିୟନ୍ତ୍ରିତ ଯାନବାହାନ ଚଳାଚଳ, ଘନ ଜଙ୍ଗଲ ବିନିମୟରେ ଖଣି ଖାଦାନ ପାଇଁ ସୁଯୋଗ ସୃଷ୍ଟି କରିବା ଭଳି ପ୍ରତିକୂଳ ପରିବେଶ ପ୍ରତି ଧ୍ୟାନ ଦିଆଯାଇ ପାରୁନି। ତେଣୁ ପରିବେଶରେ ସନ୍ତୁଳନ ରକ୍ଷା କରି ବାୟୁପ୍ରଦୂଷଣକୁ କିଭଳି ନିୟନ୍ତ୍ରଣକୁ ଅଣାଯାଇପାରିବ ସେଥିପ୍ରତି ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାର ଜରୁରୀ ଆବଶ୍ୟକତା ରହିଛି।

## ରାଷ୍ଟ୍ରନିର୍ମାଣରେ ଜନଜାତି ଜ୍ଞାନ-ବିଜ୍ଞାନର ଉପଯୋଗିତା

ଡ.ଅନ୍ତର୍ଜିତା ନାୟକ

ଭାରତର ବିଶାଳ ବିବିଧ ପରିଦୃଶ୍ୟରେ ଜନଜାତି ସମ୍ପ୍ରଦାୟ ଯୁଗ ଯୁଗ ଧରି ଜଙ୍ଗଲ, ପାହାଡ଼, ନଦୀ ଏବଂ ଜୈବ ବିବିଧତାର ରକ୍ଷକ ଭାବରେ ପରିଚିତ। ସେମାନଙ୍କର ଜୀବନ ଓ ଜୀବିକା ଶିଳ୍ପ କିମ୍ବା ଜଗତୀକରଣ ଉପରେ ନୁହେଁ, ବରଂ ପ୍ରକୃତିର ଏକ ଗଭୀର, ପାରସ୍ପରିକ ବୁଝାମଣା ଉପରେ ନିର୍ଭର କରେ। ଜନଜାତି ଜ୍ଞାନବ୍ୟବସ୍ଥା ଅଭିଜ୍ଞତା ଆଧାରିତ ପ୍ରମାଣ, ନୀତିଗତ ଦିଗ ଏବଂ ସମସାମୟିକ ପ୍ରୟୋଗକୁ ଏକତ୍ର କରି ଦେଶର ସମାବେଶୀ ବିକାଶକୁ କିପରି ତ୍ୱରାନ୍ୱିତ କରାଯାଇପାରିବ, ତାହା ଉପରେ ଗୁରୁତ୍ୱ ଦେବାର ବେଳ ଆସିଛି। ଔଷଧୀୟ ଗୁଳ୍ମ ଚିହ୍ନଟଠାରୁ ଆରମ୍ଭ କରି ମୌସୁମୀ ପୂର୍ବାନୁମାନ ପର୍ଯ୍ୟନ୍ତ, ମରୁଡ଼ି-ପ୍ରତିରୋଧକ ଫସଲ ଚାଷରୁ ଆରମ୍ଭ କରି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଜନଜାତିମାନେ ପଢ଼ି ପରେ ପିଢ଼ି ଦକ୍ଷତାର ଏକ ବିଶାଳ ଭଣ୍ଡାର। ବର୍ତ୍ତମାନ ଯେଉଁଠି ଜଳବାୟୁ ସଙ୍କଟ, ଜୈବ ବିବିଧତା, କାର୍ବନ ଅର୍ଥନୀତି ପ୍ରାଧାନ୍ୟ ବିସ୍ତାର କରୁଛି, ସେଇଠି ଜନଜାତି ଜ୍ଞାନ ସମୟ-ପରୀକ୍ଷିତ ମାର୍ଗ ପ୍ରଦାନ କରି ସ୍ଥାୟୀ ବିକାଶର ନୀତି ନିର୍ମାଣରେ ଅନେକ ଗୁରୁତ୍ୱ ବହନ କରେ।

ଜନଜାତି-ଜ୍ଞାନ କୌଣସି ପାଠ୍ୟପୁସ୍ତକରେ ଲେଖାଯାଇନାହିଁ କି କୌଣସି ତଥ୍ୟାଗାରରେ ସଂରକ୍ଷିତ ନାହିଁ। ଏହା ଜନଜାତି ଲୋକଗୀତରେ, ରୀତିନୀତିରେ, ଜଙ୍ଗଲରେ ଓ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ରତିଫଳିତ ହୁଏ। ଆଧୁନିକ ପ୍ରଯୁକ୍ତିବିଦ୍ୟାଠାରୁ ବହୁତ ଦୂରରେ ଜନଜାତି ଜ୍ଞାନ। କିନ୍ତୁ ସ୍ଥାୟିତ୍ୱ ଓ ପରିବର୍ତ୍ତନର ଏପରି ଏକ ସମୃଦ୍ଧ ନକ୍ସା ପ୍ରଦାନ କରେ, ଯାହା ଆଧୁନିକ ବୈଜ୍ଞାନିକ ଚିନ୍ତନ ସହିତ ମେଳ ଖାଏ। ଉଦାହରଣସ୍ୱରୂପ, ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ର ଜନଜାତି ଅଞ୍ଚଳର ଚାଷୀ, ବିଶେଷକରି ମହିଳା ଚାଷୀମାନେ, ୨୦୦ରୁ ଅଧିକ ସ୍ୱଦେଶୀ ମଞ୍ଜି କିସମ ସଂରକ୍ଷଣ କରିଛନ୍ତି, ଯେଉଁଥିରୁ ଅନେକ ମରୁଡ଼ି-ସହନଶୀଳ, କୀଟ-ପ୍ରତିରୋଧକ ଏବଂ ଜଳବାୟୁ ନମନୀୟ। ଦିନଥିଲା, ଯେତେବେଳେ ମାଣ୍ଡିଆ କେବଳ ଗରିବ ଓ ଜନଜାତିଙ୍କର ଖାଦ୍ୟ ଥିଲା। ହେଲେ ଆଜି ସେଇ ପଛୁଆ ଲୋକଙ୍କର ପଛୁଆ ଖାଦ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଛି। କୋରାପୁଟର ଜନଜାତି ଅଞ୍ଚଳର ୩୩ରୁ ଅଧିକ ସ୍ୱଦେଶୀ ମାଣ୍ଡିଆ କିସମ ହାଇବ୍ରିଡ୍ କିସମ ଅପେକ୍ଷା ଅଧିକ ପୁଷ୍ଟିକର ବୋଲି ଚିହ୍ନଟ ହୋଇଛି। ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ତେଲୁଗୁ, ବଡା, ଦଶହେରା କିସମର ମାଣ୍ଡିଆରେ ପ୍ରୋଟିନ, କାର୍ବୋହାଇଡ୍ରେଟ୍, ଫାଇବର, ଫ୍ଲାଭୋନାଏଡ୍ ଓ ଆଣ୍ଟିଅକ୍ସିଡାଣ୍ଟର ମାତ୍ରା ଅତ୍ୟାଧୁନିକ ହାଇବ୍ରିଡ୍ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଶସ୍ୟ ତୁଳନାରେ ଖୁବ୍ ଅଧିକ। ପ୍ରାକୃତିକ ଉପାୟରେ ବିନା ରାସାୟନିକ ଦ୍ରବ୍ୟ ବ୍ୟବହାର କରି ନିଜର ସ୍ୱଦେଶୀ ବା ଦେଶୀୟ ପଦ୍ଧତି ଓ ଜ୍ଞାନକୌଶଳ ଉପଯୋଗ କରି ଜନଜାତିମାନେ କେତେ ଆଗୁଆ, ତାହାର ପ୍ରମାଣ ସମୟ ସମୟରେ ମିଳୁଛି। ଜନଜାତିଙ୍କର ଏହି ଫସଲ ପରିବେଶବିତ୍‌ଙ୍କଠାରୁ ଚାଷୀ, ବୈଜ୍ଞାନିକ ଓ ସରକାରଙ୍କ ପର୍ଯ୍ୟନ୍ତ ବର୍ତ୍ତମାନ ପ୍ରାୟ ସମସ୍ତଙ୍କର ପ୍ରାଥମିକତା ପାଲଟିଛି।

ଖାଦ୍ୟ ଓ କୃଷି ସଂଗଠନ ଅନୁଯାୟୀ ଜନଜାତି କୃଷି ପଦ୍ଧତି ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ମାଣ୍ଡିଆ ଚାଷ ସହିତ ଦେଶିଆ ଧାନ ଚାଷ, ଶାଳ ପତ୍ର, ମହୁଆ ଫୁଲ, ବାଉଁଶ, ଲାଖ, ମହୁ ଓ ଆହୁରି ଅନେକ ଜଙ୍ଗଲ ଉତ୍ପାଦ ଅନ୍ତର୍ଭୁକ୍ତ, ଯାହା ଜନଜାତି ସମ୍ପ୍ରଦାୟ ଦ୍ୱାରା ସଂଗୃହୀତ ଓ ସଂରକ୍ଷିତ। ପରିବେଶ ଓ ପ୍ରକୃତିକୁ କ୍ଷତି ନ ପହଞ୍ଚାଇ କିପରି ଉତ୍ପାଦନ ଓ ଅମଳ କରିହେବ, ତାହାର ଉପଯୁକ୍ତ ଜ୍ଞାନ ଜନଜାତିଙ୍କ ପାଖରେ। ସେମାନେ ନିଜର ତୀକ୍ଷ୍ଣ ନିରୀକ୍ଷଣ କଳା ଦ୍ୱାରା ଜାଣିପାରନ୍ତି କେଉଁ ଗଛ ସର୍ବାଧିକ ଉତ୍ପାଦନ କରେ, କେଉଁ ଫୁଲ ସବୁଠାରୁ ଭଲ କିଣ୍ୱନ କରେ ଏବଂ ପ୍ରାକୃତିକ ପୁନର୍ଜନ୍ମ କିପରି ସୁନିଶ୍ଚିତ କରିହେବ। ସେମାନେ କେବଳ ସଂଗ୍ରାହକ ନୁହନ୍ତି, ଜଙ୍ଗଲ ଅର୍ଥନୀତିଜ୍ଞ ଏବଂ ପରିବେଶବିତ୍।

ଏହାବ୍ୟତୀତ, ଭାରତର ଜନଜାତି ସମ୍ପ୍ରଦାୟ ଦୀର୍ଘଦିନ ଧରି ପ୍ରାକୃତିକ ନିରାମୟର ରହସ୍ୟକୁ ମଧ୍ୟ ଆୟତ୍ତ କରି ରଖିଛନ୍ତି। ଓଡ଼ିଶାର ଡଙ୍ଗରିଆ କନ୍ଧଙ୍କଠାରୁ ଆରମ୍ଭ କରି ତାମିଲନାଡ଼ୁର ଇରୁଲା ପର୍ଯ୍ୟନ୍ତ ଜନଜାତି ଅଞ୍ଚଳର ଔଷଧୀୟ ବୃକ୍ଷଲତା ଏବଂ ଚିକିତ୍ସା ପଦ୍ଧତି, ଦୈନନ୍ଦିନ ଜୀବନରେ ଧୀରେ ଧୀରେ ସନ୍ନିବେଶିତ ହେଉଛି। ଏକ ରିପୋର୍ଟ ଅନୁଯାୟୀ, ଜନଜାତି ସମ୍ପ୍ରଦାୟ ଦ୍ୱାରା ଔଷଧୀୟ ଉଦ୍ଦେଶ୍ୟରେ ବ୍ୟବହୃତ ୭, ୦୦୦ରୁ ଅଧିକ ଉଦ୍ଭିଦ ପ୍ରଜାତି ଚିହ୍ନଟ କରାଯାଇଛି। ଏହି ଚିକିତ୍ସାଗୁଡ଼ିକ ଅନେକ ଆୟୁର୍ବେଦ ଓ ୟୁନାନୀ ପ୍ରଣାଳୀରେ ସୂତ୍ରୀକରଣର ଆଧାର ମଧ୍ୟ ଗଠନ କରନ୍ତି। ବିଶ୍ୱସ୍ତରରେ, ଭେଷଜ ଓ ପାରମ୍ପରିକ ଔଷଧ ବଜାର ବୃଦ୍ଧି ପାଉଛି, ଯାହା ୨୦୩୦ ମସିହା ସୁଦ୍ଧା ୬୦୦ ବିଲିୟନ ଆମେରିକୀୟ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି। ଭାରତ, ଏହାର ଆୟୁଷ ମନ୍ତ୍ରଣାଳୟ ମାଧ୍ୟମରେ, ଏହି ଜ୍ଞାନକୁ ଆର୍ଥିକ ଢାଞ୍ଚାରେ ଆନୁଷ୍ଠାନିକ କରିବା ଆରମ୍ଭ କରିଛି। ରାଜ୍ୟ ସରକାରମାନେ ପ୍ରମାଣିତ ଜନଜାତି ଚିକିତ୍ସକମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା, ଗୋଷ୍ଠୀ ସ୍ୱାସ୍ଥ୍ୟସେବାରେ ଜନଜାତିଙ୍କର ଭୂମିକାକୁ ବୈଧତା ଦେବା ଏବଂ ଗବେଷଣା ପାଇଁ ଅନେକ ମାଧ୍ୟମ, ସାହାଯ୍ୟ ଓ ସହଯୋଗ ଦେବା ଆବଶ୍ୟକ ରହୁଛି, ଯାହା ଜନଜାତି ସମ୍ପ୍ରଦାୟର ବୌଦ୍ଧିକ ସମ୍ପତ୍ତି ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ଜ୍ଞାନକୁ ଜାତୀୟ ଓ ବିଶ୍ୱସ୍ୱାସ୍ଥ୍ୟ ରଣକୌଶଳରେ ଏକୀକୃତ କରିବା ଭଳି ଦ୍ୱିଗୁଣିତ ସୁଯୋଗ ଉନ୍ମୁକ୍ତ କରିବ। ଜନଜାତି ଏଥିନୋମେଡିସିନର ବ୍ୟାବସାୟିକ ସମ୍ଭାବନା ବ୍ୟାପକ। କିନ୍ତୁ ଏହା ନୈତିକ ଢାଞ୍ଚା ଦ୍ୱାରା ପରିଚାଳିତ ହେବା ଆବଶ୍ୟକ, ଯେପରି ଏହାର ଲାଭ ଓ ଶ୍ରେୟ ଜନଜାତିଙ୍କୁ ମିଳିପାରିବ।

ଜନଜାତି ଜ୍ଞାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି ଜଳବାୟୁ ଅନୁକୂଳତା ଏବଂ ପରିବେଶ ପରିଚାଳନା କ୍ଷେତ୍ରରେ। ବୃଦ୍ଧି ପାଉଥିବା ବନ୍ୟା, ମରୁଡ଼ି ଓ ଅନିୟମିତ ପାଣିପାଗର ଏଇ ଯୁଗରେ ଜନଜାତି ସମ୍ପ୍ରଦାୟ ନିଜର ପବିତ୍ର ଉପବନ, ଗୋଷ୍ଠୀ ଜଳ ଅମଳ, ପାରମ୍ପରିକ ପାଣିପାଗ ପୂର୍ବାନୁମାନ ଏବଂ ସାଧାରଣ ଲୋକଙ୍କ ସାମୂହିକ ମାଲିକାନା ମଧ୍ୟରେ ପ୍ରାକୃତିକ ସମ୍ବଳର ପରିଚାଳନା ଜାରି ରଖିଛନ୍ତି। ମେଘାଳୟରେ, ବାଉଁଶ ବୁନ୍ଦା ଜଳସେଚନର ପ୍ରାଚୀନ ଅଭ୍ୟାସଠାରୁ ଆରମ୍ଭ କରି ଓଡ଼ିଶାର ନିୟମଗିରି ପାହାଡ଼ରେ ଡଙ୍ଗରିଆ କନ୍ଧଙ୍କ ପାହାଡ଼କୁ ପବିତ୍ର ବୋଲି ବିବେଚନା କରି ଜୈବ ବିବିଧତାକୁ ସଂରକ୍ଷିତ କରିବା ହେଉଛି ଅନନ୍ୟ, ଯାହାଦ୍ୱାରା ପରିବେଶ ଅବକ୍ଷୟକୁ ରୋକାଯାଇପାରୁଛି। ଭାରତୀୟ ପାଣିପାଗ ବିଭାଗ, ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ପାଇଁ ଜନଜାତି ସମ୍ପ୍ରଦାୟ ସହିତ ସହଯୋଗ କରିବା ଆରମ୍ଭ କରିଛି। ପକ୍ଷୀ ସ୍ଥାନାନ୍ତରଣ, ପବନ ଢାଞ୍ଚା ଓ ମୃତ୍ତିକାର ଆର୍ଦ୍ରତା ପରି ପାରମ୍ପରିକ ସୂଚକକୁ ପାଣିପାଗ ସୂଚକାଙ୍କ ଭାବେ ଗବେଷଣା ଅନ୍ତର୍ଭୁକ୍ତ କରିଛି। ସାରା ବିଶ୍ୱ, ଏକ ସ୍ଥାୟୀ ବିକାଶ ଢାଞ୍ଚାର ସନ୍ଧାନରେ ଥିବା ବେଳେ ଜନଜାତିଙ୍କଠାରୁ ଅନେକ କିଛି ଶିଖିବାର ଅଛି।

ଦ୍ରୁତ ବିକାଶର ଆଢୁଆଳରେ ଜଙ୍ଗଲ ବିନାଶ, ବାଧ୍ୟତାମୂଳକ ବିସ୍ଥାପନ, ସ୍ଥାନୀୟ ଭାଷାଗୁଡ଼ିକର କ୍ଷୟ ଏବଂ ସମଜାତୀୟ ଶିକ୍ଷା ବ୍ୟବସ୍ଥା, ଶହ ଶହ ବର୍ଷର ଜ୍ଞାନକୁ ନିଶ୍ଚିହ୍ନ କରିବାର ଏକ ଭୟଙ୍କର ବିପଦ ସୃଷ୍ଟି କରିଚାଲିଛି। 'ୟୁନେସ୍କୋ ଆଟ୍‌ଲାସ୍ ଅଫ୍ ୱାର୍ଲ୍ଡ ଲାଙ୍ଗୁଏଜସ୍' ଅନୁଯାୟୀ, ଭାରତ ପୂର୍ବରୁ ୨୨୦ଟି ଭାଷା ହରାଇ ସାରିଛି ଏବଂ ସେଥିମଧ୍ୟରୁ ଅନେକ ହେଲେ ଜନଜାତି ଭାଷା। ପ୍ରତ୍ୟେକ ବିଲୁପ୍ତ ଭାଷା ଏକ ବିଶାଳ ଜ୍ଞାନଭଣ୍ଡାରର ସମ୍ପୂର୍ଣ୍ଣ ବର୍ଗୀକରଣ। ବଜାର ଜଗତୀକରଣ ହେବା ସହିତ ଅନେକ ବାଣିଜ୍ୟିକ ସଂସ୍ଥା କୌଣସି ସମ୍ମତି, ଶ୍ରେୟ ବା କ୍ଷତିପୂରଣ ବିନା ଜନଜାତି ଜ୍ଞାନ ସଂଗ୍ରହ କରୁଛନ୍ତି ଏବଂ ପରବର୍ତ୍ତୀ ସମୟରେ ସେଇ ଜ୍ଞାନକୁ ବିକି ଭାଙ୍ଗି ଖାଇ, ଜନଜାତିଙ୍କ ଉପରେ ଦାଉ ସାଧୁଛନ୍ତି। ଜଙ୍ଗଲ ଅଧିକାର ଅଧିନିୟମ (୨୦୦୬) ଏବଂ ଜୈବ ବିବିଧତା ଅଧିନିୟମ (୨୦୦୨) ଭଳି ଆଇନଗୁଡ଼ିକ କିଛିମାତ୍ରାରେ ଜନଜାତିଙ୍କୁ ସୁରକ୍ଷା ପ୍ରଦାନ କରନ୍ତି, କିନ୍ତୁ ଏହାର କାର୍ଯ୍ୟାନ୍ୱୟନ ଅସମ୍ପୂର୍ଣ୍ଣ।

ନବସୃଜନ ପ୍ରତି ଆସକ୍ତ ଏକ ଯୁଗରେ ବୋଧହୁଏ ସବୁଠାରୁ ମୌଳିକ କାର୍ଯ୍ୟ ହେଉଛି ଅତୀତକୁ ଫେରିଯାଇ ଯାହା ଆମେ ହରାଇଛୁ ତାହା ପୁନରୁଦ୍ଧାର କରିବା ଏବଂ ପ୍ରକୃତି ସହିତ ସନ୍ତୁଳନରେ ବଞ୍ଚିବା। ଏହାର ଜ୍ୱଳନ୍ତ ଉଦାହରଣ ହେଲେ ଜନଜାତି ସମ୍ପ୍ରଦାୟ ଓ ଜନଜାତି ଜ୍ଞାନ। ଯଦି ଏହାକୁ ପ୍ରୋତ୍ସାହିତ କରାଯାଏ, ତେବେ ଏହି ଜ୍ଞାନ ଏକ ସବୁଜ, ଅଧିକ ସମାବେଶୀ ଅର୍ଥବ୍ୟବସ୍ଥାକୁ ଶକ୍ତି ଯୋଗାଇବ, ଯାହା କେବଳ ମୋଟ ଘରୋଇ ଉତ୍ପାଦକୁ ନୁହେଁ, ବରଂ ସୌହାର୍ଦ୍ଦ୍ୟ, ସମାବେଶୀ ଓ ନମନୀୟତାକୁ ଗୁରୁତ୍ୱ ଦେବ। ଫଳସ୍ୱରୂପ, ଭାରତ କେବଳ ନିଜର ଜନଜାତି ଐତିହ୍ୟକୁ ସଂରକ୍ଷିତ କରିବା ସହିତ ସାରା ବିଶ୍ୱ ପାଇଁ ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିବ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ଚାନ୍ଦା ଏକ ସାମାଜିକ ବ୍ୟାଧି

ଅଧ୍ୟାପକ ଅଶୋକ ମହାରଣା



ପାର୍ବଣ ଋତୁ ଚାନ୍ଦାର ଋତୁ। ଭକ୍ତି କମ, ଅହଂଭାବ, ଆଡ଼ମ୍ବରର ସ୍ୱୟମ୍ବର। ଦିଅଁଙ୍କ ନାମରେ ମାନସିକ, ଶାରୀରିକ ନିର୍ଯାତନା। ଦେଲେ ସୁନାପୁଅ, ନଦେଲେ ରୋଷର ଶିକାର। ଚାନ୍ଦା, ତା' ପୁଣି ବିଭିନ୍ନ ନାମ ଓ ଉପାୟରେ ଆଦାୟ। କେହି କହେ ସହାୟତା ତ କେହି କହେ ଦାନ। ଭକ୍ତି ନାମରେ ଏକ କଳଙ୍କିତ ପ୍ରଥା କାଳକାଳ ଧରି ଚାଲିଆସିଛି, ଯାହା ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି।

ପର୍ବପର୍ବାଣୀ ଆମ ସଂସ୍କୃତିର ପରିଚାୟକ। ପୂଜା ପାର୍ବଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅତ୍ୟାଡ଼ମ୍ବରପୂର୍ଣ୍ଣ ପୂଜା କରାଯାଉଛି। ସତରେ କ'ଣ ଈଶ୍ୱର ଆଡ଼ମ୍ବରପୂର୍ଣ୍ଣ ତୋରଣ, ଝଲମଲ ଲାଇଟ, ସୁନାମୁକୁଟ, ରୂପା ମେଢ଼, ଟନ ଟନ ଓଜନର ଗହଣାରେ ମଣ୍ଡିହୋଇ ଭକ୍ତଙ୍କ ପାଇଁ ଆର୍ଶୀବାଦର ପେଡ଼ି ଖୋଲି ଦେଉଛନ୍ତି? ପ୍ରତିଯୋଗିତାପୂର୍ଣ୍ଣ ପୂଜାର୍ଚ୍ଚନାରେ ବ୍ୟସ୍ତ ମଣିଷ ଭକ୍ତିକୁ ବାଜି କରିଛି। ଶାସ୍ତ୍ର, ବେଦ, ପୁରାଣ କେଉଁଥିରେ ଲେଖା ଏହି ବାହ୍ୟାଡ଼ମ୍ବରପୂର୍ଣ୍ଣ ପୂଜାର୍ଚ୍ଚନାର କାହାଣୀ? ଯେଉଁଠି ନଡ଼ିଆଟିଏ ହସ୍ତପ୍ରସାରୀ ପ୍ରଭୁ ନେଉଛନ୍ତି, ସେଠି ସୁନାରୁପାର ମୁକୁଟରେ କ'ଣ ଅଛି? ବାଧ୍ୟବାଧକତାରେ ଚାନ୍ଦା ଆଦାୟ କରି ପୂଜାର୍ଚ୍ଚନା କରିବାରେ ଭକ୍ତି ନା ଶକ୍ତି ପ୍ରଦର୍ଶିତ ହୁଏ, ଭକ୍ତ ନା ଭଗବାନଙ୍କ ପୂଜନ କରାଯାଏ?

ପରିବର୍ତ୍ତିତ ପରିବେଶ, ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଯୋଗୁଁ ଆମେ ଭକ୍ତି ଅପେକ୍ଷା ଭୋଗବିଳାସକୁ ଅଧିକ ଗୁରୁତ୍ୱ ଦେବାରେ ବ୍ୟସ୍ତ। ଦ୍ୱିଅର୍ଥବୋଧକ ସଙ୍ଗୀତ, ଅଶ୍ଳୀଳ ଉଦ୍ଦାମ ଉଦଣ୍ଡ ନୃତ୍ୟର ତାଳେ ତାଳେ ଆବାଳବୃଦ୍ଧବନିତା ଉଚ୍ଛୃଙ୍ଖଳର ଶୀର୍ଷରେ ଉପନୀତ। ଆମେ ହିଁ ସୃଷ୍ଟି କରୁ ଅପସଂସ୍କୃତିର ମାର୍ଗ। ଆମେ ହିଁ ବୁଣୁ ସାମଜିକ ଅଧୋପତନର ମଞ୍ଜି। ସେଇଥିପାଇଁ ପୂଜା ଅପେକ୍ଷା ଭୋଗଲାଳସାରେ ହିଁ ଆମର ବିଶ୍ୱାସ। ଭକ୍ତି ନାମ ମାତ୍ର। ମଦ ମାଂସ ଭିତରେ ହଜିଯାଏ 'ଭକ୍ତ' ନାମକ ବ୍ୟକ୍ତି ଓ 'ଭକ୍ତି' ନାମକ ସକାରାତ୍ମକ ଚିନ୍ତନ। ଏହା କ'ଣ ଆମ ସଂସ୍କୃତି ନା ପରମ୍ପରା? ଭଗବାନ ଶ୍ରୀକୃଷ୍ଣ ଭଗବତ ଗୀତାର ଭକ୍ତିଯୋଗରେ କହିଛନ୍ତି 'ଯସ୍ମାନ୍ନୋଦ୍‌ବିଜତେ ଲୋକୋ ଲୋକାନ୍ନୋଦ୍‌ବିଜତେ ଚ ଯଃ / ହର୍ଷାମର୍ଷଭୟୋଦ୍‌ବେଗୈର୍ମୁକ୍ତୋ ଯଃସଚମେ ପ୍ରିୟଃ।' ଅର୍ଥାତ 'ଯାହା ପାଇଁ କେହି ଅସୁବିଧାରେ ପଡ଼ନ୍ତି ନାହିଁ ଏବଂ ଯେ ଆଦୌ କୌଣସି ପରିସ୍ଥିତିରେ ଉଦବିଗ୍ନ ବା ବିଚଳିତ ହୋଇପଡ଼େ ନାହିଁ, ଯେ ସୁଖ-ଦୁଃଖ ସବୁ ଅବସ୍ଥାରେ ସମଭାବାପନ୍ନ ସେ ମୋର ଅତିପ୍ରିୟ।' ପୁନଶ୍ଚ 'ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ / ନିର୍ମମୋ ନିରହଂକାରଃ ସମଦୁଃଖସୁଖଃ କ୍ଷମୀ / ସନ୍ତୁଷ୍ଟ ସତତଂ ଯୋଗୀ ଯତାତ୍ମା ଦୃଢ଼ନିଶ୍ଚୟଃ / ମୟ୍ୟର୍ପିତ ମନୋବୁଦ୍ଧିର୍ଯୋ ମଦଭକ୍ତଃ ସ ମେ ପ୍ରିୟଃ।' ଅର୍ଥାତ୍ ଯେ ହିଂସାତ୍ମକ ନୁହେଁ, ବରଂ ସମସ୍ତ ଜୀବର ଏକ କାରୁଣିକ ବନ୍ଧୁ ଅଟେ, ଯେ ନିଜକୁ ଅଧିକାରୀ ବୋଲି ଭାବେ ନାହିଁ, ଯେ ଅହଂକାର ଶୂନ୍ୟ ଏବଂ ସୁଖଦୁଃଖ ସବୁଅବସ୍ଥାରେ ସମଭାବପନ୍ନ, ଯେ ସର୍ବଦା ସନ୍ତୁଷ୍ଟ ଏବଂ ଦୃଢ଼ତାର ସହିତ ଭକ୍ତି ଯୋଗରେ ସେବାରତ ଏବଂ ଯାହାର ମନ ଓ ବୁଦ୍ଧି ମୋ'ଠାରେ ଯୁକ୍ତ ହୋଇଥାଏ ସେ ମୋର ଅତିପ୍ରିୟ।

ତେବେ ପୂଜା ପାଇଁ ଆମେ କେଉଁସ୍ତରକୁ ଓହ୍ଲାଇ ଆସୁ? ଚାନ୍ଦା ପାଇଁ ଗୁଣ୍ଡାରାଜ ସହିତ ମନକୁ ଆଘାତ୍ ଦେଇ ଚାନ୍ଦା ଆଦାୟ କରିଥାଉ। କପର୍ଦ୍ଦକ ଶୂନ୍ୟ ଦୀନଦୁଃଖୀଦରିଦ୍ର ବି ପ୍ରଭୁଙ୍କୁ ଭକ୍ତିରେ ବାନ୍ଧିରଖିପାରେ। ନହେଲେ କ'ଣ ସାମାନ୍ୟ ଖୁଦ କଣିକା ହେଉ କି ଶବରୀର ଅଇଁଠା କୋଳିକୁ ପ୍ରଭୁ ସାଦରେ ଗ୍ରହଣ କରିପାରିଥା'ନ୍ତେ ନା ଦାସିଆ ବାଉରିର ନଡ଼ିଆକୁ ଗ୍ରହଣ କରିଥା'ନ୍ତେ!

ଶାସ୍ତ୍ର ଅନୁସାରେ ଭକ୍ତିକୁ ନଅ ଭାଗରେ ବିଭକ୍ତ କରାଯାଇଛି। ପ୍ରଭୁଙ୍କର ନାମ ଓ ଭଜନ ଶ୍ରବଣ, ପ୍ରଭୁଙ୍କର ନାମ କୀର୍ତ୍ତନ ଓ ସ୍ମରଣ, ପ୍ରଭୁଙ୍କର ପାଦ ସେବା, ସକ୍ଷମ ଅନୁସାରେ ଅର୍ଚ୍ଚନା, ବନ୍ଦନା, ଦାସ୍ୟ, ସଖ୍ୟ ଓ ଆତ୍ମନିବେଦନ ଭଳି ଭକ୍ତି ରହିଛି। ଏତ ପ୍ରଭୁଙ୍କ ନିକଟରେ ସମର୍ପଣ ଓ ସମର୍ପିତ ହେବାର ଗୋଟିଏ ଗୋଟିଏ ମାଧ୍ୟମ। କିନ୍ତୁ ଏବେ ପୂଜା, ଭକ୍ତି ଓ ଭକ୍ତର ସଂଜ୍ଞା ପରିବର୍ତ୍ତନ ହୋଇଯାଇଛି। ଏହା ସମାଜିକ ଅଧୋପତନର ପ୍ରଦର୍ଶନ। ପୂଜା ଈଶ୍ୱରପ୍ରାପ୍ତିର ଏକ ମାଧ୍ୟମ ହୋଇପାରେ। କିନ୍ତୁ ପୂଜା ନାମରେ ଏଭଳି ମାନସିକତା ଈଶ୍ୱରଙ୍କ ପ୍ରତି ଏକ ଉପହାସ। ସେଇଥିପାଇଁ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ମନୁଷ୍ୟମାନେ ଯେପରି ଭାବରେ ମୋ ନିକଟକୁ ଆସନ୍ତି, ମୁଁ ସେମାନଙ୍କୁ ସେପରି ଭାବରେ ଗ୍ରହଣ କରିଥାଏ।

ସାମ୍ପ୍ରତିକ ସମୟରେ ଗାଁଠାରୁ ସହର ଚାନ୍ଦା ଦିଅଁ ପୂଜା ନାମରେ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି। ମଧୁର ଶୋଷଣ ମାଧ୍ୟମରେ ଶୋଷିତ ହେଉଥିବା ଏବଂ ଭୟାତୁର ମଣିଷ ଚାନ୍ଦା ନଦେବାର ପରିଣାମ ଚିନ୍ତା କରି ଅନ୍ଧ, ମୂକ, ବଧିରର ଅଭିନୟ କରୁଥାଉ। ଆଇନ ତା' ରାସ୍ତାରେ। ଦଣ୍ଡବିଧାନ ତା' ରାସ୍ତାରେ। କିଏ କାହିଁକି ପ୍ରତିବାଦ କରି ଶତ୍ରୁ ଅର୍ଜନ କରିବ? ବରଂ ଈଶ୍ୱର ସେମାନଙ୍କର ମଙ୍ଗଳ କରନ୍ତୁ।

ସିମିନଇ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧

## ମଙ୍ଗଳର କବକ ଗୃହ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ପୃଥିବୀ ବାହାରେ ବସତି ସ୍ଥାପନ କଥା ଚିନ୍ତା କଲେ ମନକୁ ପ୍ରଥମେ ଆସିଥା'ନ୍ତି ଦୁଇଟି ମହାକାଶ ପିଣ୍ଡ - ଚନ୍ଦ୍ର ଓ ମଙ୍ଗଳ। ଚନ୍ଦ୍ର ଆମର ନିକଟତମ। ଅଦ୍ୟାବଧି ଏହା ଉପରେ ମଣିଷ ପହଞ୍ଚି ସାରିଛି ଏବଂ ଅନେକ ପରୀକ୍ଷା ନିରୀକ୍ଷା ଓ ଗବେଷଣା ମଧ୍ୟ ହୋଇସାରିଛି। ଅତଏବ ପ୍ରଥମେ ଏହିଠାରେ ହିଁ ବସତି ସ୍ଥାପନ କରିବାର ସମ୍ଭାବନା ଅଧିକ ବୋଲି ମନେ ହେବା ସ୍ୱାଭାବିକ। ତେବେ ବର୍ତ୍ତମାନ କେତେକ ବୈଜ୍ଞାନିକ ମତ ଦେଲେଣି ଯେ ଚନ୍ଦ୍ର ତୁଳନାରେ ମଙ୍ଗଳ ପୃଷ୍ଠ ଅଧିକ ବାସୋପଯୋଗୀ। କାରଣ ଏଠାରେ ଥିବା ବାୟୁମଣ୍ଡଳ, ଭୂପୃଷ୍ଠର ସଂରଚନା, ରାସାୟନିକ ଉପାଦାନ ଇତ୍ୟାଦି କିଛିଟା ପୃଥିବୀର ଅନୁରୂପ। ଅତଏବ ସେଠାରେ ବସତିଟିଏ ସ୍ଥାପନ କଲେ ଦୂରଦୂରାନ୍ତାରର ମହାକାଶ ଏବଂ ଗ୍ରହନକ୍ଷତ୍ରମାନଙ୍କୁ ଅଧ୍ୟୟନ କରିବା ସହଜ ହେବ।

ମଙ୍ଗଳ ପୃଷ୍ଠରେ ବସତି ସ୍ଥାପନ କରିବାକୁ ହେଲେ ତାହା କେଉଁ ପଦାର୍ଥରେ ଗଢ଼ାଯିବ ଏହାକୁ ନେଇ ନାନାକଥା ଚିନ୍ତା କରାଯାଉଛି। ତନ୍ମଧ୍ୟରୁ ଗୋଟିଏ ହେଲା ସେଠାରେ ସ୍ଥାନୀୟ ଭାବେ ଏକ କବକ ବା 'ଫଙ୍ଗସ୍' ଚାଷ କରି ତହିଁରୁ ପ୍ରସ୍ତୁତ ପ୍ଲାଷ୍ଟିକ୍‌ରେ ଘର ତିଆରି। ଏଦିଗରେ ପ୍ରଥମ ପଦକ୍ଷେପ ରୂପେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ବିଜ୍ଞାନାଗାରର ମଧ୍ୟରେ ମଙ୍ଗଳ ଗ୍ରହ ଅନୁରୂପ କୃତ୍ରିମ ପରିବେଶଟିଏ ସୃଷ୍ଟି କରି ତହିଁରେ ପ୍ଲାଷ୍ଟିକ ପାତ୍ରରେ ଏବର କବକଟିକୁ ବଢ଼ାଇବାର ସଫଳତା ମିଳିଛି। ତପ୍ତରେ ଏହାକୁ ବ୍ୟବହାର କରି ବାସଗୃହ ସଦୃଶ୍ୟ ସଂରଚନାଟିଏ ଗଢ଼ି ତନ୍ମଧ୍ୟରେ ତାହାର ବଂଶ ବିସ୍ତାର କରାଯାଇ ପାରୁଛି। ଅତଏବ ଏବର ସବୁଜ କବକରୁ ମଙ୍ଗଳ ଗ୍ରହରେ ବାସଗୃହ ନିର୍ମାଣ କରାଯାଇ ପାରିବ ବୋଲି ମନେ କରାଯାଉଛି।

ହାର୍ଭାର୍ଡଠାରେ ଏବର ଗବେଷଣା ଚଳାଇଥିବା ବୈଜ୍ଞାନିକମାନଙ୍କ ମୁଖ୍ୟ ହେଲେ ରବିନ୍ ୱାର୍ଡସ୍ ୱର୍ଥ। ତାଙ୍କ ମତରେ ସେମାନେ ଏ ପଦାର୍ଥଟିକୁ ଏଥିପାଇଁ ବାଛିବାର କାରଣ ହେଲା ଯେ ଥରେ ତହିଁରୁ କିଛି ସେଠାକୁ ନେଇ ଗଲେ ସେଠାରେ ତାହା ଚାଷ କରି ଅଧିକରୁ ଅଧିକ ଉତ୍ପନ୍ନ କରାଯାଇ ପାରିବ। ପୁନଶ୍ଚ ଏହା ମଧ୍ୟ ଅମ୍ଳଜାନ ସୃଷ୍ଟି କରିବ। ଏହି କବକଟିର ନାମ ହେଲା ଡୁନାଲିଏଲା ଟେର୍ଟିଓଲେକ୍ଟା। ରବିନ୍ ଓ ତାଙ୍କ ସହଯୋଗୀମାନେ ଏହାକୁ ୫ ମିଲିମିଟର ସ୍ଥୂଳତା ବିଶିଷ୍ଟ ଜୈବପ୍ଲାଷ୍ଟିକ ନିର୍ମିତ ପାତ୍ରରେ ନେଇ ଏକ ପ୍ରକୋଷ୍ଠ ମଧ୍ୟରେ ରଖିଥିଲେ। ଏଥିମଧ୍ୟରେ ସୃଷ୍ଟି କରାଯାଇଥିଲା ଆମ ବାୟୁମଣ୍ଡଳ ଚାପର ୦.୬ ଶତାଂଶ, ଯାହାକି ମଙ୍ଗଳ ଗ୍ରହର ବାୟୁମଣ୍ଡଳ ଚାପ ସହିତ ସମାନ। ପୁନଶ୍ଚ ମଙ୍ଗଳ ଅନୁରୂପ ବାୟୁରେ ଥିଲା ପ୍ରାୟ ୭୫ ରୁ ୮୦ ଶତାଂଶ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବାଷ୍ପ। ତନ୍ମଧ୍ୟରେ ପ୍ରାୟ ୧୦ ଦିନ ରଖିଲା ପରେ ଦେଖାଗଲା ଯେ ସେଗୁଡ଼ିକ ସାଧାରଣ ଭାବେ ବଢ଼ୁଛନ୍ତି ଏବଂ ଆଲୋକ ସଂଶ୍ଳେଷଣ କରୁଛନ୍ତି।

ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟର ଅନମାର ମେନେଜେସ୍‌ଙ୍କ ମତରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। କାରଣ ମଙ୍ଗଳ ପୃଷ୍ଠରେ ଦୀର୍ଘ ସମୟ ଧରି ରହିବାକୁ ହେଲେ ଦରକାରୀ ପଦାର୍ଥଗୁଡ଼ିକୁ ସେଠାରେ ଉତ୍ପାଦନ କରିବାକୁ ପଡ଼ିବ। ଏହି ଆବଶ୍ୟକତାର ଅନେକାଂଶ ଉକ୍ତ କବକ ଦ୍ୱାରା ପୂରଣ ହୋଇ ପାରିବ ବୋଲି ଆଶା କରାଯାଏ। ପୁନଶ୍ଚ ଏହା ଶ୍ୱାସ କ୍ରିୟା ଲାଗି ଅମ୍ଳଜାନ ମଧ୍ୟ ଯୋଗାଇବାକୁ ସକ୍ଷମ।

ମଙ୍ଗଳ ଗ୍ରହକୁ ମନୁଷ୍ୟର ଯାତ୍ରା ଆହୁରି କିଛି ବର୍ଷ ସମୟ ନେବ। ଇତିମଧ୍ୟରେ ଏ କବକ ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରିହେବ। ଆବଶ୍ୟକ ହେଲେ ଜୈବ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ତାହାକୁ ସେଠାରେ ଚାଷ କରିବା, ତହିଁରୁ ଖାଦ୍ୟ ଉପଯୋଗୀ ପ୍ରଜାତିମାନ ସୃଷ୍ଟି କରିବା ଏବଂ ତାହାକୁ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇବା ଲାଗି ଉପଯୁକ୍ତ କରାଯାଇ ପାରିବ। ଏହାବ୍ୟତୀତ ବୈଜ୍ଞାନିକମାନେ ଏବେ ମଙ୍ଗଳପୃଷ୍ଠରେ ବ୍ୟବହାର ଲାଗି ଆହୁରି ଅନେକ ପ୍ରଦାର୍ଥ ଉପରେ ଅଧ୍ୟୟନ ଚଳାଇଛନ୍ତି। ବିଜ୍ଞାନାଗାରମାନଙ୍କରେ ସେଠାରେ ଅନୁରୂପ ପରିବେଶମାନ ସୃଷ୍ଟି କରି ଜନ୍ମଧ୍ୟରେ ତାହା ସବୁ ପରୀକ୍ଷା କରାଯାଉଛି। ଏସବୁରେ ସଫଳତା ହେବ ମଙ୍ଗଳ ଗ୍ରହରେ ବସତି ସ୍ଥାପନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପରିକ୍ଷେପ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୨ କଲରାପତରିଆ ବାଘ ଛାଲ ଜବତ, ୪ ଗିରଫ

ରାୟଗଡ଼ା, ୧।୯(ସମିସ): ରାୟଗଡ଼ା ବନ ବିଭାଗ ସହାୟତାରେ ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ ବିଭାଗ




ଆଜି ରାୟଗଡ଼ା ଜିଲ୍ଲା କୋଲନରା ଅଞ୍ଚଳରୁ ୨ଟି କଲରାପତରିଆ ବାଘଛାଲ ଜବତ ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ରାୟଗଡ଼ ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ୨ ଜଣ ମହାରାଷ୍ଟ୍ର ରାଜ୍ୟର ବୋଲି ଜଣାପଡ଼ିଛି। ରାୟଗଡ଼ା ରେଞ୍ଜର୍ କାମେଶ୍ୱର ଆଚାରୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ଜିଲ୍ଲାର ଗୁଣପୁର ବ୍ଲକ୍ ପୁଟାସିଂ ଅଞ୍ଚଳର ଅଞ୍ଜରସିଂ ଗ୍ରାମର ଜିସୟଗମାଙ୍ଗ ଓ ମହେଶ ହୁଇକା, ମାଛଖୁଣ୍ଟି ଅଞ୍ଚଳର ଅନ୍ୟ ୨ ଜଣଙ୍କ ସହ ମିଶି ମହାରାଷ୍ଟ୍ର ରାଜ୍ୟର ମାତିନଗର ଅଞ୍ଚଳର ପ୍ରଭାକର ନାୟକ ଓ ରାଜକୁମାର ଗୁପ୍ତାଙ୍କୁ ଏହି ବାଘ ଚମଡ଼ା ବିକ୍ରି କରିବା ପାଇଁ ଯୋଗାଯୋଗରେ ରହିଥିଲେ। ଏହି ଚାଲାଣ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଡିରେକ୍ଟର ଅଫ୍ ରେଭେନ୍ୟୁ ବିଭାଗ ଅଭିଯୁକ୍ତମାନଙ୍କୁ ଟ୍ରାକ୍ କରିଥିଲେ ଓ ଏନେଇ ଅଗଷ୍ଟ ୩୦ ତାରିଖ ଦିନ ରାୟଗଡ଼ା ବନ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ଆଧାରରେ ଉଭୟ ବିଭାଗ ବାଘ ଚମଡ଼ା ବିକ୍ରି କରିବା ସମୟରେ ସମସ୍ତ ଅଭିଯୁକ୍ତଙ୍କୁ ମାଡ଼ି ବସିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ଶ୍ରୀ ଅଚାରୀ ସୂଚନା ଦେଇଛନ୍ତି। ଏହି କଲରାପତରିଆ ବାଘ ଚମଡ଼ାକୁ ଗଜପତି ଜିଲ୍ଲାରୁ ମହାରାଷ୍ଟ୍ର ଚାଲାଣ ପାଇଁ ଅଣାଯାଇଥିଲା ବୋଲି ସୂଚନାରୁ ଜଣାପଡ଼ିଛି। ଉଭୟ ବାଘର ବୟସ ୫/୭ବର୍ଷ ମଧ୍ୟରେ ରହିଥିବା ଜଙ୍ଗଲ ବିଭାଗ ସୂଚନା ଦେଇଛି। ଏହି ଘଟଣାର ତଦନ୍ତ ଚାଲିଥିବା ଏସିଏଫ ଅଶୋକ ପ୍ରଧାନ ପ୍ରକାଶ କହିଛନ୍ତି।

■ ହାଇକୋର୍ଟରେ ଚିଟଫଣ୍ଡ ମାମଲା

# ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କୁ ଅନ୍ତରୀଣ ସୁରକ୍ଷା ବଳବତ୍ତର

କଟକ,୧। ୯(ସମିସ): ଚିଟ୍‌ଫଣ୍ଡ ମାମଲାରେ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟ ଜାରି କରିଥିବା ଅନ୍ତରୀଣ ସୁରକ୍ଷା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରହିଛି। ଶ୍ରୀ ଜେନାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ଏହି ମାମଲାରେ ସିବିଆଇକୁ ତଦନ୍ତରେ ସହଯୋଗ କରିବା ସହ ଆବଶ୍ୟକସ୍ଥଳେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ ବୋଲି ହାଇକୋର୍ଟ ପୂର୍ବରୁ ସର୍ତ୍ତାରୋପ କରିଥିଲେ। ଏହି ଅନୁସାରେ ଶ୍ରୀ ଜେନାଙ୍କୁ ଗତ ଜୁଲାଇ ୨୮ରେ ଜେରା କରାଯାଇଥିବା ଓ ଏଥିରେ ଆବେଦନକାରୀ ସହଯୋଗ କରିଥିବା ନେଇ ହାଇକୋର୍ଟ ଅବଗତ ହୋଇଥିଲେ। ଅନ୍ୟପଟରେ ସିବିଆଇକୁ ମଧ୍ୟ ଚିଟଫଣ୍ଡ ମାମଲା ସମ୍ପର୍କିତ ସମସ୍ତ ଦସ୍ତାବିଜ୍ ଦାଖଲ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ଅଦାଲତ। ପ୍ରକାଶଥାଉକି ୨୦୧୪ର ସିସୋର ଚିଟଫଣ୍ଡ ମାମଲାରେ ଶ୍ରୀ ଜେନାଙ୍କୁ ହାଜର ହେବାକୁ ସିବିଆଇ ପକ୍ଷରୁ ଗତ ଜୁଲାଇ୩ରେ ନୋଟିସ ଜାରି ହୋଇଥିଲା। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ହାଇଦରାବାଦରେ ଗ୍ୟାସ୍ ଟାଙ୍କି ବିସ୍ଫୋରଣ

# ବସ୍ତା ଅଞ୍ଚଳର ୫ ଆହତ

ରାଜଘାଟ, ୧।୯(ସମିସ): ପୁଣି ସାମ୍ନାକୁ ଆସିଲା ଦାଦନ ଯନ୍ତ୍ରଣା। ହାଇଦରାବାଦରେ ଏକ ଗ୍ୟାସ୍ ଟାଙ୍କି ବିସ୍ଫୋରଣରେ ୫ଜଣ ଓଡ଼ିଆ ଗୁରୁତର ଆହତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମୂଳିଦା ଗ୍ରାମର ଗୋଟିଏ ପରିବାରର ୫ ଜଣ ସଦସ୍ୟ ହାଇଦରାବାଦରେ ଗ୍ୟାସ ଟାଙ୍କି ବିସ୍ଫୋରଣରେ ଗୁରୁତର ଆହତ ହୋଇ ସେଠାରେ ଚିକିତ୍ସାଧୀନ ଅଛନ୍ତି। ମୂଳିଦା ଗ୍ରାମର ଗୀତାଞ୍ଜଳି ବେହେରାଙ୍କ ସ୍ୱାମୀ ନିରୁଦ୍ଦିଷ୍ଟ ହେବା ପରେ ନିଜର ୭ ବର୍ଷର ଝିଅକୁ ମାଆ ପାଖରେ ଛାଡ଼ି ପରିବାର ପ୍ରତିପୋଷଣ ପାଇଁ ସେ ହାଇଦରାବାଦର କୁକୁଟାପାଲି କଲୋନୀରେ ନିଜ ଭିଣୋଇ ଭଉଣୀଙ୍କ ସହ ରହି ଦାଦନ ଶ୍ରମିକ ଭାବରେ କାମ କରୁଥିଲେ। ସେମାନେ ରହୁଥିବା କଲୋନୀରେ ଗତକାଲି ଭୋର୍‌ରେ ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଲାଗି ଯାଇଥିଲା। ଏହି ବିସ୍ଫୋରଣରେ ଘରର ଛାତ ଉଡ଼ି ଯାଇଥିଲା। ଫଳରେ ଗୀତାଞ୍ଜଳିଙ୍କ ସମେତ ଭିଣୋଇ, ଭଉଣୀ ଏବଂ ଦୁଇଜଣ ପିଲା ଗ୍ୟାସ ନିଆଁରେ ପୋଡ଼ି ଗୁରୁତର ହୋଇପଡ଼ିଛନ୍ତି। ସେମାନେ ଏବେ ନିକଟସ୍ଥ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପଟେ ଗୀତାଞ୍ଜଳିଙ୍କ ମାଆ ଏହି ଖବର ଜାଣିବା ପରେ ଝିଅକୁ ଚିକିତ୍ସା ସହାୟତା ଯୋଗାଇଦେବା ସହିତ ସୁସ୍ଥ କରି ଘରକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଗୀତାଞ୍ଜଳିଙ୍କ ୮ ବର୍ଷର ଝିଅ ନିବେଦିତା ମାଆର ଫେରିବା ବାଟକୁ ଚାହିଁ ରହିଛି। ଅତ୍ୟନ୍ତ ଗରିବ ପରିବାର ହୋଇଥିବାରୁ ତାଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ

ଭୁବନେଶ୍ୱର, ୧।୯ (ସମିସ): ଶ୍ରୀମନ୍ଦିରର ପରିଚାଳନା କମିଟିର ନୂତନ ଭାବେ ମନୋନୀତ ହୋଇଥିବା ସଦସ୍ୟମାନେ ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଶ୍ରୀମନ୍ଦିର ପରିଚାଳନା ପାଇଁ ନୂତନ କମିଟି ଗଠନ କରିଥିବାରୁ ସଦସ୍ୟଗଣ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ପରିଚାଳନା କମିଟିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ଦିର ନୀତିକାନ୍ତି, ପର୍ବପର୍ବାଣୀ କିପରି ଶୃଙ୍ଖଳିତ ଭାବେ ପାଳିତ ହେବ ଏବଂ ପୁରୀ ସହରର ବିକାଶ କିପରି ତ୍ୱରାନ୍ୱିତ ହେବ, ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ମହାପ୍ରଭୁଙ୍କ ସେବା ଓ ମନ୍ଦିର ବିକାଶ କାମରେ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ପରିଚାଳନା କମିଟି ସଦସମାନଙ୍କୁ କହିଥିଲେ।

# ପରକୀୟା ପ୍ରୀତି ସନ୍ଦେହରେ ଭାଇକୁ ଗୁଳିମାଡ଼

ଅନୁଗୋଳ, ୧।୯(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଥାନା କମଳପୁର ଗାଁର ଦଳିତ ବସ୍ତିରେ ସୋମବାର ସକାଳେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ, ଗାଁର ସୁରଭି ନାଏକ। ଘଟଣାକୁ ନେଇ ବସ୍ତିରେ ଉତ୍ତେଜନା ପ୍ରକାଶ ପାଇଛି। ପରକୀୟା ପ୍ରୀତିରୁ ଏହି ଗୁଳିକାଣ୍ଡ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କମଳପୁର ଗାଁର ସୁରଭି ନାଏକ ଓ କ୍ଷୀରୋଦ ନାଏକ ଦୁଇ ଭାଇ। ଉଭୟ ବିବାହିତ ଓ ସେମାନଙ୍କର ପିଲାଛୁଆ ଅଛନ୍ତି। କିଛି ବର୍ଷ ହେବ ସୁରଭିଙ୍କ ସ୍ତ୍ରୀଙ୍କ ସହ କ୍ଷୀରୋଦଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହା ଜଣାପଡ଼ିବା ପରେ ଦୁଇ ଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ଲାଗି ରହିଥିଲା। ସୁରଭିଙ୍କ ସ୍ତ୍ରୀ ୧୨ଦିନ ହେବ ପିଲାଛୁଆଙ୍କୁ ଛାଡ଼ି କୁଆଡ଼େ ଚାଲିଯାଇଛନ୍ତି। କ୍ଷୀରୋଦ ତାଙ୍କ ସ୍ତ୍ରୀଙ୍କୁ ଲୁଚାଇ ରଖିଥିବା ସୁରଭି ସନ୍ଦେହ କରୁଥିଲେ। ଏହାକୁ ନେଇ ସୋମବାର ସକାଳେ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କ୍ଷୀରୋଦ ଏକ ବନ୍ଧୁକ ଆଣି ସୁରଭିଙ୍କୁ ଗୁଳିମାଡ଼ କରିଥିଲେ। ସୁରଭିଙ୍କ ଡାହାଣ ପାଖ କାନ୍ଧ ଓ ଅଣ୍ଟା ପାଖରେ ୨ଟି ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅଭିଯୁକ୍ତ କ୍ଷୀରୋଦ ଫେରାର୍ ହୋଇଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲିଭ ଇନ୍ ପାର୍ଟନରଙ୍କୁ...

ଲିଭ୍-ଇନ୍‌ରେ ରହିଆସୁଥିଲେ। ଭିଠାଲ ପୂର୍ବରୁ ୩ଥର ବିବାହ କରିସାରିଥିଲା। ସେହିପରି ବନଯାକ୍ଷୀ ମଧ୍ୟ ପୂର୍ବରୁ ୨ଥର ବିବାହ କରିଥିଲେ। ଭିଠାଲ ନିୟମିତ ମଦ୍ୟପାନ କରିବା ସହ ନିର୍ଯାତନା ଦେବାରୁ ବନଯାକ୍ଷୀ ବିତସ୍ପୃହ ହୋଇପଡିଥିଲେ। ଫଳରେ ସେ ତାଙ୍କଠାରୁ ଅଲଗା ହୋଇଥିଲେ। ଏହାପରେ ବନଯାକ୍ଷୀ ମାରିଆପ୍ପା ନାମକ ଜଣେ ବ୍ୟକ୍ତି ସହ ବନ୍ଧୁତା ସ୍ଥାପନ କରିଥିଲେ। ଘଟଣା ଦିନ ମନଯାକ୍ଷୀ କାରରେ ମାରିଆପ୍ପା ଓ ଡ୍ରାଇଭର ସହିତ ମନ୍ଦିରରୁ ଫେରୁଥିଲେ। ଭିଠାଲ ତାଙ୍କର ପିଛା କରିଥିଲା। କାର ଏକ ସିଗନାଲରେ ରହିବା ପରେ ବିଠଲ ୩ ଜଣଙ୍କ ଉପରେ ପେଟ୍ରୋଲ ପକାଇଥିଲା। ମାରିଆପ୍ପା ଓ ଡ୍ରାଇଭର ସେଠାରୁ ଦୌଡି ପଳାଇଥିଲେ। କିନ୍ତୁ ବିଠଲ ବନଯାକ୍ଷୀଙ୍କ ପିଛା କରିଥିଲା। ଦୌଡ଼ିବା ପରେ ସେ ପଡିଯିବା ପରେ ବିଠଲ ତାଙ୍କ ଉପରେ ଢ଼ାଳି ନିଆଁ ଲଗାଇଦେଇଥିଲେ। ସ୍ଥାନୀୟ ଲୋକ ବନଯାକ୍ଷୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ କିନ୍ତୁ ସେ ମୃତ୍ୟୁବରଣ କରିଥିଲେ।

### ନୂଆ ରେକର୍ଡ ସ୍ତରରେ...

ନୀତିଗତ ସୁଧ ହାରରେ ହ୍ରାସ ସମ୍ଭାବନା ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ନେଇ ଲାଗିରହିଥିବା ଅନିଶ୍ଚିତତା ଯୋଗୁଁ ସୁନା ଏବଂ ରୁପା ମୂଲ୍ୟରେ ଏହି ବୃଦ୍ଧି ଦେଖାଯାଇଥିବା କୁହାଯାଉଛି।

### ୧୦୦୦ରୁ ଊର୍ଦ୍ଧ୍ୱ ମୃତ...

ଭାରତର ଗୁରୁଗ୍ରାମରେ ଭୂକମ୍ପର ମୃଦୁ ଝଟ୍‌କା ମଧ୍ୟ ଅନୁଭୂତ ହୋଇଥିଲା। ଏହି ଭୂକମ୍ପକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଭାବିତ ଲୋକଙ୍କୁ ଭାରତ ଯଥାସମ୍ଭବ ମାନବିକ ସହାୟତା ଏବଂ ଆଶ୍ୱସ୍ତି ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ବୋଲି କହିଛନ୍ତି। ଏହା ପରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ନିଜ ଆଫଗାନ ସମକକ୍ଷ ମାୱାଲାୱି ଅମିର ଖାନ ମୁତାକିଙ୍କ ସହ କଥା ଗଭୀର ଶୋକ ପ୍ରକାଶ କରିଥିଲେ। ଭାରତ ରିଲିଫ ସାମଗ୍ରୀ ପଠାଇ ଦେଇଛି ବୋଲି ସୂଚନା ଦେଇଥିଲେ। ତତ୍କାଳ ସହାୟତା ଭାବେ ଭାରତ ହଜାରେ ପରିବାର ପାଇଁ ଟେଣ୍ଟ, ୧୫ ଟନ୍ ଖାଦ୍ୟ ସାମଗ୍ରୀ ପଠାଇଥିବା ସୂଚନା ଦେଇଥିଲେ।

ଏହି ଭୂକମ୍ପରେ କୁନାରର ନୁର୍ଗାଲ୍ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ଏକ ଗାଁ ଲୋପ ପାଇ ଯାଇଛି। ଗ୍ରାମବାସୀ ଅବଶେଷ ତଳେ ଫସି ରହିଛନ୍ତି। ଜଣେ ପ୍ରତ୍ୟକ୍ଷଦର୍ଶୀ ସହାୟତା ପାଇଁ ନିବେଦନ କରିଛନ୍ତି। ପୂର୍ବ ଆଫଗାନିସ୍ତାନ ଏହି ପାର୍ବତ୍ୟାଞ୍ଚଳରେ ଆସିଥିବା ଭୂକମ୍ପ ଯୋଗୁଁ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇଯାଇଛି। ବର୍ତ୍ତି ଯାଇଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ ସେ ଆଖି ସାମ୍ନାରେ ଘର ଭାଙ୍ଗି ପଡୁଥିବା ଏବଂ ଲୋକେ ସାହାଯ୍ୟ ପାଇଁ ଚିତ୍କାର କରୁଥିବାର ଦେଖିଛନ୍ତି। ସାଦିକୁଲ୍ଲାହ କହିଛନ୍ତି ଯେ ସେ ଏକ ବଡ଼ ଝଡ଼ ପରି ଶବ୍ଦ ହେବାରୁ ସେ ନିଦରୁ ଉଠି ପଡିଥିଲେ। ପରେ ସେ ପିଲାମାନଙ୍କ ପାଖକୁ ଦୌଡ଼ି ପଳାଇଥିଲେ। ସେ ମାତ୍ର ତିନି ଜଣଙ୍କୁ ବଞ୍ଚାଇ ପାରିଥିଲେ। ପରିବାରର ଅନ୍ୟ ସଦସ୍ୟଙ୍କୁ ବଞ୍ଚାଇବା ପାଇଁ ଯାଉଥିବାବେଳେ କୋଠାଟି ଭୁଶୁଡି ତାଙ୍କ ଉପରେ ପଡ଼ି ଯାଇଥିଲା।

### ୨୪ ଘଣ୍ଟାରେ ଲଘୁଚାପ...

ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଗତ ୩୬ ଘଣ୍ଟାରେ ଦେବଗଡ଼ ୫୫ ମିମି ବର୍ଷା ହୋଇଥିବା ବେଳେ ଗୋପାଳପୁରରେ ୩୪, ଝାରସୁଗୁଡ଼ାରେ ୧୭, ପାରଳାଖେମୁଣ୍ଡି ୩୩, ଖୋର୍ଦ୍ଧା ୩୧ ଓ ନବରଙ୍ଗପୁରରେ ୧୭ ମିମି ବର୍ଷା ରେକର୍ଡ ହୋଇଛି। ଲଘୁଚାପ ପରେ ବର୍ଷାର ପ୍ରଭାବ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସେପ୍ଟେମ୍ବର ୨ ରୁ ୪ ତାରିଖ ମଧ୍ୟରେ ଓଡ଼ିଶା ଉପକୂଳ ଏବଂ ଉତ୍ତର ବଙ୍ଗୋପସାଗରରେ ପବନର ବେଗ ୩୦-୪୦ କିଲୋମିଟର ଓ ଝଟକା ପବନ ଘଣ୍ଟାପ୍ରତି ୫୦ କିମି ପହଞ୍ଚିବାର ଆଶଙ୍କା ରହିଛି। ଏଥିପାଇଁ ଓଡ଼ିଶା ଉପକୂଳ ଏବଂ ଉତ୍ତର ବଙ୍ଗୋପସାଗରରେ ସମୁଦ୍ର ସ୍ଥିତି ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

ଚଳିତ ବର୍ଷ ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୮୭୪ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୯୨୨ ମିମି ତୁଳନାରେ ବର୍ଷାର ପରିମାଣ ୫ ପ୍ରତିଶତ କମ୍ ରହିଛି। ଜିଲ୍ଲାୱାରୀ ସ୍ଥିତି ଦେଖିଲେ ୯ ଟି ଜିଲ୍ଲରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ୪ ଜିଲ୍ଲାରେ ସ୍ୱାଭାବିକଠୁ ଅଧିକ ଓ ବାକି ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି।

### ଶିକ୍ଷକ ଯୋଗ୍ୟତା...

ଚୂଡ଼ାନ୍ତ ରାୟ ପାଇଁ ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟକୁ ମାମଲା ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଏହି ଶିକ୍ଷା ଅଧିକାର ଆଇନ୍ (ଆର୍‌ଟିଇ) ଅନୁଯାୟୀ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ରହିଛି। ଓଡ଼ିଶା କ୍ଷେତ୍ରରେ ପ୍ରାଥମିକ ଶିକ୍ଷକଙ୍କ ପାଇଁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)କୁ ୨୦୧୧ ମସିହାରୁ ବାଧ୍ୟତାମୂଳକ କରାଯାଇଛି। ୨୦୧୨ ମସିହାରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ କରାଯାଇଛି। ଏଯାଏଁ ରାଜ୍ୟର ପ୍ରାୟ ୮୦ ହଜାରରୁ ଅଧିକ ଶିକ୍ଷକ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇନାହାନ୍ତି। କେବଳ ପଦୋନ୍ନତି ଆଶାୟୀ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଦେବେ। ସମ୍ପ୍ରତି ଦୁଇବର୍ଷ ମଧ୍ୟରେ ଓଟିଇଟି (ଓଡ଼ିଶା କ୍ଷେତ୍ରରେ) ପାସ୍ କରିବାକୁ ରାୟ ଦେଇଥିବାରୁ ଶିକ୍ଷକଙ୍କ ମଧ୍ୟରେ ଭାଲେଣି ପଡ଼ିଛି। କିଛି ଶିକ୍ଷକ ୩ରୁ ଅଧିକ ଥର ପରୀକ୍ଷା ଦେଇଥିଲେ ମଧ୍ୟ କୃତକାର୍ଯ୍ୟ ହୋଇ ନ ଥିବାରୁ ଚିନ୍ତାରେ ପଡ଼ିଛନ୍ତି। ଆଜିଠୁ ଦୁଇବର୍ଷ ମଧ୍ୟରେ ଓଟିଇଟି ପାସ୍ ନ କଲେ ଅନେକ ଚାକିରି ହରାଇବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

ଅପରପକ୍ଷରେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍‌ଏସ୍‌ଟିଇଟି) ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ କରାଯାଇଛି। ୨୦୧୩ ମସିହାଠାରୁ ନିଯୁକ୍ତ ହୋଇଥିବା ଶିକ୍ଷକମାନେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ହେଲେ ଏହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ କ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଯାଇ ନ ଥିଲା। ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ ମଧ୍ୟ ଏହାକୁ ବାଧ୍ୟତାମୂଳକ କରାଯିବ। ଫଳରେ ଓଏସ୍‌ଏସ୍‌ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ପାରିଲେ ମାଧ୍ୟମିକ ଶିକ୍ଷକମାନେ ମଧ୍ୟ ଚାକିରି ହରାଇବେ ବୋଲି ଆଇନଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ରାଜ୍ୟର ବିଭିନ୍ନ ଶିକ୍ଷକ ସଂଗଠନ ରାୟକୁ ଦୁର୍ଭାଗ୍ୟଜନକ କହିବା ସହ ପୁନଃ ବିଚାର ପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବିଚାର କରୁଥିବା କହିଛନ୍ତି।

### ୪ ଦିନିଆ ଦିଲ୍ଲୀ ଗସ୍ତରେ...

ଏହାକୁ ଗୁରୁତର ସହ ନେଇ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ରାଜ୍ୟର ଛାମୁଆ ନେତାମାନଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶ ଆଧାରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ସହମତି ଆସିଥିବା ମଧ୍ୟ କୁହାଯାଇଛି। ଏହି ସହମତି ପତ୍ରକୁ ନେଇ ମୋହନ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ଏହା ଉପରେ ମୋହର ବାଜିପାରେ। ଯଦି ସବୁ ଠିକ୍‌ଠାକ୍ ରହେ ତାହେଲେ ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି।

ସେହିପରି ମୋହନଙ୍କ ଏହି ଦିଲ୍ଲୀ ଗସ୍ତ ଅବସରରେ ରାଜ୍ୟରେ ବିଜେପି ସଂଗଠନ ବୃଦ୍ଧି, ବୋର୍ଡ ନିଗମ ନିଯୁକ୍ତି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏନେଇ ସରକାର କିମ୍ବା ସଂଗଠନ ପକ୍ଷରୁ କିଛି କୁହାଯାଉନଥିବା ବେଳେ ଚଳିତ ଦିଲ୍ଲୀ ଗସ୍ତରେ ନିଶ୍ଚିତ ଠୋସ୍ ନିଷ୍ପତ୍ତି ନିଆଯିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ପ୍ରଦାନ କରିଛନ୍ତି।

ତିନିଦିନ ତଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏହି ସାକ୍ଷାତ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କି ଆଲୋଚନା ହୋଇଥିଲା ତାହା ସୂଚନା ମିଳି ନ ଥିଲେ ହେଁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ସମ୍ପର୍କରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଇଥିଲା। ମାତ୍ର ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଉଭୟଙ୍କ ମଧ୍ୟରେ ରାଜ୍ୟରେ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ବୋଡର୍ ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଛି। ଗତ ବର୍ଷକ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ କିଛି ମନ୍ତ୍ରୀଙ୍କ ଭୂମିକା ଓ କାର୍ଯ୍ୟକୁ ନେଇ ନିଜେ ମୁଖ୍ୟମନ୍ତ୍ରୀ ଖୁସି ନାହାନ୍ତି । ସେହିପରି ଅନେକ ମନ୍ତ୍ରୀଙ୍କ କାର୍ଯ୍ୟ ମଧ୍ୟ ସନ୍ତୋଷଜନକ ହୋଇନାହିଁ । ବିଭିନ୍ନ ପ୍ରସଙ୍ଗରେ ସରକାର ବିବାଦକୁ ନିମନ୍ତ୍ରଣ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ତେଣୁ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶକ୍ରମେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏହି ପ୍ରସଙ୍ଗରେ ଆଲୋଚନା କରି ନିଷ୍କର୍ଷ ବାହାର କରିବାକୁ ଉଦ୍ୟମ କରିଛନ୍ତି ।

### ୯୦ ଟଙ୍କା ସ୍ତର...

ଗୁରୁତ୍ୱପୂର୍ଣ୍ଣ ସ୍ତର ତଳକୁ ଖସିଯାଇପାରେ। ଏକ ରିପୋର୍ଟ ଅନୁଯାୟୀ, ମୁଦ୍ରା ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ, ଟଙ୍କା ମୂଲ୍ୟ ଦୁର୍ବଳ ହେବାର ମୁଖ୍ୟ କାରଣ ହେଉଛି ଆମେରିକା ଦ୍ୱାରା ଭାରତ ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଉଚ୍ଚ ଶୁଳ୍କ। ବ୍ଲୁମବର୍ଗର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଏ ପର୍ଯ୍ୟନ୍ତ, ଡଲାର ତୁଳନାରେ ଟଙ୍କା ୨.୯୪ ପ୍ରତିଶତ ଦୁର୍ବଳ ହୋଇଛି। ଗତ ତିନି ବର୍ଷ ମଧ୍ୟରେ ଏହି ସମୟରେ ଭାରତୀୟ ମୁଦ୍ରା ମୂଲ୍ୟରେ ସବୁଠାରୁ ବଡ଼ ହ୍ରାସ ବୋଲି ବିବେଚନା କରାଯାଉଛି।

### କେକ୍ ନେବାକୁ ଆସିଥିବା...

ସୂଚନାନୁଯାୟୀ, ଉମାକାନ୍ତଙ୍କ ଝିଅର ଆଜି ଜନ୍ମଦିନ ଥିଲା। ଏଥିପାଇଁ ପରିବାରରେ ଖୁସିର ମାହୋଲ ଥିଲା। ଅପରାହ୍ଣରେ ଉମାକାନ୍ତ ଏକ କେକ୍ ଆଣିବା ପାଇଁ ସୋର ବଜାର ଅଭିମୁଖେ ଆସୁଥିଲେ। ଏହି ସମୟରେ ବାଗୁଡ଼ିବଜାର ନିକଟ ଭଗବତୀ ଟ୍ରେଡର୍ସ ସମ୍ମୁଖରେ ପଛରୁ ଆସୁଥିବା ଏକ ପଥର ବୋଝେଇ ଡମ୍ପର୍‌ଟି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ଡମ୍ପର ଚାଳକ ଏବଂ ଖଲାସୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି।


ବିଜ୍ଞାପିତ ଅଚଂଳ ପରିଷଦ, ପଦ୍ମପୁର
OFFICE OF THE NOTIFIED AREA COUNCIL, PADAMPUR
DIST:-BARGARH (ODISHA) PIN-768036,Email-nac.padampur@gmail.com, Ph.06683-223436

ପଦ୍ମପୁର ବିଜ୍ଞାପିତ ଅଚଂଳ ପରିଷଦ ସହରବାସୀଙ୍କୁ ନୂଆଖାଇ ପର୍ବ ଏବଂ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ସହ ସହରକୁ ପରିଷ୍କାର ପରିଚ୍ଛନ୍ନ, ସୌନ୍ଦର୍ଯ୍ୟକରଣ ଓ ନିମ୍ନ ବିଷୟ ରେ ଆପଣମାନଙ୍କର ସହଯୋଗ କାମନା କରୁଅଛୁ।
୧-ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସହଯୋଗ କରନ୍ତୁ।
୨-ଠିକ୍ ସମୟରେ ଟିକସ ପଇଠ କରନ୍ତୁ।
୩-ପରିଷଦରୁ ଆବଶ୍ୟକୀୟ ମଞ୍ଜୁରୀ ନେଇ ଘର ତିଆରି କରନ୍ତୁ।
୪-ଗୃହପାଳିତ ପଶୁ ମାନଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ।
୫-ପଲିଥିନ ବ୍ୟବହାର ବର୍ଜନ କରନ୍ତୁ।
୬-ପରିଷଦରେ ନୂତନ ଘର ନକ୍ସା ମଞ୍ଜୁର କରାଇ ଘର ନିର୍ମାଣ କରନ୍ତୁ ।
୭-ନିର୍ଦ୍ଧାରିତ ସମୟରେ ଲାଇସେନ୍ସ ନବୀକରଣ କରନ୍ତୁ।
୮- ବାହାରେ ମଳତ୍ୟାଗ କରନ୍ତୁ ନାହିଁ ଓ ନିଜ ନିଜ ଶୌଚାଳୟ ବ୍ୟବହାର କରନ୍ତୁ।

ଶ୍ରୀଯୁକ୍ତ ରାମ ଚନ୍ଦ୍ର ମାଝୀ,ଓ.ପ୍ର.ସେ(କନିଷ୍ଠ), ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଚଂଳ ପରିଷଦ,ପଦ୍ମପୁର
ଶ୍ରୀମତୀ ଭାରତୀ ପଟ୍ଟନାୟକ, ଉପାଧ୍ୟକ୍ଷା, ବିଜ୍ଞାପିତ ଅଚଂଳ ପରିଷଦ,ପଦ୍ମପୁର ଓ ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ
ଶ୍ରୀମତୀ ସାବିତ୍ରୀ ବାଗ, ଅଧ୍ୟକ୍ଷା, ବିଜ୍ଞାପିତ ଅଚଂଳ ପରିଷଦ,ପଦ୍ମପୁର



ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି

ପବିତ୍ର ସ୍ୱାୟତ୍ତ ଶାସନ ଦିବସ - ୨୦୨୫ (Dt.୩୧.୦୮.୨୦୨୫)
ଉପଲକ୍ଷେ କଣ୍ଟାବାଞ୍ଜି ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା।

ନିବେଦନ
୧) ପରିଷଦର ସମସ୍ତ ଦେୟ ଯଥା :- ଘରଟିକସ, ଟ୍ରେଡ ଲାଇସେନ୍ସ ଫି ଏବଂ ଦୋକାନ ଭଡା ଇତ୍ୟାଦି ଠିକ ସମୟରେ ପଇଠ କରନ୍ତୁ।
୨) ଘରର ଅଳିଆ ଆବର୍ଜନା ରାସ୍ତାରେ ନପକାଇ ପ୍ରତ୍ୟେକ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ୨ ଟି ଲେଖାଏଁ ଡଷ୍ଟବିନ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ ଏବଂ ପରିଷଦର USER FEES ଠିକ ସମୟରେ ପଇଠ କରନ୍ତୁ।

" କଣ୍ଟାବାଞ୍ଜି ସହର ଆପଣମାନଙ୍କର ଏହାର ସୁରକ୍ଷା ଦାୟିତ୍ୱ ଆମସମସ୍ତଙ୍କର "

ଶ୍ରୀମତୀ ମନୋରମା ରାଉତ, ଉପାଧ୍ୟକ୍ଷା
ଶ୍ରୀଯୁକ୍ତ ବରିୟାମ ସିଂ ସାଲୁଜା, ଅଧ୍ୟକ୍ଷ
ଶ୍ରୀଯୁକ୍ତ ବିଶନାଥ ଖାଲଖୋ, କାର୍ଯ୍ୟନିର୍ବାହୀ ଅଧିକାରୀ
ଓ ସମସ୍ତ କାଉନସିଲର ବୃନ୍ଦ,
ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି।



AFFIDAVIT
I, Ram Kumar Agrawal, S / O - Tara Chand Agarwal, resident of AT - Civil Township, Rourkela, PS - Raghunathpali, Dist - Sundargarh, Odisha, declare by this affidavit No - 74AA131808, dated - 30.08.2025, that now onwards I shall be known as **RAM KUMAR AGARWAL** for all future porpuses.

AFFIDAVIT
By virtue of an affidavit sworn before Executive Magistrate, Nayagarh, CF.NO-1/2, dated 14-11-2022 I, **PABANA LENKA,** S/o Late Matia Lenka permanent resident of Village At- Badagorada, PO- Sarankul, Dist- Nayagarh, State- Odisha, declare that I have changed my name from **PRANA NATH LENKA** (Old name) to **PABANA LENKA** (New name). Pabana Lenka & Prana Nath Lenka, S/o Late Matia Lenka is same & one person. Henceforth, I shall be known as **PABANA LENKA** for all future purposes.
Sd-( **PABANA LENKA** )

AFFIDAVIT
I, Mamta Agrawal, D/O - Brij Bhan Gupta, resident of AT - Civil Township, Rourkela, PS - Raghunathpali, Dist - Sundargarh, Odisha,declare by this affidavit No - 74AA131809, dated -30.08.2025,that now onwards I shall be known as **MAMTA AGARWAL** for all future purposes.

CHANGE OF NAME
By virtue of an affidavit sworn before Executive Magistrate Bhubaneswar, dated 30/08/2025, I **AKSHAYA KUMAR SUKAL,** resident of Plot No-131/2699, Ekamra Vihar, Sundarpada, Po-Oldtown, PS-Airfield, Bhubaneswar, Dist-Khordha, Pin-751002, Odisha declare by this affidavit CF No.71/2025 that I have changed the name of my son from **Ayush Omkar** (old name) to **Ayush Omkar Sukla** (new name). Henceforth, he shall be known as **AYUSH OMKAR SUKLA** (new name) for all purposes.
**AKSHAYA KUMAR SUKAL**
Deponent

AFFIDAVIT
I KILLAMSETTY SIVARANJANI, W/o KILLAMSETTY JAIDEV (K.JAIDEV) resident of MAIN Road, Near Indian Book Store, Po/PS- Jeypore, Dist-Koraput, Odisha -764001, Odisha declare by this Affidavit No.3580, Dated - 29/08/2025, that now onwards I shall be known as **K SIBARANJANI** for all future purpose.

AFFIDAVIT
I, Minakshi Sahu, aged about 37 years, W/o- Sibaram Sahu, resident of At- Bada Sahi, Haridakhandi, Berhampur, Dist- Ganjam, Pin- 760002, Odisha declared by this affidavit No. 1763, dtd-29/08/2025 that now onwards I shall be known as **MEENAKSHI SAHU** for all future purposes.

AFFIDAVIT
By virtue of an affidavit no. 5644, dtd. 25.08.2025 sworn before the Executive Magistrate, Bangonunda, Dist.- Balangir, I, Chanda Tahani, have changed my name from Chanda Yadav to Chanda Tahani. Henceforth I shall be known as **Chanda Tahani** for all purposes.
**Chanda Tahani**

AFFIDAVIT
I, Somaresh Samal, aged about 51 years, S/o- Dipti Prakash Samal, resident of At- Kapaleswar, PO- Choudwar, Dist- Cuttack, Pin- 754071, Odisha declared by this affidavit No. 1784, dtd-01/09/2025 that now onwards I shall be known as **SAMARESH SAMAL** for all future purposes.

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025033, ତା.21.08.2025ରିଖ
କାର୍ଯ୍ୟର ନାମ : ଭଦ୍ରକ ରେଳ ଷ୍ଟେସନର ପୁନଃବିକାଶ ସମ୍ବନ୍ଧୀୟ ବିଦ୍ୟୁତୀକରଣ ଏବଂ ଦୂରସଂଚାର କାର୍ଯ୍ୟ ସହିତ ରିୟର ସାଇଡ୍ ଷ୍ଟେସନ ଭବନର ନିର୍ମାଣ, ଫୁଟ୍ ଓଭର ବ୍ରିଜ୍ (FOB)ର ନିର୍ମାଣ, ପ୍ଲାଟଫର୍ମର ନିର୍ମାଣ/ ନବୀକରଣ, ବର୍ତ୍ତମାନର ସଂରଚନାକୁ ଭାଙ୍ଗିବା ଏବଂ ସ୍ଥାନାନ୍ତର କରିବା, ଉପଯୋଗୀ ସାମଗ୍ରୀଗୁଡ଼ିକର ସ୍ଥାନାନ୍ତରଣ, ପରିଚଳନ କ୍ଷେତ୍ରର ଉନ୍ନୟନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 4340.99 ଲକ୍ଷ, EMD : ₹ 23,20,500/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.23.09.2025ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉକ୍ତ ଆକାଉଣ୍ଟେଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-90/CI/25-26

AFFIDAVIT
I, Mohsina Parveen, W/o Mohammed Gouse, At- Pardeshipada, Po- Bhawanipatna, Ps-Town Bhawanipatna, Dist- Kalahandi, Pin- 766001, State- Odisha, declare by this affidavit No-1976, dated 30/08/2025 that now onwards I shall be known as Mohasina Parveen for all future purposes.
Sd- ( Mohasina Parveen )

AFFIDAVIT
I, Vasudha, aged about 40 years, W/o- Sumit Mittal, resident of At- QTR NO- ME 101, Vedanta Meadows, Jharsuguda, Pin- 768201, Odisha declare by this affidavit No. 07, dtd- 30/06/2025, that now onwards I shall be known as **VASUDHA SINGHAL** for all future purposes.

Notice (for Minor)
By virtue of an affidavit sworn before The court of Executive Magistrate, Betnoti, Mayurbhanj, dated 01-08-2025 I, Biswanatha Hembram, AT- Gargadia (Dhadasahi, PO- Agria, PS- Baisinga, Dist- Mayurbhanj, PIN- 757025 declare that I have changed the name,Date of birth, father's name, mother's name and adress of my grand daughter from Chandini Sing, Date of Birth 04.04.2010, D/O (L) Kundu Sing and (L) Gita Sing At Baliapita, PO: Durgapur, PS: Baisinga, Betnoti Block, Mayurbhanj District to Sukanti Hembram, Date of Birth 21.03.2011, D/O (L). Kundu Hembram ( Father), (L) Geeta Hembram ( Mother) At Gargadia ( Dhadasahi), PO; Agria, PS: Baisinga. Dist. Mayurbhanj PIN 757025, Odisha. Henceforth, she shall be known as Sukanti Hembram for all purposes.
**Biswanatha Hembram**

AFFIDAVIT
By virtue of an affidavit No. 7599 sworn before the Executive Magistrate, Jajpur, dated- 05/08/2025. I, **Shaikh Mustaque Ali,** S/o- Shaik Ahmed Ali, resident of Vill/Po- Adangapurusottampur, Ps- Jajpur Sadar, Dist- Jajpur, Odisha, Pin- 755007, I have changed my name from **Shaikh Mustaque Ali** (Old name) to **Shaik Mustaque Ali** (New name) for all future purposes.

### ନାୟକାଣିଡିହି ପୁଲିସକୁ ବଡ଼ ସଫଳତା

# ୭ ବାଇକ୍ ଓ ୪ ଇନ୍‌ଭର୍ଟର ଜବତ; ୫ ଗିରଫ

ଭଦ୍ରକ/ବାସୁଦେବପୁର, ୧।୯ (ସମିସ)

ବାସୁଦେବପୁର ବ୍ଲକ ନାୟକାଣିଡିହି ପୁଲିସକୁ ବଡ଼ ସଫଳତା ମିଳିଛି। ଚୋରି ହୋଇଥିବା ୭ଟି ବାଇକ ଏବଂ ୪ଟି ଇନଭର୍ଟର ବ୍ୟାଟେରୀ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଥିବା ୫ ଜଣଙ୍କୁ ଗିରଫ କରିଛି। ବାସୁଦେବପୁର ବ୍ଲକର ରାଜଘରପୋଖରୀ ସ୍କୁଲର ଇନଭର୍ଟର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଭଦ୍ରକ ଏସପି ମନୋଜ କୁମାର ରାଉତଙ୍କ ନିର୍ଦ୍ଦେଶ କ୍ରମେ ନାୟକାଣୀଡିହି ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ। ଚଢଉ ସମୟରେ ୭ଟି ବାଇକ୍ ଓ ୪ଟି ଇନଭର୍ଟର ବ୍ୟାଟେରୀ ଜବତ ହେବା ସହିତ ୫ ଜଣଙ୍କୁ ଧରିବାରେ ସଫଳ ହୋଇଛି। ଏ ନେଇ ନାୟକାଣୀଡିହି ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ସୂଚନା



ପ୍ରଦାନ କରିଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ରାଜଘରପୋଖରୀ ପଞ୍ଚାୟତ ରାଇପୁର ଗାଁର ତପନ କୁମାର ବେହେରା, ବିଶାଦଣ୍ଡା ଗାଁର ଚିତରଞ୍ଜନ ମହାନ୍ତି (ମୁଟୁନୁ), ସାନମଛୁଆଘାଇ ଗାଁର ଉମାକାନ୍ତ ବନ୍ଧ (ଗୁଗୁଲୁ), ରାଜଘରପୋଖରୀ ଗ୍ରାମର ଧନଞ୍ଜୟ ନାୟକ (ମୁନା) ଓ ଗୋବିନ୍ଦପୁର ପଞ୍ଚାୟତର ବ୍ରଜାନନ୍ଦପୁର ଗ୍ରାମର ପ୍ରଫୁଲ୍ଲ କୁମାର ସେଠୀ (ବୁଲ୍‌ଟୁ )। ତପନ ବେହେରାଙ୍କ ନାମରେ ବିଭିନ୍ନ ଥାନାର ୬ଟି ମାମଲା, ଚିତ୍ତରଞ୍ଜନ ମହାନ୍ତିଙ୍କ ନାମରେ ୫ଟି, ଉମାକାନ୍ତ ବନ୍ଧଙ୍କ ନାମରେ ୪ଟି, ଧନଞ୍ଜୟ ଓ ପ୍ରଫୁଲ୍ଲ ସେଠୀଙ୍କ ନାମରେ ଗୋଟିଏ ଲେଖାଁଏ ମାମଲା ରହିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏହି ଗ୍ୟାଙ୍ଗ ଅତି ଚତୁରତାର ସହିତ ବାଇକ ଚୋରୀକରି ତଳିଆ ଅଞ୍ଚଳର ଲୋକମାନଙ୍କୁ ବିକିଥାନ୍ତି। ସାମ୍ବାଦିକ ସମ୍ମିଳନୀରେ ଆଇଆଇସି ରାଜଲକ୍ଷ୍ମୀ ନାୟକ, ଏସଆଇ ସୁରେନ୍ଦ୍ର ମଲ୍ଲ, ଏଏସଆଇ ସୁନିତା ହେମ୍ବ୍ରମ, ଅନିଲ ସେଠୀ, କନେଷ୍ଟବଳ ଉମେଶଚନ୍ଦ୍ର ନାୟକ ଓ ସରୋଜ ନାୟକ ଟିମରେ ଥିଲେ।ଦୀର୍ଘ ବର୍ଷ ପରେ ନାୟକାଣୀଡିହି ପୁଲିସ ବଡ ବାଇକ ଚୋର ଗ୍ୟାଙ୍ଗ ଧରିବାରେ ସଫଳ ହୋଇଛନ୍ତି।

# ସମ୍ଭାବନା ସାହିତ୍ୟ ସଂସଦର କବିତା ଆସର



**ଭଦ୍ରକ, ୧।୯ (ସମିସ):** ସମ୍ଭାବନା ସାହିତ୍ୟ ସଂସଦର ୪ର୍ଥ ଶେଷ ରବିବାର କବିତା ଆସର 'ସମ୍ଭାବନା'ର ସମ୍ପାଦକ ଯୁବକବି ଋତୁରାଜ ଅକ୍ଷୟ ସଭାପତିତ୍ୱରେ ଅନୁଷ୍ଠିତ ହେଇଯାଇଛି। ଏହି ଆସରରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ କବୟିତ୍ରୀ ବିଳାସିନୀ ମହୁରୀ ଓ ଶ୍ରଦ୍ଧାଞ୍ଜଳି ମିଶ୍ର। ଉଦଘାଟକଭାବେ ଇଂରାଜୀ ପ୍ର. ଡ଼, ଗୋଲକ ବିହାରୀ ସାହୁ, ମୁଖ୍ୟ ଅତିଥିଭାବେ ଇଂରାଜି ପ୍ର, ଡ଼, ବାସୁଦେବ ବାରିକ ଯୋଗଦେଇଥିଲେ। ଶିକ୍ଷାବିତ ତଥା ନାଟ୍ୟକାର ଅଟଳବିହାରୀ ନାୟକ ସଭାପତିତ୍ୱ କରିଥିଲେ। 'ପ୍ରେମ ପୃଥିବୀ'ର ସମ୍ପାଦକ କୈଳାଶ ପଣ୍ଡା, ପ୍ର.କୈଳାସ ଜେନା, ସମ୍ଭାବନାର କଳା ସମ୍ପାଦକ ଚୂଡ଼ାମଣି ଦାସ ଉପସ୍ଥିତ ଥିଲେ। କବିତା ଗୁଡିକୁ ସମୀକ୍ଷା କରିଥିଲେ ଇଂରାଜି ପ୍ରାଧାପକ କବି କିଶୋର ପାଣିଗ୍ରାହୀ, କବିତା ସଂଯୋଜନା କରିଥିଲେ। କବି ସୁକାନ୍ତ ବେହେରାଓ ରମାକାନ୍ତ ଜେନା କବିତା ଅସାରକୁ ସହଯୋଗ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ଜେନା, ଯୁବ କବୟିତ୍ରୀ ଦମୟନ୍ତୀ ରାଉତ ଓ ଶ୍ରଦ୍ଧାଞ୍ଜଳି ମିଶ୍ର। ହାଟଡିହି କେନ୍ଦୁଝରରୁ ଆସିଥିବା ଅତିଥି କବି ମୁରଲୀ ବେହେରା, ଚତୁର୍ଭୂଜ ପହି, ନାରାୟଣ ସାହୁ, ହେମନ୍ତ ନାୟକ, ଅନନ୍ତ ନାରାୟଣ ମୁଦୁଲି, ବିଶ୍ୱଜିତ ସାହୁ, ନୀଳିମା ପଣ୍ଡା, ତିହିଡିର ଯୁବ କବି ସୁବ୍ରତ ମିଶ୍ର, କବୟିତ୍ରୀ କୃତୀଦୀପା କର, ସରୋଜିନୀ ନାୟକ, ଗୀତାଞ୍ଜଳି ଅଗସ୍ତି, ଅନିଶା ରଣା, ରାଜକିଶୋର ରାୟ, ମୁକୁନ୍ଦ ଦେବ ନାୟକ, ରାଖାଲ ଚନ୍ଦ୍ର ସ୍ୱାଇଁ, ବୈକୁଣ୍ଠନାଥ ଓଝା, ପ୍ରମୋଦ ଅଗସ୍ତି, ଚର୍ଚ୍ଚିକା ମହାପାତ୍ର, ନିର୍ମଳ ରାଉତ, ରାଗନ୍ନାଥ ରାଉତ ଭରତ ଦାସ ମାର୍କୋଣା, ମୁସ୍ତାକ ଗହ୍ୱର, ଅବଦୁଲ ଦୟାନ, ଅରୂପାନନ୍ଦ ନାୟକ, ସୁମିତ୍ରା ପାଣି, ପ୍ରୀତିଲତା ପଣ୍ଡା, ବାବୁଲାଲ ଦାସ ଶଶାଙ୍କ ଶେଖର ପଣ୍ଡା, ମାନସ ପଣ୍ଡା, ସାବିତ୍ରୀ ବାନାର୍ଜୀ, ରମେଶ ଦାସ, ମନରଞ୍ଜନ ଦାସ, ନାରାୟଣ ଚନ୍ଦ୍ର ଲେଙ୍କା, ବିପ୍ଳବ ହୋତା କବିତା ପାଠ କରିଥିଲେ। ଏହି ଅବସରରେ ସମ୍ଭାବନା ଶ୍ରେଷ୍ଠ କବିତା ସମ୍ମାନ କବି ରାମକୃଷ୍ଣ ରାଉତ, କୈଳାଶ ଦାସଙ୍କୁ ପ୍ରଦାନ କରାଯାଇଥିଲା।

## ଜନଶୁଣାଣି ଶିବିରରେ ୧୫୮ ଅଭିଯୋଗ



**ଭଦ୍ରକ, ୧।୯ (ସମିସ):** ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହଠାରେ ସୋମବାର ଏକ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ (ରାଜସ୍ୱ)ଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସମ୍ବିତ ମାଝୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ଜ୍ଞାନରଞ୍ଜନ ସାହୁ, ଭଦ୍ରକ ତହସିଲଦାର ପ୍ରିୟଦର୍ଶନ ସଂଗ୍ରାମକେଶରୀ ଖୁଣ୍ଟିଆ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୫୮ ଆବେଦନପତ୍ର ଦାଖଲ ହୋଇଥିଲା। ସେଥିରୁ ୧୩୩ଟି ବ୍ୟକ୍ତିଗତ, ୧୬ଟି ସାମୂହିକ ଥିଲା। ୧୮ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩ ଜଣ ଓ ରେଡକ୍ରସରୁ ୬ ଜଣଙ୍କୁ ମୋଟ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଜନଶୁଣାଣିରେ ମୁଖ୍ୟତଃ ରେସନ କାର୍ଡ, ମଧୁବାବୁ ପେନସନ, ପିଏମ ଆଭାସ ଯୋଜନାରେ ଗୃହ ବଣ୍ଟନ, ଜମିଜମା ସମ୍ପର୍କିତ ଅଭିଯୋଗ ଦାଖଲ ହୋଇଥିଲା।

## ୬ବର୍ଷ ପରେ ନିଯୁକ୍ତି ପାଇଲେ ୨ ସଂସ୍କୃତ ଶିକ୍ଷକ



ସକାଳ ପ୍ରଭାବ

**ଦୋଳସାହି, ୧।୯ (ସମିସ):** ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ନିଯୁକ୍ତ ହେଲେ ଦୁଇ ଜଣ ସଂସ୍କୃତ ଶିକ୍ଷକ। ସୂଚନାଯୋଗ. ତିହିଡି ବ୍ଲକ ଅଧିନ ଗୁଆମାଳ ପଞ୍ଚାୟତର ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ୬ବର୍ଷ ଧରି ସଂସ୍କୃତ ଶିକ୍ଷକ ନଥିବା ନେଇ ଦୈନିକ 'ସକାଳ'ରେ ପ୍ରକାଶିତ କରାଯାଇଥିଲା। ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକମାନେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଏହି ସମସ୍ୟା ସମ୍ପର୍କରେ ଅବଗତ ହୋଇ ସମାଧାନ କରିବା ପାଇଁ ଗତ ସପ୍ତାହରେ ଅଲୋଚନା କରିଥିଲେ। ଖବର ପ୍ରକାଶ ପରେ ଶନିବାର ଦୁଇ ଜଣ ସଂସ୍କୃତ ଶିକ୍ଷକ ଯୋଗଦାନ କରିଛନ୍ତି। ଏହି ଦୁଇ ଜଣ ସଂସ୍କୃତ ଶିକ୍ଷକ ହେଲେ କଳ୍ପନା ମହାନ୍ତି ଓ ସୌମେନ୍ଦ୍ର ଉଦଗାତା। ଏଥି ସହିତ ବୀଣାପାଣି ଉଚ୍ଚ ବିଦ୍ୟାଳୟ ପାଚେରୀ ନିର୍ମାଣ କାର୍ଯ୍ୟ ପୂର୍ଣାଙ୍ଗ ହେଉ ନଥିବା ନେଇ କିଛି ନିଶାଡିଙ୍କ ଆଡ୍ଡା ଜମୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା ବେଳେ ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ପାଚେରୀ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା ପାଇଁ ଦାବି ଉଠିଛି।

## କୃଷି କାର୍ଯ୍ୟାଳୟରେ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର



**ଧାମନଗର, ୧।୯ (ସମିସ):** ଧାମନଗର ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ 'ଡିଜିଟାଲ ଫସଲ ସର୍ବେକ୍ଷଣ' ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରିଣୀ ଅନୁରାଧା ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ସହକାରୀ ମତ୍ସ୍ୟ ଅଧିକାରୀ ଆୟୁଷ୍ମାନ କର, ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟତଃ ଡିଜିଟାଲ ଫସଲ ସର୍ବେକ୍ଷଣ ହେବା ଦ୍ୱାରା ପ୍ରକୃତ ଚାଷୀ ଚିହ୍ନଟ କରିବା, ଧାନ କ୍ରୟ ଗତ ସମୟରେ ପ୍ରକୃତ ଧାର୍ଯ୍ୟ ପରିମାଣ ନିର୍ଣ୍ଣୟ କରିବାରେ ସହାୟକ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।ସୂଚନା ଅନୁଯାୟୀ, ବ୍ଲକର ମୋଟ ୩୧ଟି ପଞ୍ଚାୟତରେ ୧ ଲକ୍ଷ ୭୬ ହଜାର ପ୍ଲଟ ସର୍ବେକ୍ଷଣ କରାଯିବ ଗତ ୨୫ ଅଗଷ୍ଟରୁ ଅଦ୍ୟାବଧି ୧୨ ହଜାର ପ୍ଲଟ ସର୍ବେକ୍ଷଣ କରାଯାଇଛି ବୋଲି ସହକାରୀ କୃଷି ଅଧିକାରୀ ଶ୍ରୀ ତ୍ରିପାଠୀ କହିଛନ୍ତି। ଶସ୍ୟ ଓ ଅଣଶସ୍ୟ ମୋଟ ୧୭ ହଜାର ୧୩୦ ହେକ୍ଟର ଚାଷ କରାଯାଇଛି। ସେଥିରୁ ପ୍ରାୟ ୧୬ ହଜାର ୫ ଶହ ହେକ୍ଟର ଚାଷ ଜମିରେ କେବଳ ଖରିଫ ଶସ୍ୟ କରାଯାଇଛି। ଗ୍ରାମ କୃଷି ଅଧିକାରୀ, ପ୍ରାଥମିକ କୃଷି ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହକାରୀ ମତ୍ସ୍ୟ କୃଷି ଅଧିକାରୀ ଆୟୁଷ୍ମାନ କର ଧନ୍ୟବାଦ ଦେଇଥିଲେ।

## ସହିଦ ମାର୍ଗ ଉନ୍ନତି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ଅସୁରାଳି, ୧।୯ (ସମିସ):** ଅସୁରାଳି ନିକଟ ମଙ୍ଗଳପୁରଠାରୁ କଟସାହି ପଞ୍ଚାୟତର ଶହୀଦନଗର ପର୍ଯ୍ୟନ୍ତ ସହିଦ ମାର୍ଗ ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ରାସ୍ତା ନିର୍ମାଣ ଦ୍ୱାରା ଶହୀଦ ସ୍ମାରକୀସ୍ଥଳକୁ ଅଧିକ ପର୍ଯ୍ୟଟକ ଆକର୍ଷିତ ହେବା ସହ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶ ରାସ୍ତା ଖୋଲିବ। ଅନୁଷ୍ଠାନରେ ଏସ୍‌ଡିଓ ରଞ୍ଜନ ନାୟକଙ୍କ ସହ ବରିଷ୍ଠ ବିଜେପି ନେତା ଅଶୋକ ପୁହାଣ, ରଘୁନାଥ ଲେଙ୍କା, ତୁଷାର କାନ୍ତି ମିଶ୍ର, କିଶୋର ଦାସ, ଚତୁର୍ଭୁଜ ନାୟକ, ଧୁଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ବିଜେପି ନେତା ଦୀପ୍ତିରଞ୍ଜନ ଜେନା, ରାଜୀବ ଦାସ ଓ ଅନ୍ୟାନ୍ୟ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ଯାତାୟାତ ସୁବିଧା ବୃଦ୍ଧି ପାଇବା ସହ ସହିଦ ସ୍ମାରକ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବ। ଅଞ୍ଚଳର ଐତିହ୍ୟ, ଦେଶପ୍ରେମ ଓ ସଂସ୍କୃତିକୁ ଉଜାଗର କରିବାରେ ଏକ ମାଇଲସ୍ଷ୍ଟୋନ୍ ରୂପେ ପ୍ରମାଣିତ ହେବ। ଏହାଛଡ଼ା ମଙ୍ଗଳପୁରଠାରୁ ବିଲନା, ପୂର୍ତ୍ତ ବିଭାଗ ରାସ୍ତାଠାରୁ ପଳିକିରି, ସହିଦ ଜାଫରଠାରୁ ଫଳପୁର, ଗ୍ରାମ୍ୟ ଉନ୍ନୟନ ରାସ୍ତା ଇଛଦାମିଜାହାରପୁରଠାରୁ ରାସ୍ତା ଓ କଲ୍ୟାଣୀଠାରୁ କୋଠାର ରାସ୍ତାର ଶିଳାନ୍ୟାସ କରାଯାଇଛି।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଭଣ୍ଡାରିପୋଖରୀ, ୧।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଆରମ୍ଭ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ତଟିନୀ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ପ୍ରଧାନଶିକ୍ଷକ ତଥା ଓଷ୍ଟା ଜିଲ୍ଲା ସଭାପତି ଶଶିଶେଖର କରଶର୍ମା ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ସରପଞ୍ଚ ସୁଜାତା ସାହୁ, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ନାୟକ, ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ ଜେନା, ପ୍ରଧାନ ଶିକ୍ଷକ ଅଜୟ କୁମାର ନନ୍ଦ, ରତିକାନ୍ତ ବେହେରା ଓ ରବୀନ୍ଦ୍ର କୁମାର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାଇକଲ ଚାଳନା ବିଭାଗର ଜାତୀୟ ପ୍ରତିଯୋଗୀ ତଥା ବାରିକପୁର ହାଇସ୍କୁଲ ଛାତ୍ର ସତ୍ୟଜିତ ଗୋଚ୍ଛାୟତ ଓ ଚିଙ୍ଗୁଡିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସ୍ନେହା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଗୌରୀଶଙ୍କର ମିଶ୍ର ଅତିଥି ପରିଚୟ ଓ କ୍ରୀଡା ଶିକ୍ଷକ ଦେବଶିଷ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସମ୍ମିଳନୀ

**ତିହିଡି, ୧।୯ (ସମିସ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୩ ଦିନିଆ ଜିଲ୍ଲା ସମ୍ମିଳନୀ ପୀରହାଟ ବାସନ୍ତୀ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ଜୋନର ପ୍ରତିନିଧି ଯୋଗଦେଇଥିଲେ। ପ୍ରଥମ ଦିନରେ ପାର୍ଟି ପତାକା ଉତ୍ତୋଳନ ପରେ ଏକ ବିଶାଳ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଓ କେନ୍ଦ୍ରର ବିଜେପି ସରକାରଙ୍କ ଜନ ବିରୋଧୀ କାର୍ଯ୍ୟକଳାପ ଉପରେ ବକ୍ତାମାନେ ଆଲୋଚନା କରା ଯାଇଥିଲା। ବିଜେପି ସରକାର ଅମଳରେ ସଂଖ୍ୟାଲଘୁ, ଦଳିତ ଓ ମହିଳାଙ୍କ ଉପରେ ହୋଇଥିବା ଅତ୍ୟାଚାରକୁ ନିନ୍ଦା କରାଯାଇଥିଲା। ସରକାର ଜମି, ଜଳ ଓ ଜଙ୍ଗଲକୁ କମ୍ପାନୀ ହାତକୁ ଟେକି ଦେଇଥିବାରୁ ଦୃଢ ପ୍ରତିବାଦ କରାଯାଇଥିଲା। ଏଥିସହ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ସଭାରେ ଉଦବେଗ ପ୍ରକାଶ ପାଇଥିଲା। ଏଥିରେ ପ୍ରାକ୍ତନ ବିଧାୟକ ନାରାୟଣ ରେଡ୍ଡି, ଆଡଭୋକେଟ ପ୍ରଶାନ୍ତ ମିଶ୍ର, ଉତ୍କଳ ମହିଳା ସମିତିର ବନଲତା ଜେନା, ରୁଚିସ୍ମିତା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନୂଆ ଜିଲ୍ଲା କମିଟି ଗଠିତ ହୋଇଥିଲା। ଶୁଭେନ୍ଦ୍ର ପ୍ରତାପ ମହାନ୍ତି ଜିଲ୍ଲା ସମ୍ପାଦକ ଭାବେ ପୁଣି ନିର୍ବାଚିତ ହୋଇଛନ୍ତି। ସେହିପରି ୨୫ ଜଣିଆ ନୂଆ ଜିଲ୍ଲା କମିଟି ଗଠନ ହୋଇଥିଲା। ନାରାୟଣ ତ୍ରିପାଠୀ ଓ ରମେଶ ଜେନା ସହ ସମ୍ପାଦକ, କୋଷାଧକ୍ଷ ଭାବେ ବିମ୍ବାଧର ବାରିକ ଏବଂ ଗୋପବନ୍ଧୁ ସେଠୀ, ଅନନ୍ତ ମହାନ୍ତି, ହରିହର ବେହେରା, ବାବାଜୀ ଚରଣ ଜେନା, ଦିଲ୍ଲୀପ ନାୟକ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଥିଲେ। ଜୋନ ସମ୍ପାଦକ ନାରାୟଣ ତ୍ରିପାଠୀ, ସନାତନ ବାରିକ, ଭଜଗୋବିନ୍ଦ ନାୟକ, ନିରଞ୍ଜନ ମହାନ୍ତି, ଶରତ ବେହେରା, ରବିନ ବାରିକ, କୃତିବାସ ଜେନା, ଯୁବନେତା ଅନନ୍ତ ପାଣି ପ୍ରମୁଖ ୩ ଦିନ ଧରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସମାଜସେବୀ ପ୍ରଭାକର ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ

**ବନ୍ତ/ଆଗରପଡ଼ା, ୧।୯ (ସମିସ):** ବନ୍ତ ବ୍ଲକ ବଡ଼ମହିଁଷଗୋଠ ପଞ୍ଚାୟତ ନରାଜପୁର ଗ୍ରାମବାସୀ ତଥା ସମାଜସେବୀ ପ୍ରଭାକର ପଣ୍ଡାଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଜେପି ନେତା ଡ.ସୁଧାଂଶୁ ଶେଖର ନାୟକ, ପ୍ରଫେସର ଅମରେନ୍ଦ୍ର ପାଣି, ସୁପ୍ରିମକୋର୍ଟ ଆଡ଼ଭୋକେଟ ଜଗତମୋହନ ସିଂହ, ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର ପଣ୍ଡା, ରବିନାରାୟଣ ମହାନ୍ତି, ଯୁବନେତା ସତ୍ୟ ସାଧନ ବେଜ, ଶିକ୍ଷାବିତ୍ କୈଳାସ ଧଳ, ଉପେନ୍ଦ୍ର ଶତପଥୀ, ପୁରୁଷଣ୍ଡି ସେବା ସମବାୟ ସମିତି ସମ୍ପାଦକ ରାଜେନ୍ଦ୍ର ବେଜ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଜ୍ୟୋତିଶଙ୍କର ପଣ୍ଡା, ପ୍ରିତୀଶ ଶତପଥୀ, ଗିରିଜା ଶଙ୍କର ପଣ୍ଡା, ଉମେଶ କର ପ୍ରମୁଖ ଆତ୍ମୀୟସ୍ୱଜନ ପରିଚାଳନାରେ ସହାୟତା କରିଥିଲେ।




## ବିଟିପୁର ଅଙ୍ଗନବାଡ଼ିରୁ ଲୁଟ୍ ଉଦ୍ୟମ

**ବନ୍ତ/ଆଗରପଡ଼ା, ୧।୯ (ସମିସ):** ବନ୍ତ ବ୍ଲକ ବିଟିପୁର ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ଉଦ୍ୟମ ହୋଇଛି। ଶନିବାର ସନ୍ଧ୍ୟାରେ ଏହି ଅଙ୍ଗନବାଡ଼ି କେନ୍ଦ୍ରର ତାଲାକୁ ଭାଙ୍ଗି ଦେଇଛନ୍ତି ଦୁର୍ବୃତ୍ତ। ଭିତରେ ଥିବା ଗ୍ୟାସ ସିଲିଣ୍ଡରକୁ ନେଇଯାଇ ଏକ ବୁଦା ମୂଳରେ ଲୁଚାଇ ରଖି ପୁନର୍ବାର ଘର ଭିତରେ ପଶିବାକୁ ଉଦ୍ୟମ କରିଥିଲେ ଦୁର୍ବୃତ୍ତ। ଜଣେ ବ୍ୟକ୍ତି ଏହାକୁ ଦେଖି ଅଙ୍ଗନବାଡ଼ି କର୍ମୀ ବିନୋଦିନୀ ଧିରଙ୍କୁ ଖବର ଦେଇଥିଲେ। କର୍ମୀଙ୍କ ସହ କିଛି ଲୋକ ପହଞ୍ଚିବାରୁ ଦୁର୍ବୃତ୍ତ ଫେରାର ହୋଇଯାଇଛି। ଲୁଚାଇ ରଖିଥିବା ଗ୍ୟାସ ସିଲିଣ୍ଡରକୁ ପରେ ଉଦ୍ଧାର କରାଯାଇଥିଲା। ଅଭିଯୋଗ ପାଇ ଥାନାଧିକାରୀ ଦେବରାଜ ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ମାର୍କଫେଡ଼ର ଦାୟିତ୍ୱହୀନତା

# ଖରିଫ ଧାନକୁ ସାର ନିଅଣ୍ଟ; ଚାଷୀ ହନ୍ତସନ୍ତ

ବାରିକପୁର, ୧।୯ (ସମିସ)

ସମ୍ପ୍ରତି ଖରିଫ ଧାନର ବେଉଷଣ କାର୍ଯ୍ୟ ସରିଥିବା ବେଳେ ଚାଷୀ ଏବେ ଜମିରେ ସାର ପକାଇବା ପାଇଁ ତତ୍ପର। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ପ୍ରାୟ ୧୬ ହଜାର ହେକ୍ଟର ଚାଷ ଜମି ପାଇଁ ସମ୍ପୂର୍ଣ୍ଣ ସାର ମିଳିବା ସମ୍ଭବ ହେଉନି। ସୂଚନା ଅନୁଯାୟୀ, ବ୍ଲକର ୮ଟି ସମବାୟ ସମିତିରୁ ଯେଉଁ ଚାଷୀ ଖରିଫ ଋଣ ନେଇଥିବା ସେମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ମିଳିପାରୁନାହିଁ। ପ୍ରଥମ ପର୍ଯ୍ୟାୟରେ ସମବାୟ ସମିତିଗୁଡିକୁ ମାର୍କଫେଡ଼ ସାର ଯୋଗାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ସାର ଦେବା ପାଇଁ ସଂସ୍ଥା ଏବେ ମୁଣ୍ଡ କାନ ଖେଳାଉ ନାହିଁ। ଫଳରେ ସମିତି ଗୁଡିକ ଋଣୀ ଚାଷୀଙ୍କୁ ଠିକ ସମୟରେ ସାର ଦେଇ ପାରୁନାହାନ୍ତି। ଏହାଛଡା ସ୍ୱୀକୃତି ପ୍ରାପ୍ତ ୬୪ଗୋଟି ଖୁଚୁରା ବିକ୍ରେତା କେନ୍ଦ୍ର ଓ ୪ଟି ହୋଲସେଲରଙ୍କ ନିକଟରେ ମଧ ସାରର ଅଭାବ ବିକ୍ରି ଦେଖାଦେଇଛି। ବିଶେଷ କରି ୟୁରିଆ ଓ ପଟାସ ସାରର ଘୋର ଅଭାବ ଦେଖାଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏବେ ବର୍ଷା ନଥିବା ବେଳେ ଏହି ସମୟରେ ଚାଷ ଜମିରେ ସାର ପକାଇବା ଉପଯୁକ୍ତ। ଏପରି ସ୍ଥଳେ ଆବଶ୍ୟକ ପରିମାଣରେ ସାର ନମିଳିବାରୁ ହଜାର ହଜାର ଚାଷୀ ହନ୍ତସନ୍ତ ହେଉଛନ୍ତି। ମୁଖ୍ୟ ସାର ଯୋଗାଣକାରୀ ସଂସ୍ଥା ମାର୍କଫେଡ଼ର ଦାୟିତ୍ୱ ହୀନତା ଯୋଗୁଁ ପ୍ରତିବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ସରକାରୀ ଭାବେ ସାର ଯୋଗାଣରେ ବ୍ୟାପକ ବିଳମ୍ବ ହେଉଥିବାରୁ ଚାଷୀ ମାନେ ଅନ୍ୟସ୍ଥାନରୁ ଚଢା ଦରରେ ସାର କିଣୁଥିବା ଜଣାଯାଇଛି। ତେଣୁ ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ସାର ଯୋଗାଇ ଦେବାକୁ ମାଳଦାଠାରୁ ଆରମ୍ଭ କରି ମଞ୍ଜୁରୀରୋଡ଼ ଓ ବିଷ୍ଣୁପୁର ଠାରୁ ଆରମ୍ଭ କରି ଆଖୁଆପଦା ଯାଏଁ ବିଭିନ୍ନ ଅଞ୍ଚଳର ଚାଷୀ ଦାବି କରିଛନ୍ତି।



### ସେମାନେ ଯାହା କୁହନ୍ତି...



ପ୍ରତିବର୍ଷ ସାରର ଅଭାବୀ ବିକ୍ରି ଦେଖାଦେଉଛି। ଏବେ ଜମି ଶୁଖିଲା ଥିବା ବେଳେ ସେଥିରେ ପ୍ରଥମ ପର୍ଯ୍ୟାୟ ସାର ବୁଣିବା ଚାଷୀ ମାନଙ୍କ ପାଇଁ ଲାଭ ଦାୟକ। ଏପରିସ୍ଥଳେ ସମିତିଠାରୁ ଆରମ୍ଭ କରି ବଜାରରେ ସମସ୍ତ ସାର ନମିଳିବା ଯୋଗୁଁ ଆମେମାନେ ବହୁତ ହଇରାଣ ହରକତ ହେଉଛୁ।

**- ହାଡ଼ିବନ୍ଧୁ ସେନାପତି, ଚାଷୀ**



ଆମ୍ଭ ନାଆମୀ ସମିତିରେ ସମିତିରେ ଏବେ ପଟାସ ମିଳୁନଥିବା ବେଳେ କେବଳ ଡିଏପି ଓ ୟୁରିଆ ମିଳୁଛି। ବଜାରରେ ମଧ୍ୟ କୌଣସି ସ୍ଥାନରେ ପଟାସ ମିଳୁନାହିଁ। ଖୁଚୁରା ବିକ୍ରେତା କେନ୍ଦ୍ର ଗୁଡିକୁ ତୁରନ୍ତ ପଟାସ ଯୋଗାଇବାକୁ ଅନିବାର୍ଯ୍ୟ ହୋଇପଡ଼ିଛି।

**- ବ୍ୟୋମକେଶ ସେଠୀ, ଚାଷୀ**



ସାର ଅଭାବ ଯୋଗୁଁ ଆମେ ଏବେ ଦହଗଞ୍ଜ ହେଉଛୁ। ଆବଶ୍ୟକ ସ୍ଥଳେ ପଡୋଶୀ ଯାଜପୁର ଓ ପାଣିକୋଇଲି ବଜାରରୁ ବହୁତ ହୀନସ୍ତା ହୋଇ ସାର ଆଣୁଛୁ। ପ୍ରତିବର୍ଷ ଏହି ଖରିଫ ଧାନ ଚାଷ ସମୟରେ ସାରର ଅଭାବ ଦେଖାଦେଉଛି। ଏଥିପାଇଁ ଚାଷୀ କ୍ଷତି ସହୁଛନ୍ତି। ଏହାଉପରେ ସରକାର ଦୃଷ୍ଟି ଦେବା ଜରୁରୀ। -

**-ମହେଶ୍ୱର ସାହୁ, ଚାଷୀ।**

# ଅବସର ନେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ



ବାରିକପୁର,୧।୯ (ସମିସ): ଗତ ଅଗଷ୍ଟ ମାସ ୧ତାରିଖରେ କାର୍ଯ୍ୟଭାର ଗ୍ରହଣ କଲେ, ଆଉ ଗତ ୩୧ତାରିଖରେ ଅବସର ଗ୍ରହଣ କଲେ । ମୋଟାମୋଟି କହିବାକୁ ଗଲେ ମାତ୍ର ୩୦ଦିନ ପାଇଁ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉମାପ୍ରସାଦ ବିଶ୍ୱାଳ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କ ପାଇଁ ଅବସର ପାକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଛି। ଅନ୍ୟପକ୍ଷରେ ଡାକ୍ତର ସୁଧୀରଞ୍ଜନ ନାୟକଙ୍କୁ ଇନଚାର୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ନିଯୁକ୍ତି କରାଯାଇଛି ।

# ସୁମତୀଙ୍କୁ ୫ମାସ ହେଲା ମିଳୁନି ଭତ୍ତା



ଦୋଳସାହି,୧।୯ (ସମିସ): ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଭତ୍ତା ହିତାଧିକାରୀଙ୍କୁ ସଠିକ୍ ଭାବେ ପ୍ରଦାନ କରାଯାଉ ନଥିବା ସହ ତାଙ୍କୁ ମାନସିକ ନିର୍ଯାତନା ଦିଆ ଯାଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଦୈନିକ "ସକାଳ' ରେ ବାରମ୍ବାର ଖବର ପରିବେଷଣ ପରେ ଏହି ବ୍ଲକ୍‌ର ଏକ ୩୧ ପଞ୍ଚାୟତର ଶହେରୁ ଅଧିକ ହିତାଧିକାରୀ ପାଇ ପାରିନାହାନ୍ତି । ସେହିପରି ଏହି ବ୍ଲକର ଗୁଆମାଳ ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମର ବିଧବା ସୁମତୀ ମାଝୀଙ୍କୁ ୫ମାସରୁ ଅଧିକ ସମୟ ଧରି ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କୁ ଭତା ଦିଆଯାଉନାହିଁ । ଓଲଟି ସେ ଭିନ୍ନକ୍ଷମ ବୋଲି ଦର୍ଶାଇ ତାଙ୍କ ଭତ୍ତା ବନ୍ଦ କରାଯିବା ନେଇ ଖବର ପ୍ରକାଶ ପାଇଥିଲା। ତବେ ଅଦ୍ୟାବଧି ତାଙ୍କୁ ଭତା ପ୍ରଦାନ କରାଯାଇନାହିଁ। ଏନେଇ ଗୁଆମାଳ ପଞ୍ଚାୟତ ଅଧିକାରୀ ଅରୁଣ ପଣ୍ଡାଙ୍କୁ ପଚାରିବାରୁ ସେ କୌଣସି ସଠିକ୍ ଉତ୍ତର ଦେଇପାରୁନାହାନ୍ତି। ବିଧବା ସୁମତୀ ମାଝୀଙ୍କୁ କାହିଁକି ଭତ୍ତା ବନ୍ଦ କରାଯାଇଛି ଓ କାହିଁକି ଦିଆଯାଉନାହିଁ ଏହାର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାକୁ ଦାବି ହୋଇଛି ।

# ସରିଲା କ୍ଷୟକ୍ଷତି ଆକଳନ; ସହାୟତାକୁ ଅପେକ୍ଷା



ବାରିକପୁର,୧।୯ (ସମିସ): ବୈତରଣୀ ନଦୀରେ ଦେଖାଦେଇଥିବା ତୃତୀୟ ବନ୍ୟା ଯୋଗୁ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ଚାଷ ଜମି ଗୁଡିକ କ୍ଷତିଗ୍ରସ୍ତ ହୋଇଛି । କ୍ଷତିଗ୍ରସ୍ତ ପନିପରିବା ଓ ଧାନ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇଛନ୍ତି । ବିଶେଷ କରି ରୁଆ ଜମିରେ ବନ୍ୟା ପାଣି ମାଡିଯାଇଥିବା ବେଳେ ଏହା ଦୁଇତିନି ଦିନ ଧରି ଜମି ରହିଥିଲା । ତେଣୁ ଅନେକ ସ୍ଥାନରେ ଧାନ ଗଛ ପଚି ଯାଇଥିବା ଜଣାପଡିଛି । ଏହାକୁ ଆଖିଆଗରେ ରଖି କୃଷି ବିଭାଗ କ୍ଷେତ୍ର ପରିଦର୍ଶନ କରିବା ସହିତ କ୍ଷୟକ୍ଷତି ଆକଳନ କରି ଜିଲ୍ଲା ପ୍ରଶାସନକୁ ତଥ୍ୟ ପ୍ରଦାନ କରିଛି । ମିଳିଥିବା ସୂଚନା ଅନୁଯାୟୀ ବ୍ଲକର ରହଣିଆ, କେଶପୁର, ବିରୋଳି, ବିନ୍ଧାଣ, ଷୋଳମପୁର, ଦେଉଳପଦୀ, ବରାହ ନୂଆପଡା, ନୌରଙ୍ଗପୁର, ମାଳଦା, ମଣିନାଥପୁର, ମୁଢ଼ାପଦା ଗ୍ରାମ ଅଧିନସ୍ଥ ଚାଷ ଜମିରେ ଚାଷ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ଦିଆଯାଇଛି । ସେହିଭଳି ଚତୁର୍ଭୁଜପୁର, ଜଳହରି, ରାମପୁର, ମହିଷାଗଡିଆ, ରଘୁନାଥପୁର, କଟିଂ, ଯାନଗଡିଆ, ସଠଗାଁ, ଦୋଳଗୋବିନ୍ଦପୁର ରାଜସ୍ୱ ଗ୍ରାମ ଅଧିନସ୍ଥ ଚାଷ ଜମି ଗୁଡିକ ବନ୍ୟା ପ୍ରଭାବିତ ହୋଇଥିବା କୁହାଯାଇଛି । ବ୍ଲକ କୃଷି ବିଭାଗ ପକ୍ଷରୁ ଚଳିତ ବନ୍ୟାରେ ୪୧୦ ହେକ୍ଟର ଜମି ପ୍ରଭାବିତ ହୋଇଥିବା ସୂଚନା ଦିଆଯାଇଛି । ସେହିଭଳି ୮ ହେକ୍ଟର ପନିପରିବା ଚାଷ ମଧ୍ୟ ବୈତରଣୀ ବନ୍ୟା ଯୋଗୁ କ୍ଷତି ଗ୍ରସ୍ତ ହୋଇଥିବା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି । କ୍ଷୟକ୍ଷତି ଆକଳନ ପରେ ଏବେ ଚାଷୀ ମାନେ ସରକାରୀ ଅନୁକମ୍ପା ମୂଳକ ସହାୟତା ପାଇବକୁ ଅପେକ୍ଷା କରି ରହିଛନ୍ତି ।

# ପଠାଣୀ ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ



ଭଣ୍ଡାରିପୋଖରୀ/ ବାରିକପୁର, ୧।୯ (ସମିସ): ୩ ବର୍ଷ ପରେ ପଠାଣୀ ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଭଣ୍ଡାରିପୋଖରୀ ବ୍ଲକସ୍ତରରେ ମତାବାଜଶାସନ ଉପ୍ରା ବିଦ୍ୟାଳୟ ଛାତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ୮୭.୫% ନମ୍ବର ହାସଲ କରି ବ୍ଲକସ୍ତରରେ ପ୍ରଥମ ହୋଇଛନ୍ତି । ସେହିପରି ଯଶୋଟିକିରି ସୁବର୍ଣ୍ଣମୁଖି ଉଚ୍ଚ ବିଦ୍ୟାଳୟ ଛାତ୍ର ସୂର୍ଯ୍ୟପ୍ରସାଦ ମହାଳିକ ୭୫% ନମ୍ବର ସହ ଦ୍ୱିତୀୟ ସ୍ଥାନ, ସରପଦା ବିଦ୍ୟାମନ୍ଦିର ଛାତ୍ର ଚିରଞ୍ଜିବୀ ନାୟକ ୭୫ % ନମ୍ବର ସହ ତୃତୀୟ ଓ ସେହି ବିଦ୍ୟାଳୟ ଛାତ୍ର ଗୌତମ ସାହୁ ୭୨.୫% ନମ୍ବର ସହ ଚତୁର୍ଥ, ମଞ୍ଜୁରୀରୋଡ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଅମରଜିତ ବିଶ୍ୱାଳ ୭୨.୫% ନମ୍ବର ସହ ପଞ୍ଚମ, ସରସଦା ନୋଡାଲ ହାଇସ୍କୁଲ ଛାତ୍ରୀ ଦେବସ୍ମୀତା ଶେଣ୍ଠ ୭୦% ନମ୍ବ ସହ ଷଷ୍ଠ, ବଡବନସ୍ତା ଉପ୍ରା ବିଦ୍ୟାଳୟ ଛାତ୍ର ଦୟାଶଙ୍କର ସାହୁ ୬୭.୫% ନମ୍ବର ସହ ସପ୍ତମ, ରହଣିଆ ନୋଡାଲ ହାଇସ୍କୁଲ ଚାତ୍ର ସତ୍ୟରଞ୍ଜନ ଦାସ ୬୫% ନମ୍ବର ସହ ଅଷ୍ଟମ, ଯୋରାଗଡିଆ ଉପ୍ରା ବିଦ୍ୟାଳୟ ଛାତ୍ର ପ୍ରମୋଦ କୁମାର ନାୟକ ୬୨.୫% ନମ୍ବର ସହ ନବମ ଓ ମଞ୍ଜୁରୀରୋଡ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଶୁଭ୍ରାଂଶୁ ଶେକର ଜେନା ୬୦% ନମ୍ବର ସହ ଦଶମ ସ୍ଥାନ ହାସଲ କରିଛନ୍ତି । ଏବେ ସେମାନଙ୍କୁ ମେଧାବୃତ୍ତି ଅର୍ଥ ପ୍ରଦାନ ପାଇଁ ବହୁ ବିଳମ୍ବରେ ସରକାରୀ ପଦକ୍ଷେପ ଗ୍ରହଣ କରାଯାଇଛି । ବ୍ଲକସ୍ତରରେ ପ୍ରଥମ ହୋଇଥିବା ମତାବାଜଶାସନ ଉପ୍ରା ବିଦ୍ୟାଳୟ ଛାତ୍ରୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କୁ ସୋମବାର ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି ।

**ଗଣେଶ ଭସାଣି ଉତ୍ସବରେ ଜିଲ୍ଲାପାଳ ନିର୍ଦ୍ଦେଶକୁ ଅବମାନନା**

# ଛାତି ଥରାଇଲା ଡିଜେ; ଲୋକେ ଅତିଷ୍ଠ

ଅସୁରାଳି, ୧।୯ (ସମିସ):



ଧୂଷୁରୀ ଅଞ୍ଚଳରେ ଚଳିତ ବର୍ଷ ବହୁ ଆଡ଼ମ୍ବରରେ ବିଭିନ୍ନ ସ୍ଥାନରେ ଶ୍ରୀଗଣେଶ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଗଣେଶ ପୂଜାରେ ବହୁ ଆଡମ୍ବରପୂର୍ଣ ଭସାଣି ଶୋଭାଯାତ୍ରା ସମସ୍ତଙ୍କୁ ଚକିତ କରିଛି। ଧୂଷୁରୀ, କୋଠାର, ଅସୁରାଳି, ବେତାଳିଗାଁ ଆଦି ସ୍ଥାନରେ ବ୍ୟୟବହୁଳ ଶୋଭାଯାତ୍ରା ଆୟୋଜନ କରାଯାଇ କିଛି ଉନ୍ନତ ଯୁବଗୋଷ୍ଠୀ ଆନନ୍ଦ ଉପଭୋଗ କରୁଥିବା ବେଳେ ପ୍ରଭାବ ପକାଇଛି। ଏହାକୁ ନେଇ ଅସନ୍ତୋଷ ଦେଖା ଦେଇଛି। ପୂଜା ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଯେଭଳି ଭାବରେ ଶବ୍ଦ ଓ ପରିବେଶ ପ୍ରଦୂଷଣ କରାଯାଉଛି ସେଥିପ୍ରତି ପ୍ରଶାସନର ଟିକିଏ ବି ଦୃଷ୍ଟିନାହିଁ। ଧାମନଗରରେ ଡିଜେ ବାଜାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବା ବେଳେ କାହା ପରାମର୍ଶ ଏବଂ କାହା ଅନୁମତିରେ ବିଭିନ୍ନ ଅନୁଷ୍ଠାନ ରାଜ୍ୟର ନାମୀଦାମୀ ଡିଜେ ବାଜା ସହିତ ସୁଦୂର କଲିକତା, ଖଡଗପୁର, ପୁରୀ, ପିପିଲି, ଭୁବନେଶ୍ୱର ଆଦି ସ୍ଥାନରୁ ଲକ୍ଷ ଲକ୍ଷ ଟଙ୍କା ଦେଇ ନିଜ ଭିତରେ ପ୍ରତିଯୋଗୀ ମନୋଭାବ ଅତି ଉତ୍କଟ ଶବ୍ଦ ସୃଷ୍ଟି କରାଗଲା ସେ ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏପରିକି ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଭୟଙ୍କର ଶବ୍ଦ ପ୍ରଦୂଷଣକାରୀ ଡିଜେ ଆଣିଶୋଭା ଯାତ୍ରାରେ ବ୍ୟବହାର କରୁଥିଲେ। ଅସୁରାଳିରେ ଗୋଟିଏ ଦିନରେ ୧୨ଟି ଡିଜେ ସହ ଶୋଭାଯାତ୍ରୀ କରାଯାଇଥିଲା। ଏଭଳି ଶବ୍ଦ ହେଲା ଯେ ଦୋକାନରେ ଲୋକେ ବସିପାରିଲେ ନାହିଁ ଓ ଦୋକାନ ସାମଗ୍ରୀ ଏହି ଉତ୍କଟ କମ୍ପନ ସୃଷ୍ଟି କରୁଥିବା ଡିଜେ ଶବ୍ଦରେ ଥାକ ଉପରୁ ଜିନିଷ ତଳକୁ ଖସି ପଡୁଥିଲା। ଗରାଖ ଦୋକାନୀଙ୍କୁ କିଛି କହିବା କିମ୍ବା ଶୁଣିବା ସମ୍ଭବ ହେଇ ନଥିଲା ଓ ଅସାମାଜିକ ମଦ୍ୟପ ଗୋଷ୍ଠୀ ଏହି ବାଜାର ତାଳେ ତାଳେ ନୃତ୍ୟ କରି ରାସ୍ତା ଅବରୋଧ କରିବାକୁ ମଧ ପଛାଇ ନ ଥିଲେ। ରାସ୍ତାରେ ଗାଡି ମୋଟର ଚଳାଚଳ ବନ୍ଦ ହୋଇଯାଇଥିଲା। ଏହାକୁ ପ୍ରତିବାଦ କରିବାକୁ କାହାରି ପାଖରେ ସାହସ ନଥିଲା। କାରଣ ସେମାନେ ଏତେ ମାତ୍ରାରେ ଉତ୍ସାହିତ ଥିଲେ ଯେକୌଣସି ଅଘଟଣ ଘଟାଇବାକୁ ପଛାଇବେ ନାହିଁ। ବିଶେଷ କରି ହୃଦ୍‌ରୋଗୀ, ଉଚ୍ଚ ରକ୍ତଚାପ ରୋଗୀ, ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ ସମସ୍ତେ ଏହାର କୁପ୍ରଭାବର ଶିକାର ହୋଇଥିଲେ ଛାତିଥରା ଶବ୍ଦରେ ସବୁଠି କମ୍ପନ ସୃଷ୍ଟି ହେଉଥିଲା ଓ ପୁଲିସ ପ୍ରଶାସନ ଏମାନଙ୍କୁ କେମିତି ଅନୁମତି ପ୍ରଦାନ କଲା, ପୁଣି ଗୋଟିଏ ଦିନରେ ଗୋଟିଏ ସ୍ଥାନରେ ୧୨ଟି ଲେଖାଏଁ ଡିଜେ ବାଜିଲା ସେ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି କରୁଛି। ଧାମନଗର ଓ ଧୂଷୁରୀ ପୁଲିସ ଶବ୍ଦ ପ୍ରଦୂଷଣ ଓ ଶାନ୍ତି ରକ୍ଷା କରିବା ଦାୟିତ୍ୱରେ ନଥିବା ଭଳି ପରିସ୍ଥିତିରୁ ଜଣାଗଲା। ତେଣୁ ଡିଜେକୁ ବ୍ୟାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ଜବରଦଖଲକାରୀଙ୍କ କବ୍‌ଜାରେ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ

ଦୋବଲ,୧।୯ (ସମିସ): ଧାମନଗର-ଦୋବଲ ରାସ୍ତାର ମୁସ୍ତଫାପୁର ଘୋଡ଼ଗଣ୍ଡ ନାଳ ପାଖରେ ପ୍ରସ୍ତାବିତ ଦୋବଲ ବସ୍‌ଷ୍ଟାଣ୍ଡ ଏବେ ଜବରଦଖଲକାରୀଙ୍କ କବଜାରେ। ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ରହିଥିବା ୨.୫ ଏକର ଜମିକୁ ଜଣକ ପରେ ଜଣେ କବଜା କରି ଦୋକାନ କରିଲେଣି। ପାଖରେ ମଦ ଦୋକାନ ଥିବାରୁ ଏହି ଜାଗାରେ ଚାଖଣା ଦୋକାନ, ପାନ ଦୋକାନ ଓ ପ୍ୟାକେଟ ଫୁଡ୍ ଦୋକାନ ସବୁ ଗଢ଼ି ଉଠିଲାଣି। ତା' ସହ ମାଟି ପଡ଼ି ପାଚେରି ହୋଇଥିବାରୁ ସେହି ପାଚେରି କଡ଼ ଏବେ ମୁକ୍ତାକାଶ ବାର୍ ହୋଇଗଲାଣି। ନିଶାଡ଼ିମାନେ ମଦ ଦୋକାନରୁ ମଦ ଆଣି ଏହି ପାଚେରି କଡ଼ରେ ପିଉଥିବା ଦେଖିବାକୁ ମିଳିଛି। ଦୋବଲ ସମେତ ୮ଟି ପଞ୍ଚାୟତ, ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଭଣ୍ଡାରିପୋଖରୀ ଅଞ୍ଚଳର କିଛି ପଞ୍ଚରୟତର ଲୋକ ଦୋବଲ ବସଷ୍ଟାଣ୍ଡ ଉପରେ ନିର୍ଭର କରନ୍ତି। ଏହିଠାରୁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝରର ଘଟଗାଁକୁ ଯିବା ଆସିବା କରିଥାନ୍ତି। ହେଲେ ଷ୍ଟେଟ ବ୍ୟାଙ୍କ ସାମ୍ନାରେ ଥିବା ବସଷ୍ଟାଣ୍ଡଟି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଏହାସହ ସ୍ଥାନୀୟ ଲୋକେ ଜବରଦଖଲ କରି ନେଇଥିଲେ। ଏଣୁ ଏଠାରେ ଜବରଦଖଲ କରି ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା। ଭଦ୍ରକ ଜିଲ୍ଲା ପ୍ରଶାସନର ସୁପାରିସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଡ଼ାଗଣ୍ଡ ନାଳ



ନିକଟରେ ୟୁନାନୀ ମେଡିକାଲକୁ ଲାଗି ନୂଆ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତି ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୨ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ବସ୍‌ଷ୍ଟାଣ୍ଡ ପାଇଁ ୫ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଆଉ ୨୦୨୩ ଅଗଷ୍ଟ ୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହି ଅନୁସାରେ ରାଜ୍ୟ ସରକାର ଟେଣ୍ଡର ଆହ୍ୱାନ କରିଥିଲେ। ଠିକାଦାର କାମ ଆରମ୍ଭ କରିଥିଲା। ହେଲେ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ଜାଗା ସମତୁଲ କରି ବାଉଣ୍ଡରି ୱାଲ୍ ବା ସୁରକ୍ଷା ପ୍ରାଚୀର କରାଯିବା ଭିତରେ ରାଜ୍ୟରେ ସରକାର ବଦଳିଥିଲା। ଏଠାରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ କିଛି ଲୋକ ବିରୋଧ କରିଥିଲେ। ଏ ସ୍ଥାନ ବଦଳରେ ପୁରୁଣା ବସଷ୍ଟାଣ୍ଡ ଜାଗାରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କାମ ବନ୍ଦ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଶାସନର ନିର୍ଦ୍ଦେଶ ପରେ ଠିକାଦାର କାମ ବନ୍ଦ କରିଥିଲେ। ଆଉ ପ୍ରକଳ୍ପ ସ୍ଥଳରେ ଗଦା କରିଥିବା ଲୁହା ରଡ଼, ସିମେଣ୍ଟ, ଚିପ୍ସକୁ ପ୍ରତ୍ୟେକ ଦିନ ଗାଡ଼ି ଲଗାଇ ଉଠାଇ ନେଇଥିଲେ। ଯାହାକୁ ନେଇ ଲୋକଙ୍କ ମନରେ ଆଶଙ୍କା ଦେଖା ଦେଇଥିଲା। ଏବେ ଏହି ଜାଗା ଜବରଦଖଲକାରୀଙ୍କ କବଜାକୁ ଚାଲିଗଲାଣି।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ



କେନ୍ଦୁଝର,୧।୯ ( ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବରେ ସୋମବାର ପୂର୍ବାହ୍ନରେ ଯୋଗ ଦେଇଛନ୍ତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ। ସେ ସୋମବାରଠାରୁ ଡି ଡି ବିଶ୍ୱବିଦ୍ୟାଳୟର ଦାୟିତ୍ୱ ମଧ୍ୟ ନେଇଛନ୍ତି। ସେ ବର୍ତ୍ତମାନ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର କୁଳପତି ଭାବରେ କାର୍ଯ୍ୟଭାର ତୁଲଉଛନ୍ତି । ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ତାଙ୍କୁ ଆଗାମୀ ଛଅମାସ ଅବା ନୂତନ କୁଳପତିଙ୍କ ଯୋଗଦାନ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ରାଜଭବନ ପକ୍ଷରୁ ପ୍ରଦାନ କରାଯାଇଛି। ସେ ଜଣେ ସୁଦକ୍ଷ ଇଞ୍ଜିନିୟର ସହିତ ଜଣେ ପ୍ରତିଷ୍ଠିତ ଏକାଡେମୀସିଆନ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ।

# ଖବର ପ୍ରକାଶ ପରେ ସାର ଦୋକାନ ଉପରେ ଚଢ଼ଉ




ଧାମନଗର,୧।୯ (ସମିସ): ଧାମନଗର ବ୍ଲକ ଓ ସହରାଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ସରକାରୀ ସାରର କଳାବଜାରୀ ବହୁଳ ମାତ୍ରାରେ ବଢିଚାଲିଛି; ଯାହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ଫଳରେ ଚାଷୀ ଧାନ କ୍ଷେତରେ ସାର ପକାଇବା ପାଇଁ ଚଢା ଦରରେ କିଣିବା ପାଇଁ ବାଧ ହେଉଛି । ଏହି ସମସ୍ୟା ସୃଷ୍ଟି ତଥା କଳାବଜାରୀ ବିକ୍ରିକୁ ନେଇ ଗତ ମାସ ୨୯ରେ ଦୈନିକ ସମ୍ବାଦ ପତ୍ର "ସକାଳ'ରେ ଖବର ପ୍ରକାଶ ପାଇଥିଲା । ବ୍ଲକ ଧାମନଗର ଛକ, ଅସୁରାଳି କୃଷି ଜିଲ୍ଲା ଅଧିକାରିଣୀ ପ୍ରୀତିରେଖା ମାହାଳିକ, ଧାମନଗର ବ୍ଲକ କୃଷି ସହକାରୀ ଅଧିକାରୀ ଦେବାଶିଷ ତ୍ରିପାଠୀ, ସଂଜୀବ କୁମାର ମଲ୍ଲିକ ପ୍ରମୁଖ ବିଭିନ୍ନ ସାର ଓ ବିଶ ଦୋକାନ ଉପରେ ଚଢ଼ଉ କରିଥିଲେ । ଚାଷୀମାନେ କିପରି ସୁଲଭ ମୂଲ୍ୟରେ ସାର ପାଇପାରିବେ ସେଥିପାଇଁ ଦୋକାନଙ୍କୁ ତାଗିଦ କରାଯାଇଛି ବୋଲି ବ୍ଲକ ସହକାରୀ ଅଧିକାରୀ ଶ୍ରୀ ତ୍ରିପାଠୀ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।

# ବ୍ୟାଡ୍‌ମିଣ୍ଟନ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ




ଧାମନଗର,୧।୯ (ସମିସ): ଜିଲ୍ଲା ସଟଲ୍ ଆସୋସିଏସନ ଓ ମା' ଦୁର୍ଗା ଆସୋସିଏସନ ଧାମନଗର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଟୁର୍ଣ୍ଣାମେଣ୍ଟ ଧାମନଗର ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ୨ଦିନ ବ୍ୟାପି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ବିଭିନ୍ନ ବ୍ଲକରୁ ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ସମ୍ମାନିତ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସମ୍ମାନିତ ଅତିଥି ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ବରିଷ୍ଠ ରାଜନେତା ଅରବିନ୍ଦ ପତି, ଶିକ୍ଷାବିତ ମହେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆସୋସିଏସନର ସଭାପତି ମହେଶ ଦାସ, ସମ୍ପାଦକ ସମୀର ଦାସ, ଧାମନଗର ମା' ଦୁର୍ଗା ଆସୋସିଏସନ ସମ୍ପାଦକ ଅଜିତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବିବେକ ଜେନା, ଚାମ୍ପିୟନସିପ କମିଟିର କାର୍ଯ୍ୟକାରୀ ସମ୍ପାଦକ ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ରଞ୍ଜିତ ମଲ୍ଲିକ, ହୃଦାନନ୍ଦ ମହାପାତ୍ର, ବିକାଶ ଗୁପ୍ତା, ଅମର ରାମ, କିଶୋର ଚନ୍ଦ୍ର ନାୟକ, ସୁବ୍ରତ ସାହୁ, ବ୍ୟୋମକେଶ ମହାପାତ୍ର, ଦୟାନିଧି ରାଉତ, ଶୁଭମ ବସନ୍ତରାୟ, ସ୍ମୃତିରଞ୍ଜନ ବାରିକ,ସେକ ଅଫତାର (ଅଫୋ) ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବ୍ୟୋମକେଶ ମହାପାତ୍ର ଉତ୍ସବକୁ ସଂଯୋଜନା କରିଥିବା ବେଳେ ଶିକ୍ଷକ ମନ୍ମଥ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

# ବାସୁଦେବପୁରରେ ସ୍ୱାୟତ୍ତ ଶାସନ ଦିବସ

ବାସୁଦେବପୁର,୧।୯ (ସମିସ):



ବିକାଶକୁ ନେଇ ରାଜନୀତି ନହେଉ । ବିକାଶକୁ ନେଇ ଅର୍ଥର ଅଭାବ ରହିବ ନାହିଁ। ବିକାଶକୁ ନେଇ ରାଜନିତି କଲେ ହେବ ନାହିଁ। ମିଳିମିଶି କାମ କଲେ ବିକାଶ ଆଗକୁ ଯିବ ଓ ଲୋକମାନଙ୍କ ପାଖରେ ସୁଫଳ ପହଞ୍ଚି ବୋଲି ବାସୁଦେବପୁର ନୀଳମଣୀ ଟାଉନହଲରେ ପୌରପାଳିକାର ପକ୍ଷରୁ ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ସନ୍ଧ୍ୟାର ଆୟୋଜିତ ସଭାର ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲାପାଳ ଦିଲୀପ ରାଉତରାଏ, ପୌରାଧକ୍ଷା ନିବେଦିତା ବେହେରା, ଉପାଧକ୍ଷ ଉତମ କୁମାର ବାରିକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଯୋଗ ଦେଇ ଉଦବୋଧନ ଦେଇଥିଲେ। ପୌରପାଳିକାର ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଭାରେ ସ୍ୱେତାଳିନା ଦାସ ସଂଯୋଜନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ରାଜ୍ୟସ୍ତରୀୟ ଦେଶ୍ କରମ୍ ପରବ୍ ଉଦ୍‌ଘାଟିତ

# କୁଡୁମାଲି ନୃତ୍ୟରେ ଦୁଲୁକିଲା କରମ୍ ପଡ଼ିଆ

ବୈଶିଙ୍ଗା, ୧।୯ (ସମିସ):



ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ସୁରେଇଡିହିଠାରେ ଦେଶ୍ କରମ୍ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କୁଡୁମାଲି ଦେଶ୍ କରମ୍ ପରବ୍ ସୋମବାର ଉଦଘାଟିତ ହୋଇଯାଇଛି। ଚାକୁ ଣ୍ଡାପଦା ଶିବମନ୍ଦିର ନିକଟରେ ଥିବା ଜଳାଶୟରୁ ବାଲିଉଠାରୁ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ପାରମ୍ପରିକ ୪ ବିଶାଳ ପଟୁଆରରେ ପାଟବସ୍ତ୍ର ପରିଧାନ କରି କୁଡୁମାଲି ସମ୍ପ୍ରଦାୟର ଲୋକେ ପାରମ୍ପରିକ ନୃତ୍ୟବାଦ୍ୟର ତାଳେତାଳେ ନାଚିଥିଲେ। ପ୍ରାୟ ଦେଢ ହଜାରରୁ ଊର୍ଦ୍ଧ୍ୱ ମହିଳା ଚାକୁଣ୍ଡାପଦା ଶିବମନ୍ଦିରସ୍ଥିତ ସ୍ଥିତ ଜଳାଶୟରୁ ବାଲି ଉଠାଇ ସୁରେଇଡିହି କରମ୍ ପଡିଆରେ ପହଞ୍ଚିଥିଲେ। ଶନିବାର ବାଲିଉଠା ବିଧା ସମ୍ପାଦନ ସାଙ୍ଗକୁ ଜାୱାବେଢା ଓ ଝୁମର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ରବିବାର ଏବଂ ସୋମବାର ଅନୁରୂପ ଭାବେ ଆୟୋଜକ କମିଟି ପକ୍ଷରୁ ଜାୱାବେଢା ଓ ଝୁମର କାର୍ଯ୍ୟକ୍ରମ କ୍ରମ ହେବାନେଇ କାର୍ଯ୍ୟସୂଚୀ ଚୂଡାନ୍ତ ହୋଇଛି। କ୍ରିୟାନୁଷ୍ଠାନ କମିଟିର ସଭାପତି ସୁକାନ୍ତ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପଦେଷ୍ଟା ଅଧ୍ୟାପକ ଦୀପ୍ତିପ୍ରକାଶ ମହାନ୍ତ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ରତିକାନ୍ତ ମହାନ୍ତ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ବୀ ବିଷ୍ଣୁ ବିଭୂପ୍ରସାଦ ଦାସ, ସମ୍ମାନିତ ନିତ ଅତିଥି ଭାବେ ଛୋ ଖଟେଲାଲ ମହାନ୍ତ, ବେ ବତନଟୀ ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ଗତି କୃଷ୍ଣକୃଷ୍ଣ ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷା କ୍ଷକ ପୁରେନ୍ଦ୍ରନାଥ ମହାନ୍ତ, ବାଲିଉଠା, ଜାୱାବେଢ଼ାରେ ଦେଢ଼ ହଜାର ମହିଳା ସାମିଲ ଥିଲେ। ଶିକ୍ଷକ ରତିକାନ୍ତ ମହାନ୍ତ, ପୂଜକ ଜେଠମଲ ମହାନ୍ତ, ଶିକ୍ଷାବିତ ତପନ କୁମାର ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ପାଞ୍ଚଦିନବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ପେଡୋଶୀ ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡ ଅଞ୍ଚଳର କୁଡୁମାଲି ସମ୍ପ୍ରଦାୟର ହଜାରହଜାର ଲୋକଙ୍କ ସମାଗମ ହୋଇଥିଲା। କମିଟିର ସମ୍ପାଦକ ରବୀନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ଶତ୍ରୁଘ୍ନ ମହାତ, ଜାଓ୍ୱାକମିଟି ନେତ୍ରୀ କ୍ଷଣପ୍ରଭା ମହାନ୍ତ, ସମ୍ପାଦିକା ସୁଲୋଚନା ମହାନ୍ତ, ସଦସ୍ୟ ରଞ୍ଜନ ମହାନ୍ତ, ମୋବାଶିଷ ମହାନ୍ତ, ଦୀପକ ମହାନ୍ତ, ବୁଲୁ ମହାନ୍ତ, ଡମ୍ବରୁଧର ମହାନ୍ତ ପ୍ରମୁଖ ପରିଚାଳନା କରୁଛନ୍ତି।

## ଯୁବକଙ୍କ ମୃତଦେହ ଉଦ୍ଧାର

ବାରିପଦା, ୧।୯ (ସମିସ): ଚାନ୍ଦୁଆ ଥାନା ଅନ୍ତର୍ଗତ ହାତୀମଡ଼ା ଗ୍ରାମରୁ ଜଣେ ଯୁବକଙ୍କ ସନ୍ଦେହ ଜନକ ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ବିଲୁଆ ନାଏକ। ସୋମବାର ସକାଳୁ ଘର ପଛ ପଟୁ ତାଙ୍କର ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକମାନେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଥିଲା। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡିନଥିବା ବେଳେ ଯୁବକଙ୍କ ଅତ୍ୟଧିକ ମଦ୍ୟପାନ ପାଇଁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଅଧାରୁ ପାଠ ଛାଡିଥିବା ଭିନ୍ନକ୍ଷମ ଛାତ୍ରୀଙ୍କ ନାମ ଲେଖାଇଲେ ସ୍ୱେଚ୍ଛାସେବୀ



ଠାକୁରମୁଣ୍ଡା, ୧।୯ (ସମିସ): ଠାକୁରମୁଣ୍ଡା ବ୍ଲକ ଭରାଣ୍ଡିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଉଁଶଡ଼ିହା ଗ୍ରାମର ଟିରୁ ବଂସୁଳିଆଙ୍କ ଭିନ୍ନକ୍ଷମ ଝିଅ ସୁଭଦ୍ରା ବଂସୁଳିଆ ଅଧାରୁ ପାଠ ଛାଡିଥିବା ଖବର ଶୁଣିବା ପରେ ଭରାଣ୍ଡିଆ କ୍ଲଷ୍ଟର ସିଆରସିସି ସୁଶାନ୍ତ ସେଠୀଙ୍କ ସହଯୋଗ କ୍ରମେ ସିଡବ୍ଲ୍ୟୁଏସଏନ-ଆରପିର ସ୍ୱେଚ୍ଛାସେବୀ ପଙ୍କଜିନୀ ମହାରଣା ମିରିଗୀମୁଣ୍ଡି ପଞ୍ଚସଖା ହାଇସ୍କୁଲରେ ନାମ ଲେଖାଇଛନ୍ତି। ଫଳରେ ତାଙ୍କ ପରିବାର ସହ ପଡୋଶୀ ବହୁତ ଖୁସି ବ୍ୟକ୍ତ କରିଛନ୍ତି।

## ଯୋଗ ପ୍ରତିଯୋଗିତାରେ ବିବେକାନନ୍ଦ ସ୍କୁଲର ସଫଳତା

କରଞ୍ଜିଆ, ୧।୯ (ସମିସ): କରଞ୍ଜିଆ ସହରରେ ଥିବା ବିବେକାନନ୍ଦ ପବ୍ଲିକ ସ୍କୁଲର ୬ ଜଣ ଛାତ୍ର ମହାରାଷ୍ଟ୍ରର ନାଗପୁରଠାରେ ଅନୁଷ୍ଠିତ ସର୍ବଭାରତୀୟ ଯୋଗ ପ୍ରତିଯୋଗିତାରେ ୬ଟି




ପଦକ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ ପକ୍ଷରୁଆୟୋଜିତ ସର୍ବଭାରତ ପ୍ରତିଯୋଗିତାରେ ବିବେକାନନ୍ଦ ପବ୍ଲିକ ସ୍କୁଲର ଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଶ୍ରୀୟମ ଦାସ ଓ ଫାଲ୍ଗୁନୀ ମହାନ୍ତ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ସୌମ୍ୟଜିତ ମହାନ୍ତ ଓ ଜ୍ଞାନେଶ୍ୱର ସାହୁ କାଂସ୍ୟ ପଦକ ପାଇଛନ୍ତି। ସେହିପରି ଦିବ୍ୟଜ୍ୟୋତି ମହାନ୍ତ ଓ ଶଶାଙ୍କ ଶେଖର ଟୁଡୁ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ସୌମ୍ୟଜିତ ମହାନ୍ତ ଓ ଫାଲ୍ଗୁନୀ ମହାନ୍ତ ଦୁବାଇଠାରେ ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତିକ ଯୋଗ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। ବିବେକାନ୍ଦ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଅଧକ୍ଷ ବିଷ୍ଣୁକୁମାର ଅଗ୍ରୱାଲ ଓ ସାହିଲ ରସିଦଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣରେ ଏହି ସଫଳତା ମିଳିଛି। ସୂଚନାଯୋଗ୍ୟ ଯେ, ଏହି ପ୍ରତିଯୋଗିତା ଗତ ୨୯, ୩୦, ୩୧ ତାରିଖରେ ଅନୁଷ୍ଠିତ ହୋଇଥିଲା।

## ଯୁଗ୍ମ ଜନଶୁଣାଣି ଶିବିରରେ ୨୩୮ ଟି ଅଭିଯୋଗ



ବାରିପଦା, ୧।୯ (ସମିସ): ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ସୋମବାର ବାରିପଦା ଉପଖଣ୍ଡର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୨୩୮ ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ତନ୍ମଧ୍ୟରୁ ୨୦୨ଟି ବ୍ୟକ୍ତିଗତ ଥିବାବେଳେ ୩୬ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୧୩ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୭ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୫ ହଜାର ଟଙ୍କା ଏବଂ ୩ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୫ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲ୍ଲାପାଳଙ୍କ ସହିତ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

■ ଭାଗବତ ଟୁଙ୍ଗି ବାରଣ୍ଡାରେ ଦିନ କାଟୁଛନ୍ତି ଦୀନବନ୍ଧୁ

## ଘସିପୁରା ବ୍ଲକ୍ ପ୍ରଶାସନ ବେଫିକର



ଆନନ୍ଦପୁର,୧।୯ (ସମିସ): ଘସିପୁରା ବ୍ଲକ୍ ଦରଦିପାଳ ପଞ୍ଚାୟତର ଜଳସୁଆଁ ଗ୍ରାମର ଟଙ୍କଧର ସାହୁଙ୍କ ଦିନ କଟୁଛି ଗାଁର ଭାଗବତ ଟୁଙ୍ଗି ବାରଣ୍ଡାରେ। ଦୁଇବର୍ଷ ତଳେ ତାଙ୍କ ପତ୍ନୀଙ୍କ ମୃତ୍ୟୁହେବାପରେ ଆଉ ତାଙ୍କର କେହି ନାହାନ୍ତି। ରହିବାକୁ ଘର ମଧ୍ୟ ନାହିଁ। ରାସନ କାର୍ଡ ନାହିଁ କି ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ। ଅସହାୟ ହୋଇ ସରପଞ୍ଚ ପଞ୍ଚାୟତ ଅଧିକାରୀ ଓ ବ୍ଲକ ଦପ୍ତରରେ ପହଞ୍ଚି ଥିଲେବି ତାଙ୍କ ଦୁଃଖ ଲାଘବ ହୋଇନାହିଁ। ପ୍ରଶାସନ ପକ୍ଷରୁ ଅସହାୟ ଓ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ସରକାରୀ ନିର୍ଦ୍ଦେଶ ଥିବାବେଳେ ଘସିପୁରା ବ୍ଲକ୍‌ରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ବେସାହାରେ ହୋଇପଡିଥିବା ଟଙ୍କଧର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମଠ ମନ୍ଦିର ବିଦ୍ୟାଳୟ ପରିଶର ସଫା ସୁତୁରା କରି ସେ ଅଞ୍ଚଳ ପାଇଁ ଉଦାହରଣ ପାଲଟିଛନ୍ତି। ତେବେ ବ୍ଲକ ପ୍ରଶାସନ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି କି ବୋଲି ସମାଜସେବୀ ସଞ୍ଜୟ ଜେନା ପ୍ରଶ୍ନ ଉଠାଇଛନ୍ତି।

## ଅବସରପ୍ରାପ୍ତ ସୈନିକ ସଂଘର ବୈଠକରେ ସ୍ମୃତିସ୍ତମ୍ଭ ନିର୍ମାଣ ନିଷ୍ପତ୍ତି

ବୈଶିଙ୍ଗା, ୧।୯ (ସମିସ): ବେତନଟୀ ବ୍ଲକ ଅବସରପ୍ରାପ୍ତ ସୈନିକସଂଘ ପକ୍ଷରୁ ଏକ ବୈଠକ ଏକଠି-୮ ୯ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଛି। ସଂଘର ବେତନଟୀ ବ୍ଲକ ସଭାପତି ଦୈତାରୀ ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ନରହରି ବିଶ୍ୱାଳଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ବେତନଟୀ ବ୍ଲକ ଅବସରପ୍ରାପ୍ତ ସୈନିକ ସଂଘକୁ ଅଧିକ ସୁସଂଗଠିତ, ସୁବ୍ୟବସ୍ଥିତ ତଥା କ୍ରିୟାଶୀଳ କରିବା ଉପରେ ଆଲୋଚନା କରାଯାଇଥିଲା। ସେନା ବାହିନୀରେ ଦୀର୍ଘବର୍ଷର ଚାକିରିରୁ ଅବସର ଗ୍ରହଣ କରୁଥିବା ଅଧିକାରୀ ଏବଂ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ସଂଘର ଆଭିମୁଖ୍ୟ, କାର୍ଯ୍ୟଧାରାକୁ ନେଇ ସମୀକ୍ଷା କରାଯାଇଥିଲା। ଭାରତୀୟ ପ୍ରତିରକ୍ଷା ବିଭାଗର ପଦାତିକ, ବାୟୁସେନା ଏବଂ ନେଭିରେ ଦୀର୍ଘବର୍ଷର ଚାକିରି ପରେ ଅବସର ଗ୍ରହଣ କରିଥିବା ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ଦେଶମାତୃକାର ସେବାରେ ଜୀବନକୁ ଉତ୍ସର୍ଗ କରି ସହିଦ ହୋଇଥିବା ତଥା ଅବସରପରେ ଇହଧାମ ତ୍ୟାଗ କରିଥିବା ଦିବଂଗତଙ୍କ ସ୍ମୃତି ଉଦ୍ଦେଶ୍ୟରେ ବେତନଟୀଠାରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହେବା ସହିତ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ନେଇ ସହମତି ପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ କୁମାର ମିଶ୍ର, ରାଜାରାମ ସିଂ, ଅକ୍ଷୟ କୁମାର ରାୟ, ଫକଲ ହାଁସଦା, ବିକାଶ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ; ୪ ଗିରଫ

ଚମ୍ପୁଆ,୧।୯ (ସମିସ): ଗଞ୍ଜେଇ ଚୋରା ଚାଲାଣ ବେଳେ ଚମ୍ପୁଆ ପୁଲିସ ମଙ୍ଗପୁର ରାସ୍ତାର ଶଙ୍କରପୁର ନିକଟରୁ ୪ ଜଣକୁ ଧରିବାରେ ସଫଳ ହୋଇଛି। ମିଳିଥିବା ସୂଚନା ଅନୁସାରେ ସୋମବାର ସକାଳେ ଚମ୍ପୁଆ ପୁଲିସ ସବ୍‌ଇନ୍ସପେକ୍ଟର ନିତେଶ କୁମାର ବେହେରା ଓ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ଯୁବକକୁ ସନ୍ଦେହଜନକ ଭାବେ ଅଟକାଇଥିଲେ। ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତଲାଶି କରିବାରୁ ତାଙ୍କ ନିକଟରୁ ଏକ ପ୍ଲାଷ୍ଟିକ ବ୍ୟାଗରେ ୫.୩୪୦ କି.ଗ୍ରା. ଗଞ୍ଜେଇ ମିଳିଥିଲା। ମୁଖ୍ୟ ଆସାମୀ ରୁମୁଲି ଗ୍ରାମର ଅଜୟ କୁମାର ସାହୁ (୩୮) ଏହି ଗଞ୍ଜେଇ ବ୍ୟବସାୟରେ ଲିପ୍ତ ଥିଲାବେଳେ ଏମାନଙ୍କୁ ସହାୟତା କରୁଥିବା ଚମ୍ପୁଆ ବାରିକ ସାହିର ଉଦିପ ରାମ, ଟୁଣ୍ଟୁଣା ଗ୍ରାମର ସତ୍ୟାନନ୍ଦ ନାଏକ। ସେହିପରି ରିମୁଳି ଗ୍ରାମର ମାନସ କୁମାର ରାଉତ, ଅଜୟ ସାହୁଙ୍କ ନିକଟରୁ ଗୋଟିଏ ବାଇକ୍ ଓ ୫.୩୪୦ କି.ଗ୍ରା ଗଞ୍ଜେଇ ଏବଂ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଚମ୍ପୁଆ ଥାନାରେ ମାମଲା ରୁଜୁକରି ଆସାମୀ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବୈଶିଙ୍ଗାକୁ ବ୍ଲକ୍ ମାନ୍ୟତା ଦାବିରେ ସର୍ବଦଳୀୟ ବୈଠକ




ବୈଶିଙ୍ଗା, ୧।୯ (ସମିସ): ବୈଶିଙ୍ଗାକୁ ବ୍ଲକ୍ ମାନ୍ୟତା ପ୍ରଦାନ ଦାବିରେ ବୈଶିଙ୍ଗା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବରିଷ୍ଠ ସଦସ୍ୟ ବିବେକାନନ୍ଦ ପଣ୍ଡାଙ୍କ ଆବାହକତ୍ୱରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଶିଙ୍ଗା ସ୍ଥିତ ଆର୍‌ଏମସି ଗେଷ୍ଟ ହାଉସ୍ ପରିସରରେ ଆୟୋଜତ ବୈଠକରେ ବ୍ଲକ୍ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସରକାରୀସ୍ତରରେ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ପ୍ରସ୍ତାବିତ ବୈଶିଙ୍ଗା ବ୍ଲକ୍ ଅଞ୍ଚଳରେ ଥିବା ପଞ୍ଚାୟତଗୁଡ଼ିକ ଉଭୟ ସରକାରୀ ଓ ପ୍ରଶାସନିକସ୍ତରରେ ଅବହେଳିତ ହୋଇରହିଛି। ଏହି ବ୍ଲକ୍ ଅଧୀନ ୨୪ଟି ପଞ୍ଚାୟତ ମଧ୍ୟରୁ ବ୍ଲକ୍ ସଦର ମହକୁମାରୁ ଦୂରରେ ରହୁଥିବା ଅଞ୍ଚଳର ସମସ୍ୟା ଉପରେ କାହାର ନଜର ପଡୁନି। ତେଣୁ ହଜାର ହଜାର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୈଶିଙ୍ଗା ବ୍ଲକ୍ ଗଠନ ପାଇଁ ସରକାରଙ୍କ ଉପରେ ଚାପ ପକାଇବାକୁ ଦଳମତ ନିର୍ବିଶେଷରେ ସହମତି ପ୍ରକାଶ ପାଇଥିଲା। ବୈଠକରେ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ଉପସ୍ଥିତ ରହି ଆଞ୍ଚଳିକ ବିକାଶ ପରିଷଦର ଦାବିକୁ ସମର୍ଥନ କରିବା ସହିତ ଏନେଇ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଏଥିସହ ବୈଶିଙ୍ଗା ବ୍ଲକ୍ ଗଠନ ଦାବି ନିଶ୍ଚିତ ପୂରଣ ହେବ ବୋଲି କହିଥିଲେ। ବୈଠକରେ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ମାଧବୀ ସେନାପତି, ବେତନଟୀ ବ୍ଲକ୍ ବିଜେଡି ସଭାପତି ରାଜୀବ ରଞ୍ଜନ ସେନାପତି, ୩୬ ନଂ ବିଜେପି ମଣ୍ଡଳ ସଭାପତି ରାଜୀବ ନନ୍ଦୀ, ୩୭ ନଂ ବିଜେପି ମଣ୍ଡଳ ସଭାପତି ଶାନ୍ତନୁ କୁମାର ପଣ୍ଡା, ବରିଷ୍ଠ ବିଜେଡି ନେତା ଶ୍ରଭାନ୍ତ ତିଆଡ଼ି, ରବିନାରାୟଣ ପଣ୍ଡା, ବୃନ୍ଦାବନ ଦାସ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ବ୍ରଜମୋହନ ବେହେରା, ସମିତି ସଭ୍ୟ ସବିତା ଦାସ, ଶ୍ରୀଧର ପଣ୍ଡିତ, ସମାଜସେବୀ ପଦ୍ମଲୋଚନ ଦାସ, ବିଜେପି ନେତା ରତିକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାମ୍ବାଦିକ ଦୀପକ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାୟତ୍ତ ଶାସନ ଦିବସ ପାଳିତ



ବଡ଼ବିଲ,୧।୯ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରପାଳିକାରେ ରାଷ୍ଟ୍ରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ବଡ଼ବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବଡ଼ବିଲ ପୌରପାଳିକା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ବଡ଼ବିଲ ପୌର କାର୍ଯାଳୟ ପରିସରରେ ଆୟୋଜିତ ଏ ସାଧାରଣ ସଭାରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ମୁଖ୍ୟ ଅତିଥି, ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଚମ୍ପୁଆ ଉପ-ଜିଲ୍ଲାପାଳ ଉମାକାନ୍ତ ପରିଡା, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଥାନା ଅଧିକାରୀ ଅଶୋକ ନାୟକ, ବଡ଼ବିଲ ପୌର-ଉପାଧ୍ୟକ୍ଷ ସରସ୍ୱତୀ ନାୟକ, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସମସ୍ତ ୧୫ ଟି ୱାର୍ଡକୁ ନେଇ ଏକ ନକ ଆଉଟ ଫୁଟବଲ ଟୁର୍ନାମେଣ୍ଟ ର ବିଜେତା ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ବିଜେତା ୧୨ ନମ୍ବର ୱାର୍ଡ ଓ ଉପ -ବିଜେତା ୯ ନମ୍ବର ୱାର୍ଡ ଖେଳାଳିଙ୍କୁ ପୁରସ୍କୃତ କରାଯିବା ସହିତ କର୍ତ୍ତବ୍ୟନିଷ୍ଠା ପୌର କର୍ମଚାରୀ ଓ ସଫେଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମଣ୍ଟୁ ଛୁରିଆଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ଦର୍ଶକ ମାନେ ଭରପୁର ମଜା ନେଇଥିଲେ।

## ଚମ୍ପୁଆ ସହରକୁ ପଶିଆସିଲେ ହାତୀ

ଚମ୍ପୁଆ,୧।୯ (ସମିସ): ଚମ୍ପୁଆ ବନାଞ୍ଚଳରେ ଗଜରାଜଙ୍କର ଗୁଣ୍ଡାରାଜ ଥମିବାର ନାଁ ନେଉନାହିଁ। ଏହି ରେଞ୍ଜ ଅଧୀନସ୍ଥ ୬ଟି ଯାକ ସେକ୍ସନର ବିଭିନ୍ନ ଗାଁରେ ହାତୀପଲଙ୍କ ଉପଦ୍ରବରେ ଆତଙ୍କିତ ଗ୍ରାମବାସୀ। ରବିବାର ରାତି ୯ ଟା ପରେ ଦୁଇଟି ଦନ୍ତାହାତୀ ଚମ୍ପୁଆ ସହରକୁ ଧସେଇ ପଶି ଆସିଥିଲେ ସୁଦ୍ଧା କୌଣସି କ୍ଷତି କରିନଥିଲେ। ଏହାତୀ ଦ୍ୱୟ ରାମଲା, ୧୧ ନଂ ୱାର୍ଡ, ଫରେଷ୍ଟ ଟ୍ରେନିଂ ସ୍କୁଲ ନିକଟକୁ ଧସେଇ ପଶି ଭୟର ବାତାବରଣ ସୃଷ୍ଟି କରିଥିଲେ। ବନବିଭାଗ ହାତୀ ଦ୍ୱୟଙ୍କୁ ପୁନଃ ମୟୂରଭଞ୍ଜ ଆଡ଼କୁ ଘଉଡ଼ାଇ ଦେଇଥିବା ଜଣାପଡ଼ିଛି।



## ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ



କେନ୍ଦୁଝର,୧।୯ (ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବରେ ସୋମବାର ପୂର୍ବାହ୍ନରେ ଯୋଗ ଦେଇଛନ୍ତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ। ସେ ସୋମବାରଠାରୁ ଡିଡି ବିଶ୍ୱବିଦ୍ୟାଳୟର ଦାୟିତ୍ୱ ମଧ୍ୟ ନେଇଛନ୍ତି। ସେ ବର୍ତ୍ତମାନ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର କୁଳପତି ଭାବରେ କାର୍ଯ୍ୟଭାର ତୁଲଉଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ତାଙ୍କୁ ଆଗାମୀ ଛଅ ମାସ ଅବା ନୂତନ କୁଳପତିଙ୍କ ଯୋଗଦାନ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ରାଜଭବନ ପକ୍ଷରୁ ପ୍ରଦାନ କରାଯାଇଛି। ସେ ଜଣେ ସୁଦକ୍ଷ ଇଞ୍ଜିନିୟର ସହିତ ଜଣେ ପ୍ରତିଷ୍ଠିତ ଏକାଡେମୀସିଆନ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ।

## ରାଇରଙ୍ଗପୁରରେ ଡ୍ରାଇଭର ଦିବସ ପାଳିତ



ରାଇରଙ୍ଗପୁର,୧।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଓଡିଶା ଡ୍ରାଇଭର ସଂଘ ରାଇରଙ୍ଗପୁର ଶାଖା ତରଫରୁ ପ୍ରଥମ ବାର୍ଷିକ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ବାମନଘାଟି ଉପଖଣ୍ଡର ସମସ୍ତ ଡ୍ରାଇଭର ଏକ ବିଶାଳ ବାଇକ୍ ରାଲି ବାହାରି ଜଗନ୍ନାଥ ମନ୍ଦୀରରେ ପହଞ୍ଚିଥିଲେ। ସଂଘ ସଭାପତି ଅମୂଲ୍ୟ ମହାନ୍ତି, ଉପ ସଭାପତି ପିଣ୍ଟୁ ସର୍ଦ୍ଦାର, ସମ୍ପାଦକ ଅଶ୍ୱନୀ ମହାନ୍ତ, ସହ-ସମ୍ପାଦକ ପବନ ଗୋପାଳ, କୋଷାଧକ୍ଷ ଦିଲ୍ଲୀପ କୁମାର ମହାନ୍ତ ଓ ଏମଡି ସଞ୍ଜୟ ପ୍ରମୁଖ ଉପସ୍ଥିତ ଥିଲେ।

## କୁଳିଅଣା ବ୍ଲକ ଆଶାକର୍ମୀଙ୍କୁ ମିଳୁନି ପ୍ରାପ୍ୟ

# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ପ୍ରତିନିଧି

ବାରିପଦା,୧।୯ (ସମିସ):



ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟକରୁଥିବା ଆଶାକର୍ମୀଙ୍କୁ ଚଳିତବର୍ଷର ୮ ମାସ ଏବଂ ୨୦୨୪ର ଦୁଇ ମାସର ପ୍ରାପ୍ୟ ନାହାନ୍ତି। ଫଳରେ ଆଶାକର୍ମୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ନେଇ ପୂର୍ବରୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କୁ ଅଭିଯୋଗ କରିବା ପରେ ମଧ୍ୟ ସମସ୍ୟା ସମାଧାନ ହୋଇନାହିଁ। ଫଳରେ କର୍ମୀମାନେ ବାଧହୋଇ ସୋମବାର ଅନୁଷ୍ଠିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରାପ୍ୟ ମିଳି ନ ଥିବାରୁ ପରିବାର ପ୍ରତିପୋଷଣରେ ସମସ୍ୟା ଉପୁଜୁଥିବାବେଳେ ଦରମା ପ୍ରଦାନ କରୁଥିବା କର୍ମଚାରୀଙ୍କ ମନମାନି ଦିନକୁ ଦିନ ବୃଦ୍ଧି ପାଉଛି। ବ୍ଲକର ବିଭିନ୍ନ ଅଞ୍ଚଳରେ କାମ କରୁଥିବା କବିତା ପ୍ରଧାନ, ଭାରତୀ ଚୌଧୁରୀ, ଭାରତୀ ଦଳେଇ, ଶଙ୍କରୀ ମୁର୍ମୁ, ମନ୍ଦାକିନି ନାଏକ, ସନ୍ଧ୍ୟା ଲାଇସେନ୍, ଆରତୀ ବେହେରା, ପ୍ରମିଳା କିସକୁ, ବାସନ୍ତି ସିଂ, କଳ୍ପନା ଦତ୍ତ, ବିଷ୍ଣୁପ୍ରିୟା ନାଥ, ସୁମିତା ନାଇକ, ସୀତା ସିଂ, ସରସ୍ୱତି ହଂସଦା, ପ୍ରତିଭା ସେଠୀ, ମଧୁସ୍ମିତା ବେହେରା, ଚାନ୍ଦମଣି ମୁର୍ମୁ, ହୀରଣ ହାଁସଦା, ନିନାମଣି ସିଂ, ନିହାରିକା ଦାସ, ଶିବାଦୀ ରଣା, ବାସନ୍ତି ବାରିକ, ସତ୍ୟବତି ବେହେରା ଓ କବିତା ପ୍ରଧାନ ପ୍ରମୁଖ ପ୍ରାପ୍ୟ ମିଳିନଥିବା କହିଛନ୍ତି। ସୂଚନା ମୁତାବକ, ଏହି ସମ୍ପୃକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଏକାଧିକ ଆଶାକର୍ମୀଙ୍କର ୫୨ ହଜାରରୁ ଅଧିକ ଟଙ୍କା ସରକାରଙ୍କ ଉପରେ ବକେୟା ରହୁଛି। ଦାୟିତ୍ୱରେ ଥିବା ବାଡାଙ୍କ ମନମୁଖି ଓ ଦାୟିତ୍ୱ ହୀନତା ପାଇଁ ଆଶାକର୍ମୀଙ୍କ ଆକାଉଣ୍ଟକୁ ପାଇବାକୁ ଥିବା ଅର୍ଥ ଟ୍ରାନ୍ସଫର ନହୋଇ ଜିଲ୍ଲାର ଅନ୍ୟ ଆଶାକର୍ମୀଙ୍କ ଆକାଉଣ୍ଟକୁ ଯାଇଛି। ଅଭିଯୋଗ ପରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ବାଡାଙ୍କ ଦରମାରୁ ପ୍ରତିମାସ ୨ହଜାର ଟଙ୍କା ଲେଖାଏଁ କାଟି ଆଶାକର୍ମୀଙ୍କୁ ଦିଆଯିବ କହିବାରୁ ସମସ୍ତେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତ୍ରୁଟି କରିଥିବା ବାଡାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେଇ ଏପରି ମନ୍ତବ୍ୟ ଦୁଃଖଦାୟକ ବୋଲି ଜିଲ୍ଲାପାଳଙ୍କ ପ୍ରତିନିଧି ଦଳ କହିଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ଦେଇଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏ ନେଇ ତଦନ୍ତ କରି ନ୍ୟାୟ ଦେବେ ବୋଲି କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଅଟକି ଥିବା କାର୍ଯ୍ୟ ପୂରଣ କରିବେ । ଆପଣଙ୍କ ପାଇଁ ସମୟ ବହୁତ ଭଲ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ଦାନଧର୍ମରେ ସମୟ ଅତିବାହିତ ହେବ ।

**ବୃଷ:** କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କଠାରୁ ପ୍ରଶଂସିତ ହେବେ । ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଉଧାର ଟଙ୍କା ଫେରି ପାଇବେ ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ । ଆର୍ଥିକ ମାମଲାରେ ସାବଧାନ ରହିବେ । କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**କର୍କଟ:** ସାହିତ୍ୟ ସମାବେଶରେ ପ୍ରଶଂସିତ ହୋଇପାରନ୍ତି । ସମୟର ସଦୁପଯୋଗ କରନ୍ତୁ । ପାରିବାରିକ କଳହ ଦେଖା ଦେବ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**ସିଂହ:** ଆୟ ବ୍ୟୟ ସମାନ ହେବ । ଅକସ୍ମାତ୍ ଧନ ଲାଭ ଯୋଗ ରହିଛି । ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ । ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ । ନିବେଶରୁ ଲାଭ ମିଳିବ ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ । ନୂତନ ଯାନବାହନ କ୍ରୟ କରିପାରନ୍ତି । ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଉତ୍ତମ ବୁଦ୍ଧିରେ କାର୍ଯ୍ୟ ପୂରା କରିବେ । ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି । ସକାରାତ୍ମକ ଚିନ୍ତାଧାରାରେ ଆଗକୁ ବଢ଼ନ୍ତୁ ।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ । ଆୟ ଅନୁସାରେ ବ୍ୟୟ ଅଧିକ ହେବ । ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ । ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ । ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ । କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି । ଦୂରସ୍ଥାନ ଯାତ୍ରା କରିପାରନ୍ତି । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ । ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ । ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ । ଦିନଟି ବେଶ୍ ହସଖୁସିରେ ବିତିବ ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ । ଆର୍ଥିକ ସମସ୍ୟା ରହିବନି । ଅନ୍ୟକୁ ଉଧାର ଦେଇ ଠକି ପାରନ୍ତି । ଆୟ ଅନୁସାରେ ଅଧିକ ବ୍ୟୟ ହେବ । ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ ।

**ମୀନ:** ପାରିବାରିକ ମତଭେଦ ଦେଖା ଦେଇପାରେ । ଅନ୍ୟକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ । ମହିଳାମାନେ ଅଯଥା ଖର୍ଚ୍ଚ କରିବେ । ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ ।

## ଆଜିର ଇତିହାସ

- ୧୯୧୯ - ଇଟାଲୀରେ ସର୍ବସାଧାରଣଙ୍କୁ ମତଦାନ ଅଧିକାର ଦିଆଗଲା ।
- ୧୯୪୫ - ଭିଏତନାମ ସ୍ୱାଧୀନ ହୋଇଥିଲା ।
- ୧୯୬୯ - ବିଶ୍ୱର ପ୍ରଥମ ଏଟିଏମ୍ ନ୍ୟୁୟର୍କରୁ ଆରମ୍ଭ ହେଲା ।
- ୧୯୯୮ - ସ୍ୱିସ୍ ଏୟାର୍ ବିମାନ ଦୁର୍ଘଟଣାରେ ୨୨୯ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା ।
- ୨୦୦୯ - ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ରାଜଶେଖର ରେଡ୍ଡୀଙ୍କୁ ନେଇ ଯାଉଥିବା ବିମାନ ଦୁର୍ଘଟଣାଗ୍ରସ୍ତ ।

## ପୁଣି ଫେରିବ ରଣବୀର-ଆଦିତ୍ୟ ଯୋଡ଼ି

ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଇତିମଧ୍ୟରେ ଆଦିତ୍ୟ ରଣବୀରଙ୍କୁ ନେଇ ଆଉ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି ବୋଲି ଜଣାପଡ଼ିଛି । ଏହି ଯୋଡ଼ି ପୌରାଣିକ ବିଷୟବସ୍ତୁ ଉପରେ ଏକ ଫିଲ୍ମ ନିର୍ମାଣ କରୁଛନ୍ତି । ତେବେ ଏହି ଫିଲ୍ମର ଟାଇଟଲ୍ 'ଦ ଇମୋର୍ଟାଲ ଅଶ୍ୱଥାମା' ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । 'ଉରି: ଦ ସର୍ଜିକାଲ୍ ଷ୍ଟ୍ରାଇକ୍'ପରେ ଆଦିତ୍ୟ ଭିକି କୌଶଲଙ୍କୁ ନେଇ 'ଦ ଇମୋର୍ଟାଲ ଅଶ୍ୱଥାମା' ଫିଲ୍ମ ନିର୍ମାଣ କରିଥାନ୍ତେ । କିନ୍ତୁ ମହାମାରୀ ପରେ ବକ୍ସ ଅଫିସ୍ ସ୍ଥିତିକୁ ଦେଖି ଆଦିତ୍ୟ ଏହି ଫିଲ୍ମକୁ ବନ୍ଦ କରି ଦେଇଥିଲେ । ତେବେ ପୁଣିଥରେ ଆଦିତ୍ୟ ରଣବୀରଙ୍କୁ ନେଇ ସେହି ଫିଲ୍ମ ନିର୍ମାଣ କରିବେ ଏହାର ଆଶା ଖୁବ୍ କମ୍ ଲାଗୁଛି । 'ଧୁରନ୍ଧର' ଫିଲ୍ମ ସମୟରେ ଆଦିତ୍ୟ ଓ ରଣବୀରଙ୍କ ମଧ୍ୟରେ ଏକ ଭଲ ବଣ୍ଡିଂ ଦେଖିବାକୁ ମିଳିଥିଲା । ତେବେ ଆସନ୍ତା ବର୍ଷ ଆରମ୍ଭରେ ଆଦିତ୍ୟ ତାଙ୍କର ଏହି ନୂଆ ଫିଲ୍ମର କାହାଣୀ ଉପରେ କାମ ଆରମ୍ଭ କରିଦେବେ । ଏହାର କାହାଣୀ ଲେଖା ସରୁ ସରୁ ରଣବୀର 'ଡନ୍-୩'ର ସୁଟିଂ ସାରି ଦେଇଥିବେ । ୨୦୨୭ ଆରମ୍ଭରୁ ଏହାର ସୁଟିଂ ଆରମ୍ଭ ହୋଇପାରେ । 'ଧୁରନ୍ଧର' ଫିଲ୍ମର ଆଉ ୩୫-୪୦ ଦିନର ସୁଟିଂ ବାକି ଅଛି । ଫିଲ୍ମ ନିର୍ମାତା ଏହାକୁ ଡିସେମ୍ବର ୫ରେ ରିଲିଜ୍ କରିବା ପାଇଁ ଯୋଜନା ରଖିଛନ୍ତି । ଏଥିରେ ରଣବୀରଙ୍କ ସହ ଆର୍. ମାଧବନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ, ସାରା ଅର୍ଜୁନ୍ ପ୍ରମୁଖ ନଜର ଆସିବେ ।



## ଶ୍ରୀଫଳ ପାଇଁ ଦିନଟିଏ



ବିଶ୍ୱର ସର୍ବାଧିକ ଉପାଦେୟ ବୃକ୍ଷ ହେଉଛି ନାରିକେଳ ବା ନଡ଼ିଆ । ସ୍ୱାସ୍ଥ୍ୟ ଓ ସଂସ୍କୃତି ପ୍ରତି ଏହାର ଅବଦାନ ଅତୁଳନୀୟ । ଏହାର ଉପାଦେୟତା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ସେପ୍ଟେମ୍ବର ୨ ତାରିଖରେ ବିଶ୍ୱ ନାରିକେଳ ବା ନଡ଼ିଆ ଦିବସ ପାଳନ କରାଯାଏ । ୨୦୦୯ ସେପ୍ଟେମ୍ବର ୨ ତାରିଖରେ 'ଏସିଆ ପ୍ୟାସିଫିକ୍ କୋକୋନଟ୍ କମ୍ୟୁନିଟି' ଗଠନ କରାଯାଇଥିଲା । ଏହାର ପ୍ରତିଷ୍ଠା ଦିବସ ଉପଲକ୍ଷେ 'ବିଶ୍ୱ ନାରିକେଳ ଦିବସ' ପାଳନ କରାଯାଏ । ନଡ଼ିଆ ଚାଷ ଓ ତା'ର ଉତ୍ପାଦନ କିପରି ବୃଦ୍ଧି କରାଯାଇ ପାରିବ, ତାହା ଉପରେ ଗୁରୁତ୍ୱ ପ୍ରଦାନ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ । ଏହାସହ ସ୍ୱାସ୍ଥ୍ୟ ପାଇଁ ନଡ଼ିଆର ଆବଶ୍ୟକତା ବିଷୟରେ ବି ସଚେତନତା ସୃଷ୍ଟି କରାଯାଇଥାଏ । ଭାରତରେ ଏହି ଦିବସକୁ କୋକୋନଟ୍ ଡେଭଲପ୍‌ମେଣ୍ଟ ବୋର୍ଡ ଦ୍ୱାରା ନଡ଼ିଆ ଚାଷ କରାଯାଉଥିବା ଅଞ୍ଚଳଗୁଡ଼ିକରେ ପାଳନ କରାଯାଉଛି । ଭାରତୀୟ ସଂସ୍କୃତିରେ ନଡ଼ିଆ ବା ଶ୍ରୀଫଳର ଗୁରୁତ୍ୱ ଯଥେଷ୍ଟ ଅଧିକ । 'ଶ୍ରୀ' ଶବ୍ଦର ଅର୍ଥ ହେଉଛି 'ଶ୍ରେଷ୍ଠ'। ଫଳମାନଙ୍କ ଭିତରେ ନଡ଼ିଆ ଶ୍ରେଷ୍ଠ ହୋଇଥିବାରୁ ଏହାର ନାମ ଶ୍ରୀଫଳ । ଈଶ୍ୱରଙ୍କୁ ସର୍ବଦା ଭଲ ବା ଶ୍ରେଷ୍ଠ ଦ୍ରବ୍ୟ ହିଁ ଅର୍ପଣ କରାଯିବାର ବିଧି ରହିଛି । ତେଣୁ ପ୍ରତ୍ୟେକ ପୂଜା ପାଠରେ ନଡ଼ିଆର ବ୍ୟବହାର ହୋଇଥାଏ । ସେହିଭଳି ସବୁ ଦେବଦେବୀଙ୍କୁ ଆବାହନ କରିବାବେଳେ ନଡ଼ିଆର ଆବଶ୍ୟକତା ପଡ଼ିଥାଏ । ଭାରତରେ ମନ୍ଦିରରେ ପ୍ରମୁଖ ଦାନ ଭାବରେ ନଡ଼ିଆକୁ ଗ୍ରହଣ କରାଯାଏ । ବିବାହ, ବ୍ରତୋପନୟନ, ପର୍ବପର୍ବାଣି, ନୂତନ ଯାନବାହନ କ୍ରୟବେଳେ ମଧ୍ୟ ଭଗବାନଙ୍କ ପାଖରେ ଶ୍ରୀଫଳ ସମର୍ପଣ କରାଯାଏ । ଶୁଭ କଳସ ସ୍ଥାପନା ହେଉ କି ଭୋଗ କିମ୍ବା ପ୍ରସାଦରେ ନାସିଲଗା ନଡ଼ିଆ ବ୍ୟବହାର ତ ନିଶ୍ଚୟ ହୋଇଥାଏ । ସେହିଭଳି ନଡ଼ିଆ ଗଛର ସମସ୍ତ ଅଙ୍ଗ ଆମ କାମରେ ଲାଗେ । ନଡ଼ିଆ ରସରୁ ତେଲ, ନଡ଼ିଆକତାରୁ ବିଭିନ୍ନ ପ୍ରକାର ସାମଗ୍ରୀ ଓ ସାଜସରଞ୍ଜାମ ପ୍ରସ୍ତୁତ ହୋଇଥାଏ । ନଡ଼ିଆ ଗଛର ଗଣ୍ଡିକୁ ଖୁଣ୍ଟ ରୂପରେ ଏବଂ ବାହୁଙ୍ଗାକୁ ଛପର ରୂପରେ ବ୍ୟବହାର କରାଯାଏ । ଦକ୍ଷିଣ ଭାରତରେ ନଡ଼ିଆର ଉପଯୋଗ ବହୁ ଅଧିକ ସେଥିପାଇଁ ସେଠାରେ ଏହାକୁ 'ସବୁଜ ସୁନା' ବୋଲି କୁହାଯାଏ । ସମୁଦ୍ରକୂଳିଆ ଲୁଣିଆ ଅଞ୍ଚଳ ନଡ଼ିଆ ଚାଷ ପାଇଁ ଭଲ ହୋଇଥାଏ । ନଡ଼ିଆ ଯୋଗୁଁ ସମୃଦ୍ଧ ହୋଇଥିବା ଅଞ୍ଚଳରେ ଦକ୍ଷିଣ ପୂର୍ବ ଏସିଆ, ଇଣ୍ଡୋନେସିଆ, ଭାରତ, ଅଷ୍ଟ୍ରେଲିଆ ପ୍ରଶାନ୍ତ ମହାସାଗର ଦ୍ୱୀପପୁଞ୍ଜ, ଦକ୍ଷିଣ ଆମେରିକା, ଆଫ୍ରିକା ଆଦି ରହିଛି । ଆମ ଦେଶରେ ତାମିଲନାଡୁ, କେରଳ ଏବଂ କର୍ଣ୍ଣାଟକ ଅଧିକ ପରିମାଣରେ ନଡ଼ିଆ ଉତ୍ପାଦନ କରାଯାଏ । ଆମ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରଚୁର ନଡ଼ିଆଗଛ ଦେଖିବାକୁ ମିଳେ । ପୁରୀ ଜିଲ୍ଲାର ସାକ୍ଷୀଗୋପାଳରେ ଏଥିପାଇଁ ସ୍ୱତନ୍ତ୍ର ବଜାର ରହିଛି । ମହାଦେବଙ୍କ ତ୍ରିନୟନ ପରି ଶ୍ରୀଫଳର ମଧ୍ୟ ତିନୋଟି ଆଖି ଥାଏ । କିନ୍ତୁ ଏକ ଆଖି ନଡ଼ିଆ ଅତି ଶୁଭ ବୋଲି ବିଶ୍ୱାସ ରହିଛି । ଏହାକୁ ଠାକୁର ଘରେ ରଖି ପୂଜା କଲେ ଧନ ରତ୍ନର ବୃଦ୍ଧି ପାଏ ବୋଲି ବିଶ୍ୱାସ ରହିଛି ।

## ମାନବ ଶୃଙ୍ଖଳରେ ଶ୍ରୀଗଣେଶ ପ୍ରତିକୃତି

ଗଣେଶ ପୂଜା ଲାଗି ଉତ୍ସବମୁଖର ପୁରଠୁ ପଲ୍ଲୀ । ଇତିମଧ୍ୟରେ ଅନେକ ସ୍ଥାନରେ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଏବେବି ଅନେକ ପୂଜାମଣ୍ଡପରେ ବିଘ୍ନ ବିନାଶକ ପୂଜା ପାଉଛନ୍ତି । ତେବେ ଗଣେଶ ପୂଜା ଅବସରରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରାଯାଇଛି । ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । କିଛି କଲେଜ ପିଲା ଏକତ୍ର ହୋଇ ଭଗବାନ ଗଣେଶଙ୍କର ଏକ ଆକର୍ଷଣୀୟ ରୂପ ତିଆରି କରିବାକୁ ଚେଷ୍ଟା କରିଛନ୍ତି । ଏହି ଯୁବକମାନେ ଏକ ବିଶାଳ ହ୍ୟୁମାନ ଚେନ୍ ବା ମାନବ ଶୃଙ୍ଖଳ ତିଆରି କରିଛନ୍ତି । ତେବେ ଗଣେଶଙ୍କର ଏକ ଆକର୍ଷଣୀୟ ଆକୃତି ତିଆରି କରିବା ଲାଗି ସେମାନେ ଏକତ୍ର ହୋଇଛନ୍ତି । ସେମାନେ ଏହି ପ୍ରତିକୃତିଟିକୁ ତିଆରି କରିବା ପାଇଁ ରଙ୍ଗୀନ ପୋଷାକ ମଧ୍ୟ ପିନ୍ଧିଛନ୍ତି । ଏହା ସେମାନଙ୍କର ଭକ୍ତି, ଏକତା ଏବଂ ସୃଜନାତ୍ମକ ଜ୍ଞାନ କୌଶଳକୁ ପ୍ରତିଫଳିତ କରିଛି । ଏହିପରି ଭାବେ ସେମାନେ ମନ୍ତ୍ରମୁଗ୍ଧ କଲା ଭଳି ଗଣେଶଙ୍କର ଏକ ସୁନ୍ଦର ପ୍ରତିମୂର୍ତ୍ତି କରିଛନ୍ତି । ଇନଷ୍ଟାଗ୍ରାମରେ ଏହାର ଭିଡିଓକୁ କେଶବ ଆର୍ ପେଟେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି । ଅନେକ ଏହାକୁ 'ଦିବ୍ୟ ଦୃଶ୍ୟ' ବୋଲି କହିଛନ୍ତି । ଅନ୍ୟପଟେ ଆଉ କେହି କେହି ଯୁବକମାନଙ୍କର ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି ।






## ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବ ଗୋମିନି



ଭାରତ ଏକ କୃଷି ପ୍ରଧାନ ଦେଶ । ଏଠାରେ ଲୋକମାନେ ଚାଷ କାର୍ଯ୍ୟ ସହିତ ଗାଈ, ଛେଳି, କୁକୁଡ଼ା ଆଦି ପାଳନ କରି ଜୀବିକା ନିର୍ବାହ କରନ୍ତି । ହେଲେ ବର୍ତ୍ତମାନ ଗୋପାଳନ କରିବା କଷ୍ଟକର କାମ ଭାବି ଅନେକ ଏଥିରୁ ମୁହଁ ଫେରାଇ ନେଉଛନ୍ତି । ଆଉ କିଛି ଦେଶୀ ଗାଈ ବଦଳରେ ଜର୍ସି ଗାଈ ପାଳନରୁ ରୋଜଗାର କରୁଛନ୍ତି । ତେଣୁ ଆଧୁନିକ କୌଶଳରେ ଦେଶୀ ଗାଈ ସଂରକ୍ଷଣ ଦିଗରେ ସଚେତନ କରିବା,ସେମାନଙ୍କ ଦେଖାରଖା ତଥା ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ଗୋମିନି' ନାମକ ପ୍ଲାଟ୍‌ଫର୍ମ ଶୁଭାରମ୍ଭ ହୋଇଛି । ଗୋମିନିର ସଂସ୍ଥାପକ ତଥା ସିଇଓ ହେଉଛନ୍ତି ଅର୍ଜୁନ ଶର୍ମା । ସେ ଗୌରୀ ଶଙ୍କରଙ୍କ ସହିତ ମିଳିତ ଭାବେ ଏହି ମଡେଲ କରିଛନ୍ତି । ଏହା ଜରିଆରେ ସହରାଞ୍ଚଳବାସୀ ଗାଈ ସହିତ ଯୋଡ଼ି ହୋଇ ଶୁଦ୍ଧ ଏ୨ କ୍ଷୀର ଏବଂ ପଞ୍ଚଗବ୍ୟ ଉତ୍ପାଦ ପାଇପାରିବେ । ଅବଶ୍ୟ ଗୋମିନି ଏକ ସ୍ୱତନ୍ତ୍ର ମଡେଲ ଆପଣାଇଛି । ଯାହାକି ସହରୀ ପରିବାର ଗାଈର ମାଲିକ ହେଲେ ବି ଗାଈଙ୍କ ଦେଖାରଖା ଗ୍ରାମୀଣ ମହିଳା ଏବଂ ଚାଷୀମାନେ କରିବେ । ମହିଳାଙ୍କୁ ଏଥିପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ମଧ୍ୟ ଦିଆଯିବ । ଗାଈଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆର୍‌ଏଫ୍‌ଆଇଡି ଟ୍ୟାଗ୍ ଏବଂ ବ୍ଲକ୍‌ଚେନ୍ ଆଧାରିତ ଏନ୍‌ଏଫ୍ଟି ସହିତ ଯୋଡା ଯାଇଛି । ଗାଈମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଜାଣିବାକୁ ଆଇଓଟି ଉପକରଣ ଲଗାଯାଇଛି । ଏହା ସେମାନଙ୍କର ଖାଦ୍ୟପେୟ ଏବଂ ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖିବ । ଏଆଇ ଜରିଆରେ ମୋବାଇଲ୍ କିମ୍ବା କମ୍ପ୍ୟୁଟର ଯୋଗେ ଗାଈ ଅସୁସ୍ଥତା ଅନୁଭବକୁ ଦେଖି ମାଲିକ ପ୍ରାଥମିକ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେଇ ପାରିବେ । ଭବିଷ୍ୟତରେ 'ଗୋମିନି' ଲୋକଙ୍କୁ ସଶକ୍ତ କରିବା ସହ ଜୈବିକ ଚାଷକୁ ଅଧିକ ପ୍ରାଧାନ୍ୟ ଦେବ ।

## ଏ ମାସର ଚାଷ

**ଆମ ରାଜ୍ୟର ଅଧିକାଂଶ ଲୋକମାନେ ଚାଷ କାର୍ଯ୍ୟ କରି ଜୀବିକା ନିର୍ବାହ କରନ୍ତି । ତେବେ ସେପ୍ଟେମ୍ବର ମାସଟି ସବୁଜ ପନିପରିବା ଚାଷ ପାଇଁ ସବୁଠୁ ଉପଯୁକ୍ତ ସମୟ । ଏହି ମାସରେ କେଉଁ କେଉଁ ମୁଖ୍ୟ ଚାଷ କରାଯାଇପାରିବ ଜାଣିବା...**

ଧାନର ପିଲ ଦେବା, ଥୋଡ଼ ହେବା, ଫୁଲ ବାହାରିବା ଓ କ୍ଷୀର ଢୋକିବା ଅବସ୍ଥା ସଙ୍କଟକାଳୀନ ଅବସ୍ଥା । ଏହି ସମୟରେ ପାଣି ରହିବା ଏକାନ୍ତ ଆବଶ୍ୟକ ।

ମକା ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଜରୁରି । ଏମାସରେ ଡାଲିଜାତୀୟ ଫସଲରେ ପତ୍ରଛଦା ଓ ସିଁବାଳୁଆ ପୋକ ନିୟନ୍ତ୍ରଣ କରିବା ମୁଖ୍ୟକାର୍ଯ୍ୟ । ଅଳସୀ ବୁଣା ଶୀଘ୍ର ଶେଷ କରନ୍ତୁ ।

କପା ଫସଲରେ ବକରା ନ ଝଡ଼ିବା ପାଇଁ ପ୍ରତି ୪ରୁ ୫ ଲିଟର ପାଣିରେ ୧ ମିଲି ଏନ୍‌ଏଏ (ହରମୋନ୍) ମିଶାଇ ସିଞ୍ଚନ କରନ୍ତୁ । ଆଖୁ ଫସଲରେ ରୋଗପୋକ ପର୍ଯ୍ୟବେକ୍ଷଣ କରନ୍ତୁ । ଅନୁମୋଦିତ ନିୟନ୍ତ୍ରଣ ପ୍ରଣାଳୀ ଗ୍ରହଣ କରନ୍ତୁ । ରବି ଚାଷ ପାଇଁ ଫସଲ ଖସଡ଼ା ପ୍ରସ୍ତୁତ କରନ୍ତୁ । ମାଟିର ବତର ଦେଖି ଏ ମାସର ଶେଷ ସପ୍ତାହ ବେଳକୁ ଅଣଜଳସେଚିତ ସୋରିଷ ବୁଣିପାରିବେ ।

ଏହି ସମୟରେ ତାପମାତ୍ରା ମୁଖ୍ୟତଃ ୨୫ ଡିଗ୍ରୀ ସେଲ୍‌ସିୟସରୁ ୩୦ ଡିଗ୍ରୀ ମଧ୍ୟରେ ରହିଥାଏ । ତେଣୁ ଶୀତଦିନିଆ ପନିପରିବା ଚାଷ ପାଇଁ ଯଥା- ପତ୍ରକୋବି, ଫୁଲକୋବି, ସିମଳା ଲଙ୍କା, ବାଇଗଣ, ଲାଉ ଆଦି ପାଇଁ ତଳି ପକାନ୍ତୁ । ନର୍ସରୀ ପ୍ରସ୍ତୁତ କରିବାକୁ ମାଟିକୁ ଅତି କମ୍‌ରେ ଛଅ ଇଞ୍ଚ ଉଚ୍ଚରେ ଶଯ୍ୟା କରନ୍ତୁ । ବିହନ ବୁଣିବା ପରେ ଏହା ଉପରେ ବାଉଁଶର ସଂରଚନା କରି ପଲିଥିନ୍ ଢାଙ୍କି ଦେବା ଜରୁରି । ଏହା ଦ୍ୱାରା ଅଚାନକ ବର୍ଷା, ଅଧିକ ଆର୍ଦ୍ରତା, ରୋଗପୋକ ପ୍ରକୋପରୁ ଚାରାକୁ ସୁରକ୍ଷା ମିଳିଥାଏ ।



## ମାଟିର ଉର୍ବରତା ବଢ଼ାଏ ଲେମ୍ବୁ ଚୋପା

**ଚାଷ ପାଇଁ ଜଳ ଓ ଉର୍ବର ମାଟି ଅପରିହାର୍ଯ୍ୟ । ଏହା ଦ୍ୱାରା ଫସଲ ବୃଦ୍ଧି ଭଲ ହୁଏ । ହେଲେ ଗଛ ଲଗାଇବା ପୂର୍ବରୁ ମାଟି ପରିଚାଳନା ନ କଲେ ଫସଲରେ ରୋଗ ପୋକ ଲାଗିଥାଏ । ଏହା ଦ୍ୱାରା ଫସଲ ବୃଦ୍ଧିରେ ବାଧା ଉପୁଜିଥାଏ । ତେଣୁ ଫସଲକୁ ରୋଗପୋକ ଆକ୍ରମଣରୁ ରକ୍ଷା କରିବା ପାଇଁ ଅଳ୍ପ ଖର୍ଚ୍ଚରେ ଜୈବିକ ଉପାୟରେ ମାଟିର ଉର୍ବରକୁ ବଢ଼ାଇ ପାରିବେ । ଏଥିପାଇଁ ଲେମ୍ବୁ ଚୋପାର ବିଶେଷ ଭୂମିକା ରହିଛି । ଏହା ମଧ୍ୟ ପରିବେଶ ଅନୁକୂଳ ।**

- ଦୈନନ୍ଦିନ ବ୍ୟବହୃତ ଲେମ୍ବୁ ଚୋପା ବର୍ଜ୍ୟ ନୁହେଁ । ଏଥିରେ ନାଇଟ୍ରୋଜେନ୍, ଫସ୍‌ଫରସ୍, ପଟାସିୟମ ଆଦି ପୋଷକତତ୍ତ୍ୱ ରହିଥାଏ । ତେଣୁ ଲେମ୍ବୁ ଚୋପାକୁ ଶୁଖାଇ ତାକୁ ଗୁଣ୍ଡ କରି ମାଟିରେ ମିଶାଇବା ଦ୍ୱାରା ଗଛର ବିକାଶ ହୁଏ । ସେହିପରି ଲେମ୍ବୁ ଚୋପାର ସୁଗନ୍ଧରେ ପିମ୍ପୁଡି, ମାଛି ତଥା ଅନ୍ୟାନ୍ୟ କୀଟ ଦୂର ହୋଇଥାନ୍ତି ।
- ଲେମ୍ବୁ ଚୋପା ପକାଇବା ଦ୍ୱାରା ଖତ ଶୀଘ୍ର ସଢ଼ିବା ସହ ଏହାର ଗୁଣବତ୍ତା ଭଲ ରୁହେ । ତେଣୁ ଖତରେ ଲେମ୍ବୁ ଚୋପାକୁ ଛୋଟ ଛୋଟ ଖଣ୍ଡ କରି ପକାଇ ପାରିବେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଲେମ୍ବୁ ଖୋଳରେ ଅଳ୍ପ ମାଟି ଭର୍ତ୍ତି କରି ସେଥିର ବିହନ ରଖିବା ଦ୍ୱାରା ଚାରା ଅଙ୍କୁରିତ ହୋଇଥାଏ । ଏହା ପରେ ପୁରା ଲେମ୍ବୁ ଚୋପାକୁ ମାଟିରେ ପୋତି ପାରିବେ । ଟମାଟୋ, ଗୋଲାପ, ବ୍ଲୁବେରୀ, ଆଦି ଗଛ ଲଗାଇବାକୁ ଚାହୁଁଥିଲେ ମାଟିରେ ଲେମ୍ବୁ ଚୋପାର ଗୁଣ୍ଡ ମିଶାଇ ପାରିବେ । ଏହା ପ୍ରାକୃତିକ ରୂପେ ଅମ୍ଳକ୍ଷାରସ୍ତରକୁ ନିୟନ୍ତ୍ରଣ କରିଥାଏ ।
- କେବଳ ସେତିକି ନୁହେଁ, ଲେମ୍ବୁ ଚୋପାରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗାଲ ଗୁଣ ଥାଏ । ତେଣୁ ଚୋପାକୁ ଗୁଣ୍ଡ କରି ମାଟିରେ ମିଶାଇଲେ ଏହା ଚେରକୁ ସଢ଼ିବାକୁ ଦିଏ ନାହିଁ । ଫିମ୍ପିଜନିତ ସମସ୍ୟା ଦୂର କରିଥାଏ ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ । ବର୍ଷାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ ସାମୁହିକ ସ୍ଥଗିତ ରଖନ୍ତୁ । ଶସ୍ୟଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି । ତେଣୁ ବର୍ଷା ଛାଡ଼ିଗଲା ପରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ ।
- ଶୁଖିଲା ପାଗ ଦେଖି ଆଖୁ ଫସଲରେ ନାଲି ଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି କାର୍ବେଣ୍ଡାଜିମ୍ ୧୨% +ମାଙ୍କୋଜେବ ୬୩% ଡବ୍ଲ୍ୟୁ ପି, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ମାଛ ପୋଖରୀରୁ ଅଧିକ ଜଳ ନିଷ୍କାସନ କରନ୍ତୁ । ମାଛ ଯେପରି ବାହାରକୁ ନ ଆସିବେ ତାର ଯତ୍ନ ନିଅନ୍ତୁ । ଶିକାରୀ ଓ ଅଦରକାରୀ ମାଛ ନିରାକରଣ ପାଇଁ ହେକ୍ଟର ପ୍ରତି ୧.୫ କେଜି ମହୁଆ କେକ ୧ ମିଟର ଗଭୀର ପାଣିରେ ପ୍ରୟୋଗ କରନ୍ତୁ ।



ଏସିଆ କପ୍ ହକି

# ଲିଗ୍ ଶୀର୍ଷରେ ଭାରତ, ମାଲେସିଆ

ରାଜଗିର,୧।୯ (ଏଜେନ୍ସି)



ବିହାର ୟୁନିଭର୍ସିଟି ସ୍ପୋର୍ଟ କମ୍ପ୍ଲେକ୍ସଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଆଜି ଖେଳାଯାଇଥିବା ପୁଲ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ବିପୁଳ ଗୋଲ ବ୍ୟବଧାନରେ କାଜାଖସ୍ଥାନକୁ ପରାସ୍ତ କରି ଶୀର୍ଷସ୍ଥାନ ହାସଲ କରିଛି। ପୂର୍ବରୁ ଜାପାନକୁ ଗୋଲ ବ୍ୟବଧାନରେ ପଛରେ ପକାଇ ଚୀନ୍ ଦ୍ୱିତୀୟସ୍ଥାନ ଅଧିକାର କରିଥିଲା। ଗ୍ରୁପ-ଏ'ର ମୁକାବିଲା ପୂର୍ବରୁ ଗ୍ରୁପ୍-ବି'ର ସମସ୍ତ ଲିଗ୍ ମ୍ୟାଚ୍ ଶେଷ ହୋଇଥିଲା। ଏଥିରେ ମାଲେସିଆ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରଥମ ଓ ଦକ୍ଷିଣ କୋରିଆ ୨ଟି ମ୍ୟାଚ୍ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହା ଫଳରେ ବୁଧବାରଠାରୁ ଆରମ୍ଭ ହେଉଥିବା ସୁପର-୪ ମୁକାବିଲା ଲାଗି ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ଯଥାକ୍ରମେ ଗ୍ରୁପ୍-ଏ'ରୁ ଭାରତ ଓ ଚୀନ୍, ଗ୍ରୁପ୍-ବି'ରୁ ମାଲେସିଆ ଓ ଦକ୍ଷିଣ କୋରିଆ ସୁପର-୪ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

**● ହ୍ୟାଟ୍ରିକ୍ ବିଜୟ**

ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବା ଭାରତ ଗ୍ରୁପ୍-ଏ'ରେ ୩ଟି ଯାକ ମ୍ୟାଚ୍ ଜିତି ହ୍ୟାଟ୍ରିକ୍ ବିଜୟ ହାସଲ କରିଛି। ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ଦଳ କାଜାଖସ୍ତାନକୁ ବିରାଟ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ଏହା ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ଚୀନ୍‌କୁ ୪-୩, ଜାପାନକୁ ୩-୨ ଗୋଲରେ ପରାସ୍ତ କରି କଷ୍ଟସାଦ୍ଧ ବିଜୟ ହାସଲ କରିଥିଲା। ଏହି ଦୁଇଟି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ହରମନପ୍ରୀତ୍ ସିଂହ ପ୍ରଥମରେ ୩ଟି ଓ ଦ୍ୱିତୀୟରେ ୨ଟି ଗୋଲ ସ୍କୋର କରିଥିଲେ। ଶେଷ ମ୍ୟାଚ୍‌ରେ ଭାରତ ବଡ଼ ବ୍ୟବଧାନରେ କାଜାକସ୍ଥାନକୁ ପରାସ୍ତ କରି ହ୍ୟାଟ୍ରିକ୍ ବିଜୟ ସହ ପ୍ରଥମ ସ୍ଥାନରେ ରହି ସୁପର-୪କୁ ଉନ୍ନିତ ହୋଇଛି। ସେହିପରି ଚୀନ୍ ପ୍ରଥମ ମ୍ୟାଚ୍‌ରେ ଭାରତଠାରୁ ହାରିଯିବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୧୩-୧ ଗୋଲ ବ୍ୟବଧାନରେ କାଜାକସ୍ତାନକୁ ପରାସ୍ତ କରିଥିଲା। ଶେଷରେ ଶକ୍ତିଶାଳୀ ଜାପାନ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖି ଚୀନ୍ ଗ୍ରୁପ୍-ଏ' ପଏଣ୍ଟ ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଉଭୟ ଚୀନ ଓ ଜାପାନ ଦଳର ପଏଣ୍ଟ ସଂଖ୍ୟା ସମାନ ହୋଇଥିଲେ ମଧ ଗୋଲ ବ୍ୟବଧାନରେ ଚୀନ୍ ବହୁ ଆଗରେ ରହିଥିଲା। ଚୀନ୍ ୧୮ଟି ଗୋଲ ଦେଇ ୭ଟି ଗୋଲ ବରଣ କରିଥିଲାବେଳେ ଜାପାନ ୧୧ଟି ଗୋଲ ଦେଇ ୫ଟି ଗୋଲ ବରଣ କରିଥିଲା। ଏଣୁ ଚୀନ୍‌ର ଗୋଲ ବ୍ୟବଧାନ +୧୧ ଓ ଜାପାନର +୬ ହୋଇଥିଲା।

**● ମାଲେସିଆ-୧, କୋରିଆ-୨**

ଗ୍ରୁପ୍-ବି'ରେ ମାଲେସିଆ ତାହାର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହି ଦଳ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବାଂଲାଦେଶ ଓ ଦକ୍ଷିଣ କୋରିଆକୁ ୪-୧ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ମାଲେସିଆ ୧୫-୦ ଗୋଲରେ ଚାଇନିଜ୍ ତାଇପେକୁ ପରାସ୍ତ କରି ହ୍ୟାଟ୍ରିକ୍ ବିଜୟ ସହ ଗ୍ରୁପ୍-ବି'ରେ ପ୍ରଥମସ୍ଥାନ ଅଧିକାର କରିଥିଲା। ସେହିପରି ଦକ୍ଷିଣ କୋରିଆ ଆଜି ୫-୧ରେ ବାଂଲାଦେଶକୁ ଓ ୭-୦ରେ ଚାଇନିଜ୍ ତାଇପେକୁ ପରାସ୍ତ କରି ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ବୁଧବାରଠାରୁ ସୁପର-୪ ମୁକାବିଲା ହେବ। ଏଥିରେ ପ୍ରତ୍ୟେକ ଦଳ ଅନ୍ୟ ସହ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ସୁପର-୪'ରେ ପ୍ରଥମ ୨ଟି ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୭ରେ ଖେଳାଯିବ।

● ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

## ଚାମ୍ପିଅନ ଦଳ ପାଇବ ୩୯.୪ କୋଟି



ଦୁବାଇ, ୧।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ତେବେ ଏହି ମେଗା ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତି ନେଇଛି। ଆଇସିସି ଏଥର ମହିଳା ବିଶ୍ୱକପ୍‌ର ପୁରସ୍କାର ରାଶିରେ ଆଶାତୀତ ବୃଦ୍ଧି କରିଛି। ଏଥର ରେକର୍ଡ ମୋଟ୍ ୧୨୨ କୋଟି ୪୧ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ମହିଳା ବିଶ୍ୱକପ୍ ଇତିହାସରେ ଏହା ସର୍ବକାଳୀନ ପୁରସ୍କାର ରାଶି ଭାବେ ଲିପିବଦ୍ଧ ହୋଇଛି। ସେହିଭଳି ଗତ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶି ପାଖାପାଖି ୪ ଗୁଣା ବୃଦ୍ଧି ହୋଇଛି। ୨୦୨୨ରେ ନ୍ୟୁଜିଲାଣ୍ଡରେ ଆୟୋଜିତ ପୂର୍ବ ସଂସ୍କରଣରେ ମୋଟ୍ ୩୦ କୋଟି ୮୬ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଏଥର ଯେଉଁ ଦଳ ବିଶ୍ୱକପ୍ ବିଜୟୀ ହେବ ଟ୍ରଫି ସହ ୩୯.୫୦ କୋଟି ଟଙ୍କା ପାଇବ। ରନର୍ସଅପ୍ ହୋଇଥିବା ଦଳ ୧୯.୭୫ କୋଟି ଟଙ୍କା ସାଙ୍ଗରେ ନେବ। ସେହିଭଳି ସେମିଫାଇନାଲରେ ଦୁଇ ପରାଜିତ ଦଳକୁ ୯.୮୭ କୋଟି ଟଙ୍କା ମିଳିବ। ୨୦୨୨ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିବା ଅଷ୍ଟ୍ରେଲିଆ ମହିଳା ଦଳ ୧୧.୬୯ କୋଟି ଟଙ୍କା ପାଇଥିଲା। ମହିଳା କ୍ରିକେଟକୁ ପୁରୁଷଙ୍କ ସହ ସମାନ ମାନ୍ୟତା ଦେବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଛି। ଏହା ମହିଳା କ୍ରିକେଟ୍‌କୁ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଆଇସିସି ଅଧ୍ୟକ୍ଷ ଜୟ ଶାହା କହିଛନ୍ତି।

## ମନ୍ତ୍ରୀ ହେବେ ଆଝାରୁଦ୍ଦିନ !

ହାଇଦରାବାଦ, ୧।୯ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା ସରକାରଙ୍କ କ୍ୟାବିନେଟରେ ସାମିଲ ହୋଇପାରନ୍ତି। ରାଜ୍ୟପାଳ କୋଟା ଅନୁଯାୟୀ ୬୨ ବର୍ଷୀୟ ଆଝାରୁଦ୍ଦିନଙ୍କୁ ବିଧାନ ପରିଷଦକୁ ମନୋନୀତ କରାଯାଇଛି। ଯାହାକୁ ନେଇ ଏହି ମହାନ କ୍ରିକେଟର୍ ତେଲଙ୍ଗାନା ସରକାରରେ ମନ୍ତ୍ରୀ ପଦ ପାଇବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ନିକଟରେ ଜୁବଲି ହିଲ୍ସ ବିଧାନସଭା କ୍ଷେତ୍ର ଲାଗି ହେବାକୁ ଥିବା ଉପନିର୍ବାଚନ ପାଇଁ ଆଝାରୁଦ୍ଦିନ ନିଜକୁ କଂଗ୍ରେସ ଆଶାୟୀ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ। ପ୍ରକାଶଯୋଗ୍ୟ, ବର୍ତ୍ତମାନ ତେଲଙ୍ଗାନା ସରକାରରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ମିଶାଇ ୧୪ଜଣ ମନ୍ତ୍ରୀ ରହିଛନ୍ତି। ୩ଟି ମନ୍ତ୍ରୀ ପଦ ଖାଲି ପଡ଼ିଛି। ତେଣୁ ୬୨ ବର୍ଷୀୟ ଆଝାରୁଦ୍ଦିନଙ୍କୁ ମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଭାରତ ପାଇଁ ୯୯ ଟେଷ୍ଟ ଓ ୩୩୪ ଦିନିକିଆ ମ୍ୟାଚ୍ ଖେଳିଥିବା ଆଝାରୁଦ୍ଦିନ ୨୦୦୯ରେ କଂଗ୍ରେସ ଟିକଟ୍‌ରେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

## ଅବସର ନେଇପାରନ୍ତି ରୋହନ ବୋପନ୍ନା


ନ୍ୟୁୟର୍କ,୧।୯ (ଏଜେନ୍ସି): ଭାରତର କିଂବଦନ୍ତୀ ପୁରୁଷ ଟେନିସ ଖେଳାଳି ରୋହନ ବୋପନ୍ନା ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଯୁଗଳ ପ୍ରଥମ ରାଉଣ୍ଡରୁ ବାଦ୍ ପଡ଼ିଛନ୍ତି। ଏହା ଫଳରେ ୪୫ ବର୍ଷୀୟ ବୋପନ୍ନାଙ୍କର ଏହା ଶେଷ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ବୋଲି ସେ ସୂଚନା ଦେଇଛନ୍ତି। ଏହି ମୁକାବିଲା ହାରିଯିବା ପରେ ଆସନ୍ତାବର୍ଷ ବିଭିନ୍ନ ଟୁର୍ ଟୁର୍ଣ୍ଣାମେଣ୍ଟରେ ଭାଗନେବେ ବୋଲି କହିଛନ୍ତି। 'ମୁଁ ନିଶ୍ଚିତ ଆସନ୍ତାବର୍ଷ ଟୁର୍ ଗେମ୍‌ରେ ଖେଳିବି। କିନ୍ତୁ ମୁଁ ଦୀର୍ଘ ଦିନ ଖେଳି ଖେଳି କ୍ଲାନ୍ତ ହୋଇପଡ଼ିଲିଣି। ନିଶ୍ଚିତଭାବେ ମୁଁ ଦିନେ ଅବସର ନେଇଯିବି ବୋଲି ଚିନ୍ତା କରୁଛି। ଯେତିକି ଟୁର୍ଣ୍ଣାମେଣ୍ଟ ଖେଳିବାକୁ କମିଟ୍‌ମେଣ୍ଟ କରିଛି ତାହା ପୂରଣ କରିବି। କିନ୍ତୁ ବର୍ଷସାରା ଖେଳିବା ମୋ ପକ୍ଷେ ସମ୍ଭବ ହେବନାହିଁ। ଯଦି ଅଧିକ କ୍ଳାନ୍ତ ଅନୁଭବ କରେ, ତେବେ ଅବସର ନେବାକୁ ବାଧ ହେବି ବୋଲି ସେ କହିଛନ୍ତି। ୪୫ ବର୍ଷୀୟ ଏହି ଭାରତୀୟ ଖେଳାଳି ୩ଟି ପୁରୁଷ ଯୁଗଳ, ୩ଟି ମିଶ୍ରିତ ଯୁଗଳ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପରେ ସେ ଭାରତ ପକ୍ଷରୁ ଖେଳିବେ ନାହିଁ ବୋଲି ଘୋଷଣା କରିଥିଲେ।

## କାଇଟ୍ ସର୍ଫିଙ୍ଗରେ ଓଡ଼ିଶାକୁ ୩ ପଦକ

ଭୁବନେଶ୍ୱର, ୧।୯ (ସମିସ): ତାମିଲନାଡୁରେ ଅନୁଷ୍ଠିତ କାଇଟ୍ ସର୍ଫ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ୩ ପଦକ ମିଳିଛି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ରହିଛି। ଓଡ଼ିଶା ୟାଟିଂ ଆସୋସିଏସନରୁ ପ୍ରତିନିଧିତ୍ୱ କରି ସୌମ୍ୟଜିତ୍ ରୟ ଓ ଲୀନାରାଣୀ ଗଙ୍ଗଦେବ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଉଭୟ ୧୬ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ଭାଗନେଇଥିଲେ। ସେହିଭଳି ସିନିଅର ବର୍ଗରେ ନରେଶ ମଙ୍ଗରାଜ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ।

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ୍

## ଜୋକୋଭିଚ୍-ଫ୍ରିଜ୍, ଆଲ୍‌କାରାଜ୍-ଲେହେକା କ୍ୱାର୍ଟର ମୁକାବିଲା






ନ୍ୟୁୟର୍କ,୧।୯ (ଏଜେନ୍ସି): ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରତିଯୋଗିତାର ପ୍ରଥମ ଦୁଇଟି କ୍ୱାର୍ଟର ଫାଇନାଲରେ କିଏ କାହା ସହ ମୁକାବିଲା କରିବେ ତାହା ସ୍ଥିର ହୋଇଯାଇଛି। ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ସ୍ପେନ୍‌ର କାର୍ଲୋସ୍ ଆଲକାରାଜ ଓ ଚେକ ରିପବ୍ଲିକ୍‌ର ଜିରି ଲେହେକାଙ୍କ ମଧ୍ୟରେ ଖେଳାଯିବ। ସେହିପରି ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ଚତୁର୍ଥ ସିଡ ଆମେରିକାର ଟେଲର ଫ୍ରିଜ୍‌ଙ୍କ ସହ ୨୫ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଦୌଡ଼ରେ ଥିବା ୭ମ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ମୁକାବିଲା ହେବ। ଆଜି ରାତିରେ ଅବଶିଷ୍ଟ ୪ଟି ଚତୁର୍ଥ ରାଉଣ୍ଡ ମୁକାବିଲା ପରେ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହେବ। ଏହା ମଧ୍ୟରୁ ପ୍ରଥମ ମୁକାବିଲାରେ ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କ ସହ ଅଣସିଡେଡ ଖେଳାଳି ସ୍ୱିଜରଲାଣ୍ଡର ଲିଆଣ୍ଡ୍ରୋ ରିଏଡିଙ୍କର ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୧୦ମ ସିଡ ଇଟାଲୀର ଲୋରେଞ୍ଜୋ ମୁସେଟୀଙ୍କ ସହ ସ୍ପେନ୍‌ର ଅଣସିଡେଡ ଖେଳାଳି ସ୍ପେନ୍‌ର ଜୁଆମ ମୁନାରଙ୍କ ମଧ୍ୟରେ ଖେଳାଯିବ। ଟପ୍ ସିଡ୍ ଜାନିକ ସିନ୍ନର ଓ ଆନ୍ଦ୍ରେ ରୁବ୍‌ଲେଭ ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ବିଳମ୍ବିତ ରାତ୍ରିରେ ଲଢ଼େଇ କରିବେ।

**କ୍ୱାର୍ଟରରେ ସାବାଲେଙ୍କା, ପେଗୁଲା**

ମହିଳା ବିଭାଜରେ ଟପ୍ ସିଡ ଆରିନା ସାବାଲେଙ୍କା ଓ ଚତୁର୍ଥ ସିଡ ଜେସିକା ପେଗୁଲା ମହିଳା ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ବେଲାରୁଷର ସାବାଲେଙ୍କା ସହ ୨୬ ବର୍ଷିୟା ଚେକ୍ ପ୍ରଜାତନ୍ତ୍ରର ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କାର ଓ ଆମେରିକାର ପେଗୁଲାଙ୍କ ସହ ଚେକ୍ ରିପବ୍ଲିକ୍‌ର ବାର୍ବୋରା କ୍ରେଜିକୋଭାଙ୍କର ମୁକାବିଲା ହେବ। ଅନ୍ୟ ଦୁଇଟି ଚତୁର୍ଥ ରାଉଣ୍ଡ ମୁକାବିଲା ଆଜି ରାତିରେ ଖେଳାଯାଉଛି। ଏଥିରେ ୧୧ତମ ସିଡ୍ କାରୋଲିନା ମୁଚୋଭାଙ୍କ ସହ ୨୭ ନମ୍ବର ସିଡ ମାର୍ତ୍ତା କୋଷ୍ଟ୍ୟୁକଙ୍କର ଏବଂ ଶେଷ ମ୍ୟାଚ୍‌ରେ ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ସହ ୧୮ତମ ସିଡ୍ ବ୍ରାଜିଲ୍‌ର ବିଏଟ୍ରିଜ୍ ହାଦାଦ ମାଇଆଙ୍କର ମୁକାବିଲା ହେବ।

## ରାଜ୍ୟ ବନ୍ଧୁକଚାଳନା ଉଦ୍‌ଘାଟିତ



ଭୁବନେଶ୍ୱର, ୧।୯ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ସୁଟିଂ ରେଞ୍ଜରେ ୧୪ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ସୁଟର୍ ଅଂଶଗ୍ରହଣ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ୫୦ ମିଟର ରାଇଫଲ୍ ପ୍ରୋନ, ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ, ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ, ୨୫ ମିଟର ସ୍ପୋର୍ଟ ପିସ୍ତଲ ଓ ୨୫ ମିଟର ସେଣ୍ଟର୍ ପିସ୍ତଲ ପ୍ରତିଯୋଗିତା ୨ ଦିନ ଧରି ଚାଲିବ। ସେହିଭଳି ଉତ୍କଳ କରାଟେ ସ୍କୁଲଠାରେ ୧୦ ମିଟର ଏୟାର ରାଇଫଲ୍ ଓ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟ ସେପ୍ଟେମ୍ବର ୩ ଓ ୪ ଦୁଇଦିନ ଧରି ଆୟୋଜିତ ହେବ ବୋଲି ଜଣାପଡ଼ିଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଇଫଲ୍ ସଂଘର ସଭାପତି ସୁଶ୍ରୀ ଗୌରୀ ମହାନ୍ତି, ଉପସଭାପତି ଇଂ ଚିତ୍ତରଞ୍ଜନ ଓ ରୋମିକାନ୍ତ ନନ୍ଦ, ଯୁଗ୍ମ ସମ୍ପାଦକ ଆଶିଷ ନାୟକ, କୋଷାଧ୍ୟକ୍ଷ ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସୁଟର୍ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ।

ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ


## ନବରଞ୍ଜନ ସଭାପତି; ପ୍ରଫୁଲ୍ଲ ସମ୍ପାଦକ



ଭୁବନେଶ୍ୱର, ୧।୯ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏସନର ୩ୟ ସାଧାରଣ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚଳିତ ବର୍ଷ ନିମନ୍ତେ ନବରଞ୍ଜନ ପଟ୍ଟନାୟକ ସଭାପତି, ପ୍ରଫୁଲ୍ଲ କୁମାର ମିଶ୍ର ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ବିରଞ୍ଚି ନାରାୟଣ ମହାନ୍ତି, ବିବେକାନନ୍ଦ ଦାସ, ସୁକାନ୍ତ ଆଚାର୍ଯ୍ୟ, ପ୍ରଦୀପ କୁମାର ବଳିୟାରସିଂ ଓ ପ୍ରଦୀପ କୁମାର ଦଣ୍ଡପାଟଙ୍କୁ ମନୋନୀତ କରାଯାଇଛି। ଚିନ୍ମୟ କୁମାର ଦାଶ ଓ ପ୍ରଶାନ୍ତ କୁମାର ପ୍ରଧାନ ସହ-ସମ୍ପାଦକ, ଶ୍ରୀମନ୍ତ କୁମାର ମହାନ୍ତି କୋଷାଧ୍ୟକ୍ଷ ଏବଂ ଶ୍ରୀକାନ୍ତ ସାହୁ, ବିଳାସ ଚନ୍ଦ୍ର ବେହେରା, ଅଶୋକ କୁମାର ରାଉତରାୟ, ମଧୁସୂଦନ ଦାସ, ପ୍ରଦୀପ କୁମାର ଦାସ, ଦେବାଶିଷ ନାୟକ, ପ୍ରସନ୍ନ ଦାସ, ମହେଶ୍ୱର ସିଂ ଓ ବିଜୟ ବେହେରା କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ଅଧିବେଶରେ ୫୦ରୁ ଊର୍ଦ୍ଧ୍ୱ ସଂଖ୍ୟାରେ ପୁରାତନ ଖେଳାଳି ଉପସ୍ଥିତ ରହିଥିଲେ।

ବିଶ୍ୱ ଚ୍ୟାଲେଞ୍ଜ କପ୍

## ଓଡ଼ିଶା ଏଚ୍‌ପିସିରୁ ଭାଗନେବେ ୪ ଜିମ୍ନାଷ୍ଟ




ଭୁବନେଶ୍ୱର,୧।୯ (ସମିସ)

ଫ୍ରାନ୍ସ ଓ ହଙ୍ଗେରୀରେ ଏଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ୧୧ ଜଣିଆ ଭାରତୀୟ ଦଳ ଫ୍ରାନ୍ସ ଯାତ୍ରା କରିଛି। ଏହି ଦଳରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚ୍‌ପିସିର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ତପନ ମହାନ୍ତି, ପ୍ରଣତୀ ନାୟକ, ତପେଶ୍ୱରନାଥ ଦାସ ଓ ତନୁ। ଜୁଲାଇ ୨୨ରୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ଏଚ୍‌ପିସିରେ ଜାତୀୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଏହି ୪ଜଣ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ତପନ ଓ ତପେଶ୍ୱର ସେପ୍ଟେମ୍ବର ୧୩ରୁ ପ୍ୟାରିସରେ ହେବାକୁ ଥିବା ବିଶ୍ୱ ଚ୍ୟାଲେଞ୍ଜ କପ୍‌ର ପୁରୁଷ ଜିମ୍ନାଷ୍ଟିକ୍ସରେ ଭାଗନେବେ। ଏହାପରେ ଉଭୟ ସେପ୍ଟେମ୍ବର ୨୬ରୁ ହଙ୍ଗେରୀରେ ହେବାକୁ ଥିବା ଇଭେଣ୍ଟରେ ମଧ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ସେହିଭଳି ପ୍ରଣତୀ ଓ ତନୁ ହଙ୍ଗେରୀର ଚ୍ୟାଲେଞ୍ଜ କପ୍‌ର ମହିଳା ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ଅଶୋକ କୁମାର ମିଶ୍ର ପ୍ୟାରିସରେ ହେବାକୁ ଥିବା ଫରେନ ଏକ୍ସପୋଜର କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି।

## ଜାତୀୟ ବାହୁକୁସ୍ତିରେ ଚନ୍ଦନ 'ଚାମ୍ପିଅନ ଅଫ୍ ଚାମ୍ପିଅନ'



ଭୁବନେଶ୍ୱର, ୧।୯ (ସମିସ): ପଞ୍ଜାବର ଲୁଧିଆନାରେ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାର ୪୭ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକର ଚନ୍ଦନ ମହାପାତ୍ର ଉଭୟ ୟୁଥ୍ ଓ ସିନିଅରବର୍ଗରେ 'ଚାମ୍ପିଅନ ଅଫ୍ ଚାମ୍ପିଅନ' ହୋଇଛନ୍ତି। ଚନ୍ଦନ ୧୦୦ କିଗ୍ରା ଡାହାଣ ହସ୍ତ ୟୁଥ୍ ଓ ସିନିଅରରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଅଫଜଲ ଅଲି, ଫୈଜାନ ଅହମ୍ମଦ, ଆଲୋକ ମହାପାତ୍ର, ପ୍ରବୀର ଷଡ଼ଙ୍ଗୀ କାଂସ୍ୟ ପଦକ ହାସଲ କରିଥିଲେ। ମାଷ୍ଟର୍ସ ବର୍ଗରେ ନିର୍ମଳ ସାହୁ ସ୍ୱର୍ଣ୍ଣ, ସାଗର ନାୟକ ରୌପ୍ୟ, ସନତ ମାହାର କାଂସ୍ୟ ଓ ଭିନ୍ନକ୍ଷମ ବର୍ଗରେ ଶୁଭଜିତ୍ ପାଢ଼ୀ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS